

## ଦ୍ୱିତୀୟ ଭାଗ

ଲେଖକ:—ଶ୍ରୀ ଚନ୍ଦ୍ରମଣି ଦାସ

ନଂ ...
ରାଉରକେଲା

ପ୍ରକାଶକ - ଜଗନ୍ନାଥ ପୁସ୍ତକାଳୟ

# ନଷ୍ଟନୀଡ଼

## ଦ୍ୱିତୀୟ ଭାଗ

ମହେନ୍ଦ୍ର ବାବୁ ନିତ ମାଳତୀକୁ ପଚାରନ୍ତି, "ମୋତେ ତ ସେ ଦିନୁ କହିଲଣି ସେଠାକୁ ନେଇ ଯିବାକୁ, କାହିଁ ଏ ପର୍ଯ୍ୟନ୍ତ ତ କିଛି ଖବର ଦେଲ ନାହିଁ ?" ମାଳତୀ ମୁରୁକି ହସିଦେଇ—"ଆଉ ବେଶୀ ହେଲେ ଦୁଇଦିନ କି ତିନିଦିନ ଅପେକ୍ଷା କରନ୍ତୁ । ମୁଁ ତ ବଳେ ଆପଣଙ୍କୁ ଯିବାଦିନ ଜଣାଇ ଦେବି ।"

ତିନିଦିନ ପରେ ନିଦ୍ଦେ ରାତି । ମାଳତୀ ମହେନ୍ଦ୍ର ବାବୁଙ୍କ ଗୋଡ଼ ଘଷି ଦେଉଁ ଦେଉଁ କହିଲା—"ଆପଣ କବାଟ ଅଜାଡ଼ି ଶୋଇଥାନ୍ତୁ, ମୁଁ ଅଧଘଣ୍ଟା ମଧ୍ୟରେ ଗୋଟାଏ ଜାଗାରୁ ଆପଣଙ୍କ ଯିବା ଖବର ବୁଝି ଆସୁଛି ।" ମହେନ୍ଦ୍ର ବାବୁ ହଠାତ୍ ତା'ହାତ ଧରି ପକାଇ କହିଲେ—"ନା, ନା, ତମେ ଏତେ ଅନ୍ଧାର ରାତିରେ ଏକୁଟିଆ ଯାଅ ନାହିଁ । ସମସ୍ତେ ତ ନିଦରେ ଶୋଇଲେଣି, ଚାଲ ମୁଁ ବି ତମ ସାଙ୍ଗରେ ଯିବି, ସାଙ୍ଗେ ସାଙ୍ଗେ ଫେରି ଆସିବା ।

ମାଳତୀ ବଡ଼ ଅଡ଼ୁଆରେ ପଡ଼ି ଟିକିଏ ରହି କହିଲା—"ଆପଣ ଶୁଅନ୍ତୁ, କାହିଁକି ମୋ ସାଙ୍ଗରେ ଯିବେ । ଭାଲେ ଯଦି କିଏ ଉଠିବ, ତାହାହେଲେ ବଡ଼ ଖରାପ କଥା ହେବ, ମୁଁ ଫେରି ଆସିବି ଯେ ।"

ମହେନ୍ଦ୍ରବାବୁ ତା' ମନ ରଖିବା ପାଇଁ ଏତକ ପଚ୍ଛୁଥିଲେ କାରଣ ମାଳତୀ ଯେଉଁଠୁ ଖବର ବୁଝିବାକୁ ଯାଉଛି, ସେ ତ ସେ-ଜାଗା ଆଗରୁ ଦେଖିଛନ୍ତି···ସେ ସ୍ଥାନର ମାହାତ୍ମ୍ୟ ଭଲ କରି ବୁଝିଛନ୍ତି; ତେଣୁ ସେ ମାଳତୀକୁ ଆଉ କିଛି କହିଲେ ନାହିଁ । ମାଳତୀ କବାଟ ଅଉଜାଇ ପଦାକୁ ଆସିଲା, ମହେନ୍ଦ୍ର ବାବୁ ତା ସାଙ୍ଗେ ସାଙ୍ଗେ ଉଠି ଆସି ତାର ସୁଗୋଲ ବାହୁଟିକୁ ଚିପି ଦେଇ କହିଲେ—"ମୁଁ ଅନାଇ ଶୋଇଛି, ତମେ ଚଞ୍ଚଳ ଫେରି ଆସିବ ।"

ମାଳତୀ ଅନ୍ଧାର ଭିତରେ ହସି ଦେଇ ଅନ୍ଧାରେ ଅନ୍ଧାରେ କୁଆଡ଼େ ଉଭେଇ ଗଲା । ମହେନ୍ଦ୍ର ବାବୁ କବାଟ ଅଉଜାଇ ଆସି ଖଟ ଉପରେ ଶୋଇଲେ, ମାଳତୀ ତାଙ୍କର ଯିବା କଥା ବୁଝିବାକୁ କହିବା ବେଳଠୁଁ ତାଙ୍କ ମନଟା କେମିତି ଗୋଟାଏ ଅଜଣା ଭୟରେ ଟଳି ଯାଇଛି । ସେ କୋଠାର କଡ଼ିଗୁଡ଼ାକ ଆଡ଼େ ଅନାଇ ଭାବି ଚାଲିଛନ୍ତି···କିଏ ଜାଣେ କପାଳରେ ଯେ କ'ଣ ଅଛି । ଡକାୟତଙ୍କ ଦଳ ଭିତରୁ ଖବର ଅନ୍ତର ନେଇ ପୁଣି ଥରେ ନିଜର ଲୋକଙ୍କ ପାଖକୁ ଫେରି ଆସିବା ଯାହା, ଥରେ ମରି ପୁଣି ଥରେ ବଞ୍ଚିବା କଥା ଠିକ୍ ସେଇଆ, ସେହି ଭଳି ଆଶ୍ଚର୍ଯ୍ୟ । ସେମାନେ ଟିକିଏ ଯଦି ସୂଚନା ପାଆନ୍ତି, ମୁଁ ତାଙ୍କୁ ଧରିବାକୁ ବା ତାଙ୍କ ସର୍ବନାଶ କରିବାକୁ ଆସିଛି, ତାହାହେଲେ ମୋର ମୁଣ୍ଡ ଏ ଦେହ ସଙ୍ଗରେ ସେମାନେ ରଖିବେ ତ ? ତାଙ୍କର ସ୍ଥିତ ଭୟରେ ଥରି ଉଠିଲା । ଭାବିଲେ, ନା, ସେ ଜାଣୁ ଜାଣୁ ମୃତ୍ୟୁକୁ ବରଣ କରି ଆଣିବେ ନାହିଁ···ଆଖି ଆଗେଇଁ ଆଗେଇଁ ଜଳନ୍ତା ଅଗ୍ନି କୁଣ୍ଡକୁ ଡେଇଁବେ ନାହିଁ । ଏ ଚାକିରି ସେ ଛାଡ଼ିଦେବେ; କିନ୍ତୁ ପରମୁହୂର୍ତ୍ତରେ ଏ ରହସ୍ୟ-

ଜନକ ଘଟଣା ଭେଦ କରିବା ପାଇଁ ମନରେ ଭାରି କୁତୂହଳ ଆସେ—ଆଗ୍ରହ ଆସେ – ମନ ଭିତରୁ ପୁଣି ସାହସ ସଞ୍ଚରି ଉଠେ । ଇମିତି ଏପାଖ ସେପାଖ କେତେ କ'ଣ ଭାବୁ ଭାବୁ ଅଚାନ୍ତ କବାଟ ମୁକୁଳା ହେଲା । ମହେନ୍ଦ୍ର ବାବୁ ଭାବନା ରାଇଜରୁ ଫେରିଆସି ଦୁଆର ମୁହଁକୁ ଅନାଇଁ ଦେଲେ, ମାଳତୀ କବାଟ ଦେବାକୁ ଜଞ୍ଜିର ହାତରେ ଧରି ଠିଆ ହୋଇ ହସୁଛି ।

ମହେନ୍ଦ୍ର ବାବୁ ବିଛଣାରୁ ଉଠିପଡ଼ି କହିଲେ—"ଏତେବେଳ ଯାଏ କ'ଣ କରୁଥିଲ ? ମୁଁ ଅନାଇଁ ଅନାଇଁ ଭାବୁଥିଲି, ତମେ ଯେଉଁଠିକୁ ଯାଇଥିଲ, ସେ ଜାଗାଟା ଯଦି ମୁଁ ଦେଖି ଥାଆନ୍ତି, ତାହାହେଲେ ତମକୁ ଆଣିବାକୁ ମୁଁ ଚାଲି ଯାଇଥାନ୍ତି । ହଉ, ହଉ କବାଟ ଦେଇ ଚଞ୍ଚଳ ଆସ ।"

ମାଳତୀ ହାତର କାଣି ଅଙ୍ଗୁଠିଟାକୁ ମୁହଁ ପାଖରେ ଦେଖାଇ ବିସ୍ମିତ ହୋଇ କହିଲା—"ଏତେ ପାଟି କରୁଛ ନା, ଚୁପ । କିଏ ଯଦି ଉଠିବ ।" ମହେନ୍ଦ୍ର ବାବୁ ଟିକିଏ ହସି ଦେଇ ପାଟି ବନ୍ଦ କରି ଠାରିଲେ, "ହଉ, ଆଗେ ଖଟ ପାଖକୁ ଆସ ।"

ମାଳତୀ କବାଟ ଜଞ୍ଜିରଟା ଅଚାନ୍ତ ଦେଇ ଗୋଡ଼ ଟିପି ଟିପି ଖଟ ପାଖକୁ ଗଲା । ମହେନ୍ଦ୍ର ବାବୁ ବଡ଼ ଆଗ୍ରହରେ ଏକ ରକମ ତାକୁ ଖଟ ଉପରକୁ ଉଠାଇ ଆଣି, ତା' ବେକ ଚାରିପାଖରେ ନିଜ ବାଁ ହାତଟିକୁ ବୁଲାଇ ଚୁପ ଚୁପ କରି ପଚାରିଲେ, "ଆଜକୁ ପ୍ରାୟ ଦା୧୫ନ ହେବ ମୋତେ ଠକି ୨ ଅସିଲଣି, ଆଜି ମୋ ଯିବା କଥା କ'ଣ ବୁଝିଲ ଶୁଣେ ?"

ମାଳତୀ ତାଙ୍କର ଛାତି ଆଡ଼କୁ ଆଉରି ଟିକିଏ ଆଉଜି ଯାଇ ବଡ଼ ଅଭିମାନ କଲା ପରି ଚୁପ କରି କହିଲା—"ଆଚ୍ଛା ମୋ ଦେହ ଛୁଇଁ କହିଲ, ସେଠିକୁ ଯିବା ପରେ ମୋତେ ଭୁଲିଯିବ କି ନାହିଁ ?

ସେଠି ଯେତେ ଯେତେ ସୁନ୍ଦରୀ ତରୁଣୀ ଅଛନ୍ତି, ତାଙ୍କୁ ଦେଖି ମୋତେ ଯଦି ଭୁଲିଯାଅ ?”

ମହେନ୍ଦ୍ର ବାବୁ ମାଳତୀକୁ ଅଉରି ଟିକିଏ ପାଖ ଆଡ଼କୁ ଟାଣି ଆଣି କହିଲେ, “କାହିଁକି ? ଏକଥା ତ ଦିନେ ମୁଁ ତମ ମୁହଁରୁ ଶୁଣି ନାହିଁ । ତମକୁ ଭୁଲିବି ନାହିଁ । ଏ କଥା ତମେ କ'ଣ ଏତେଦିନ ଯାଏ ଜାଣି ପାରି ନାହିଁ । ଚନ୍ଦ୍ର ସୂର୍ଯ୍ୟ ଓଲଟି ଗଲେ ବି ମୁଁ ତମ ଛଡ଼ା ଆଉ କାହାକୁ ଆଖି ଟେକି ଚାହିଁବି ନାହିଁ । ତମେତ ମୋ ସାଙ୍ଗରେ ଥିବ, ଦେଖିବ ନାହିଁ ମୋ କଥା ସତ କି ମିଛ ?”

ମାଳତୀ ମୁହଁ ଉଜ୍ଜ୍ୱଳ ଉଠିଲା । ଅସ୍ତେ କହିଲା—“ଆଉ ମୋଟେ ଦୁଇଦିନ ପରେ ଆପଣ ସେଠିକୁ ଯିବେ । କେଉଁଠୁ ଆପଣ କପର ଯିବେ, ସେ କଥା ମୁଁ ଠିକ୍ କରିଛି, ମୁଁ ନିଜେ ଆପଣଙ୍କ ସାଙ୍ଗରେ ଯାଇ ସବାରି ଚଢ଼ାଇ ଦେଇ ଆସିବି ।

ମହେନ୍ଦ୍ର ବାବୁଙ୍କ ଛାତି ଥରି ଉଠିଲା । ମୋଟେ ଆଉ ଦୁଇଦିନ ପରେ କେଉଁ ଅଜଣା ସ୍ଥାନକୁ ଚାଲିଯିବେ । ତାଙ୍କ ଆଖି ଆଗରେ ଝଲସି ଉଠିଲା···ସେଦିନକାର ମୁଣ୍ଡହୀନ ଦୁଇଟା ଗଣ୍ଡିର ଭୀଷଣ ଦୃଶ୍ୟ । ତାଙ୍କ କପାଳରେ ସେଭଳି ନାହିଁ ତ ! ସେ ବଡ଼ ବିବ୍ରତ ହୋଇ ପଡ଼ିଲେ; କିନ୍ତୁ ପର ମୁହୂର୍ତ୍ତରେ ସବୁ ଭାବନାକୁ ସମ୍ଭାଳିନେଇ ମାଳତୀ ଆଡ଼କୁ ଅନାଇ କହିଲେ—“ବେଶ୍, ଏତେଦିନକେ ମନରୁ ଗୋଟାଏ ଚିନ୍ତା ଗଲା । ମାଳତୀ, ତମର ଏ ଉପକାର ମୁଁ ଜୀବନରେ ସୁଝାଇ ପାରିବି ନାହିଁ । ତମେ ପରା କହୁଥିଲ କାଳୀ ପଟ୍ଟନି ଏଙ୍ଗରେ ସ୍ୱାମୀ ବାବାଙ୍କୁ ଆଉ କ'ଣ ଉପହାର ଦେବାକୁ ? ମୋତେ କହିଲେ, ମୁଁ କାଲି ସେ ସବୁ ଯୋଗାଡ଼ କରିଦେବି ।”

ମାଳତୀ ଟିକିଏ ହସି ଦେଇ କହିଲା—"ମଲା, ଆପଣ ନ ସ୍ୱାମୀ ବାବାଙ୍କୁ ନ ଦେଖି, ସେ ଜାଗାର ଭଲ ମନ୍ଦ ନ ବୁଝି ସ୍ୱାମୀ ବାବାଙ୍କର ଏତିକି ଦେଳୁ ପକ୍ଷାଶିଷ୍ୟ ପାଲଟି ଗଲେଣି । ସେଠିକି ଗଲେ ତ ମୁଁ ଭାବୁଛି, ଦୁନିଆ ଭୁଲିଯିବେ !" ମହେନ୍ଦ୍ର ବାବୁ ଆନନ୍ଦରେ ମାଳତୀର ଓଠଟିକୁ ହଲାଇ ଦେଇ କହିଲେ—"ହଁ ଦୁନିଆକୁ ଭୁଲିଯାଇ ପାରେ; କିନ୍ତୁ ତମକୁ ମୁଁ କେବେ ଭୁଲି ପାରିବି ନାହିଁ । ମୋ ରାଣୀ, କହ—ସ୍ୱାମୀ ବାବାଙ୍କୁ ଉପହାର ଦେବାକୁ ପ୍ରଥମେ ଆଉ କଣ କଣ ଲୋଡ଼ା ?" ମାଳତୀ ଭାରି ଖୁସି ହୋଇ କହିଲା, "ନା କାଳୀଙ୍କ ପୀଠ ତ ଅଛି, ଆଉ ବିଶେଷ କିଛି ଲୋଡ଼ା ନାହିଁ । କେବଳ ଗୋଟାଏ ବଡ଼ ଛୁରୀ ଏବଂ ଦୁଇ ତିନୋଟା ଭଲ ମନ୍ଦ ବୋତଲ ହେଲେ ଚଳିବ । ଇଂରେଜମାନେ ଯେଉଁ ବଡ଼ ବଡ଼ ତିଣ ଚକିଆ ଛୁରୀ ବିକି ଅଛନ୍ତି, ସେହି ଛୁରୀରୁ ଗୋଟାଏ ହେଲେ ଚଳିବ ।"

ମହେନ୍ଦ୍ର ବାବୁଙ୍କର ଦେହ ଛୁରୀ ନାଁ ଶୁଣି ଶୀତେଇ ଉଠିଲା; କିନ୍ତୁ ଉପରେ ଉପରେ ଭାରି ଆନନ୍ଦ ହୋଇ କହିଲେ—"ଏତିକି ମାତ୍ର ? ଆଚ୍ଛା ମୁଁ କାଲି ସକାଳୁ ଯାଇଁ କିଣି ଆଣିବି; କିନ୍ତୁ କିପରି ସ୍ୱାମୀବାବାଙ୍କୁ ଦେବାକୁ ହେବ, କିପରି ତାଙ୍କୁ ପ୍ରଣାମ କରିବାକୁ ପଡ଼ିବ, ସେ କଥା ମୁଁ କିଛି ଜାଣେ ନା; ତମେ ମୋ ସଙ୍ଗେ ସଙ୍ଗେ ଥାଇ ସବୁ ବତାଇ ଦେବ ।"

ମାଳତୀ କହିଲା—"ସେ କଥା ପାଇଁ କାହିଁକି ଭାବନା ପଡ଼ୁଛି, ଲୋକ ଅଛନ୍ତି ସବୁ ବତାଇ ଦେବେ ।" ମହେନ୍ଦ୍ର ବାବୁ କହିଲେ—"କାହିଁକି ତମେ ତ ମୋ ସଙ୍ଗେ ସଙ୍ଗେ ଥିବ ।" ମାଳତୀ କହିଲା—"ଆପଣଙ୍କର ସେଠି ଗଲେ ମାତ୍ର କିଛି ଅସୁବିଧା ହେବ ନାହିଁ । ମୁଁ କେବଳ ଗୋଟାଏ ଜାଗାରେ ଆପଣଙ୍କୁ ସବାରେ ବସାଇ ଦେଇ ଯିବି । ଆଉ ବେଶୀ ହେଲେ ୧୦ । ୧୫ ଦିନ ପରେ ସେଠାରେ

ଆପଣଙ୍କ ସଙ୍ଗରେ ମୋର ଦେଖା ସାକ୍ଷାତ । ଏଠି ଅହୁରି କେତେକ କାମଅଛି । ମନରେ କିଛି ଭାବନ୍ତୁ ନାହିଁ, ଆପଣଙ୍କର କିଛି ଅସୁବିଧା ହେବ ନାହିଁ । ଆପଣ ଦିନେ ମାତ୍ର ସେଠି ରହିଲେ ଦୁନିଆକୁ ଭୁଲିଯିବେ ଯେ ! ବର୍ତ୍ତମାନ ବହୁତ ରାତି ହେଲାଣି ଶୋଇ ପଡ଼ନ୍ତୁ ।" ମହେନ୍ଦ୍ର ବାବୁ ଆଉ କ'ଣ କହିବା ପୂର୍ବରୁ ମାଳତୀ ଆଲୁଅ ଲିଭାଇ ସାରିଥିଲା ।

ତହିଁ ଆରଦିନ ସକାଳ; ମହେନ୍ଦ୍ର ବାବୁ ଜଳଖିଆ ଖାଇସାରି ଗୋଟାଏ ଛୁଟା କିଣିବାପାଇଁ ବଜାରକୁ ବାହାରିଲେ ଏବଂ ଗଲାବେଳେ ପ୍ରାଣଧନ ବାବୁଙ୍କ ସ୍ତ୍ରୀ ସୁରବାଳାଙ୍କୁ କହିଗଲେ— ଅଫିସରେ ଆଜି ବେଶୀ କାମ ଅଛି, ଫେରୁ ଫେରୁ ଗୃଭଠା । ତାଙ୍କପାଇଁ ଖାଇବାକୁ ରଖିବେ ନାହିଁ । ଯାଉ ଯାଉ ବାଟରେ ଭାବି ଭାବି ଚାଲିଥାନ୍ତି, ସେ ଜାଣୁ୨ ମରଣ ମୁହଁକୁ ଯିବେ କାହିଁକି ? ମାଳତୀକୁ ଧରାଇ ଆଣି ତା' ଉପରେ ପରସ୍ତେ ମାଡ ବସେଇଲେ ତ ସେ ସବୁ ଗୋଟି୨ କରି କହିଯିବ । ତେଣିକି ସେ ଡକାୟତ ଦଳଟା ପୋଲିସ ସନ୍ଧାନରୁ ଖସିଯିବା ସହଜ ନୁହେଁ । କିନ୍ତୁ ପରମୁହୂର୍ତ୍ତରେ ତାଙ୍କର ମନେ ପଡ଼ିଲା, କଥା କହୁ୨ ମାଳତୀ କେତେଥର କହିଛି ... ସ୍ୱାମୀବାବାଙ୍କର ଯେଉଁମାନେ ଶିଷ୍ୟ, ସେମାନଙ୍କ ପାଖରେ ଏପରି ହଳାହଳ ବିଷ ଅଛି ଯେ, କୌଣସିଠାରେ ଧରା ପଡ଼ିବାର ଭୟ ପାଇଲେ ସେମାନେ ସଙ୍ଗେ ସଙ୍ଗେ ସେ ବିଷ ପାଟିରେ ଦେଇ ମରିଯିବେ । ମାଳତୀ କମ ସେଆଣୀ ନୁହେଁ, ଯଦି ପୋଲିସ ଧରିବା ପରମୁହୂର୍ତ୍ତରେ ତାକୁ ପାଟିରେ ଦିଏ, ତାହାହେଲେ ଏତେ ପରିଶ୍ରମ ବୃଥା ହୋଇଯିବ । ଇମିତ କେତେ କଣ ଭାବି ଭାବି ଠିକ୍ କଲେ, ଯାହା କରମରେ ଥିବ ହେବ ପଛକେ, ସେ ସେଠିକୁ ଯିବେ । ଆୟୁଷ ଥିଲେ ଫେରିବେ, ନଚେତ୍ ନାହିଁ ।

ତା'ପରେ ସେ ସିଧା ଚାଲିଲେ ଗୁପ୍ତବିଭାଗୀୟ ପୋଲିସ ସାହେବଙ୍କ ପାଖକୁ । ପୋଲିସ ସାହେବ ତାଙ୍କୁ ଆଗ୍ରହରେ ବସାଇ କେତେ କଥା ପଚାରିଲେ । ମହେନ୍ଦ୍ର ବାବୁ ବିଶେଷ କିଛି ନ କହି କହିଲେ—"ଏ କେଶଟା କମ୍ କଥା ନୁହେଁ । ଧରାପଡ଼ିବାର ଖୁବ୍ ସମ୍ଭାବନା; କିନ୍ତୁ ବଡ଼ କଷ୍ଟକର । ମୁଁ ମୋ ଜୀବନକୁ ପାଣିଛଡ଼ାଇ ତାହା କରିବାକୁ କାଲିଠାରୁ ଯାଉଛି । ମୁଁ ଯେତେ ଶୀଘ୍ରପାରେ ବଖିଗଲେ ସମସ୍ତ ଖବର ଗୁପ୍ତଭାବେ ଏଠିକୁ ଜଣାଇବି ।" ମହେନ୍ଦ୍ର ବାବୁ ଜୀବନକୁ ପାଣି ଛଡ଼ାଇ ଏଡ଼େ ବଡ଼ କେଶ୍‌ଟା ଧରିବାକୁ ଯାଉଥିବାରୁ, ପୋଲିସ ସାହେବ ତାଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ଭବିଷ୍ୟତର କେତେ ରଙ୍ଗିନ ଆଶା ତାଙ୍କ ଆଗରେ ଆଙ୍କିଗଲେ । ତା' ପରେ ମହେନ୍ଦ୍ର ବାବୁ ବିଦାୟ ନେଇ ଗୋଟାଏ ବଡ଼ ଛୁରୀ କିଣିବାକୁ ବଜାରକୁ ଆସିଲେ ।

ମହେନ୍ଦ୍ର ବାବୁ ବଜାରରୁ ବସାକୁ ଫେରୁଫେରୁ ପ୍ରାୟ ପାଞ୍ଚଟା । ପ୍ରାଣଧନ ବାବୁ ମାଲି ମକଦ୍ଦମା କାମନେଇ କୌଣସି ଗଡ଼ଜାତକୁ ଯାଇଥାନ୍ତି, ସେଥିପାଇଁ ଘରେ ସ୍ୱାଧୀନତା ଉପଭୋଗ କରିବାରେ ସମସ୍ତେ ବ୍ୟସ୍ତ । ମହେନ୍ଦ୍ର ବାବୁ ଫାଟକ ଫିଟାଇ ଭିତରକୁ ପଶି ଆସିଲାକ୍ଷଣି ଚୁନି ବଗିଚାରୁ ଭିତରୁ ଡାକିଲା—"ମହେନ୍ଦ୍ରବାବୁ, ଆପଣଙ୍କ ଅଫିସରେ କଣ ଏତେ କାମ ପଡ଼ୁଛି ଯେ, ଅଖିଆ ଅପିଆ ସେଆଡ଼େ ରହୁଛନ୍ତି ?"

ମହେନ୍ଦ୍ର ବାବୁ ଅନ୍ୟମନସ୍କ ହୋଇ ତାଙ୍କର ଭବିଷ୍ୟତ କଥା ଭାବୁଥିଲେ । ସେ ହଠାତ୍ ବଗିଚା ଭିତରକୁ ଅନାଇଁ ଦେଇ ଦେଖିଲେ. ଚୁନି ଭଲ ନାଲିଜରିଆ ନୀଳଶାଢ଼ୀ ଖଣ୍ଡେ ପିନ୍ଧି ଗୋଲାପ ଗଛରୁ ଗୋଟାଏ ଫୁଲ ଛିଣ୍ଡାଇ ଛିଣ୍ଡାଇ ତାଙ୍କର ଆଡ଼େ ଅନାଇଛି । ମହେନ୍ଦ୍ର ବାବୁ ଚୁନିକୁ ଦେଖି ପକାଇଲାକ୍ଷଣି ତାଙ୍କର ଭାବନା ସବୁ ଅଦଳ ବଦଳ ହୋଇଗଲା । ଚୁନିର ସୁନ୍ଦର ବେଶଭୂଷା, ସୁଡ଼ୌଲ

ମୁହଁ, ଚଞ୍ଚଳ ଚାହାଣି, ଉଚ୍ଛଳ ଯୌବନ, ତାଙ୍କ ମନରେ କ୍ଷଣେକ-ପାଇଁ କେତେ ରଙ୍ଗିନ ଆଶା ଆଙ୍କିଦେଲା । ସେ ସିଧା ଘର ଆଡ଼କୁ ନ ଆସି ବଗିଚା ଭିତରକୁ ଗଲେ, ଆଉ ଝୁନୁ କଥାର ଉତ୍ତର ଦେବାକୁ ଯାଇଁ କହିଲେ—ଅଫିସରୁ ଜଣେ ବାବୁ ଛୁଟି ନେଇଛନ୍ତି; ତାଙ୍କର ପାଇଁ ଅଧିକା କାମ କରିବାକୁ ପଡ଼ୁଛି । ଝୁନୁ ଅଧରରେ ମୃଦୁ ହସ ଆଙ୍କି ମନଭୁଲା ଭଙ୍ଗିରେ ମୁହଁ ହଲାଇ କହିଲା—"ବେଶ୍ ଅଛି, ଅଫିସରୁ ଜଣେ କିଏ ଛୁଟି ନେଇଛି ବୋଲି ତ ଆପଣ ଓଳାଏ ଉପାସ ରହୁଛନ୍ତି, ଆଉ ଦି'ଜଣ କିଏ ଛୁଟି ନେଲେ ତ ଆପଣ ଆହାର ନିଦ୍ରା ବି ଛାଡ଼ି ଦିଅନ୍ତେ !" ମହେନ୍ଦ୍ର ବାବୁ ଟିକିଏ ହସି କହିଲେ—"ନାଁ ସବୁଦିନେ କ'ଣ ଏପରି ହେଲେ ଆଉ ଚଳିବ ? ଝୁନୁ ଏଥି ମଧ୍ୟରେ ଗୋଟିଏ ସୁନ୍ଦର ବଡ଼ ସଜ ଗୋଲାପ ଛିଣ୍ଡାଇ ମହେନ୍ଦ୍ର ବାବୁଙ୍କ ହାତକୁ ବଢ଼ାଇ ଦେଇ ହସି ହସି କହିଲା— "ଆପଣ ସକାଳଠାରୁ କାଗଜ ପତ୍ର ଘାଣ୍ଟି ଘାଣ୍ଟି ବହୁତ କ୍ଳାନ୍ତ ହୋଇ ପଡ଼ିଛନ୍ତି, ଏହି ଗୋଲାପ ଫୁଲଟି ନିଅନ୍ତୁ, ଆପଣଙ୍କର କ୍ଳାନ୍ତି କେତେକ ପରିମାଣରେ ଦୂର ହୋଇଯିବ ।"

ମହେନ୍ଦ୍ର ବାବୁ ଆଦରରେ ସେଇଟି ଝୁନୁ ହାତରୁ ନେଇ ତା'ର ଆଡେ ଚାହିଁ ରହିଲେ—ଝୁନୁ ମଧ୍ୟ ତାଙ୍କର ଆଡ଼େ ଟିକିଏ ହସନ୍ତ ଚାହାଣି ଚାହିଁ କହିଲା —"ଆପଣ ଆଗ ଯାଆନ୍ତୁ ଜଳଖିଆ ଖାଇବେ; ଖୁବ୍ ଭୋକ କରିବଣି ।"

ମହେନ୍ଦ୍ର ବାବୁ ଝୁନୁର ବୋଲ ମାନି ଫେରି ଆସିଲେ ସିନା; କିନ୍ତୁ ତାଙ୍କର ଆସିବାକୁ ଆଦୌ ଇଚ୍ଛା ହେଉ ନଥାଏ । ସେ ଭାବୁ-ଥାନ୍ତି ଝୁନୁ ପାଖରେ ଯଦି ସେ ଦିନସାରା ରହନ୍ତେ, ତାହାହେଲେ ତାର ମନଭୁଲା ମୁଖଟିକୁ ଦେଖି ତାଙ୍କର ଭୋକ ଶୋଷ କୁଆଡ଼େ ଉଭେଇ ଯାଆନ୍ତା । ତାଙ୍କ ମନ ଚଞ୍ଚଳତାରେ ପୂର୍ଣ୍ଣ ହୋଇଗଲା ! ଛି, ଛି, କର୍ତ୍ତବ୍ୟ କରିବାକୁ ଯାଇଁ ଗୋଟାଏ ଗୁଜରଣୀ ଲାଗିବେ !

ସେହିଦିନ ରାତି । ମହେନ୍ଦ୍ର ବାବୁ ଉପରକୁ ଯାଇଁ ଶୋଇଛନ୍ତି ଆଖିକୁ ଟିକିଏ ସୁଦ୍ଧା ନିଦ ନାହିଁ । ସେ ଭାବି ଚାଲିଛନ୍ତି···ତାଙ୍କର ଭବିଷ୍ୟତ କଥା । ଚାକର ବାକର ପ୍ରାୟ ଅଧଘଣ୍ଟା ହେଲା ଶୋଇ-ଲେଣି । ଚାରିଆଡ଼ ଅନ୍ଧାର । ମାଳତୀ, ସମସ୍ତେ ଶୋଇଲେଣି ଜାଣି ଆସ୍ତେ ସେ ଘରକୁ ଆସିଲା । ମହେନ୍ଦ୍ର ବାବୁଙ୍କର ଭାବନା କୁଆଡ଼େ ଉଭେଇ ଗଲା । ସେ କବାଟ ବନ୍ଦ କରି ତାଙ୍କ ପାଖକୁ ଆସିବାକୁ ମାଳତୀକୁ ଡାକିଲେ । ମାଳତୀ ହସି ହସି କବାଟ ବନ୍ଦ କରି ତାଙ୍କ ପାଖରେ ଯାଇଁ ବସିଲା । ମହେନ୍ଦ୍ର ବାବୁ ହଠାତ୍ ତକିଆ ତଳୁ ଗୋଟାଏ ପ୍ରକାଣ୍ଡ ଚକ୍ ଚକ୍ ମାରୁଥିବା ଛୁରୀ ବାହାର କରି କହିଲେ —ଏଇ ଦେଖ; ଏ ଛୁରୀ ଦେଖିଲେ ସ୍ୱାମୀବାବା ଖୁସି ହେବେ ତ ?

ଆନନ୍ଦରେ ମାଳତୀର ଆଖି ଝଲସି ଉଠିଲା । ସେ ଖୁସିରେ ଗଦ୍‌ଗଦ ହୋଇ କହିଲା—"ଏ ଛୁରୀ ଦେଖିଲେ ସ୍ୱାମୀବାବା କାହିଁକି ସେଠି ଯେତେମାନେ ଅଛନ୍ତି ସମସ୍ତେ ଖୁସି ହେବେ । ଏଭଳି ସୁନ୍ଦର ଛୁରୀ ସ୍ୱାମୀ ବାବାଙ୍କୁ କେହି କେବେ ଉପହାର ଦେଇଛି ବୋଲି ମୁଁ ତ ଏତେଦିନ ହେଲା କେବେ ଦେଖିନାହିଁ ।"

ତା'ପରେ ମାଳତୀ କହିଲା—"ଆଚ୍ଛା, କାଲି ତ ଯିବେ କିନ୍ତୁ ତା' ପୂର୍ବରୁ କିଛି ଗୋଟାଏ ସମସ୍ତଙ୍କ ଆଗରେ କହି ଯିବାକୁ ତ ପଡ଼ିବ ?" ମହେନ୍ଦ୍ର ବାବୁ କହିଲେ—"ହଁ ସତ କଥା, ମୋର ସେ ବିଷୟ ଆଦୌ ଖିଆଲ ନ ଥିଲା ।"

ମାଳତୀ କହିଲା—'ଆପଣ କାଲି ସକାଳୁ ଉଠି ସମସ୍ତଙ୍କୁ କହିବେ, ସରକାରୀ କାମରେ ସାହେବ ୧୫ ଦିନ ପାଇଁ କଲିକତା ପଠାଉଛନ୍ତି, ଆଜି ମାଡ୍ରାଜ ମେଲରେ କଲିକତା ଯିବାକୁ ହେବ । ଏହା କହି ଆପଣ ଠିକ୍ ଗାଡ଼ି ସମୟକୁ ଆପଣଙ୍କ ସୁଟ୍‌କେଶ ବିଛଣା ନେଇ ଷ୍ଟେସନ ଯିବେ ଏବଂ ଠିକ୍ ରାତି ଦୁଇଟା ବେଳେ ରିକ୍‌ସାରେ ଫେରି ଆସିବେ । ମୁଁ କବାଟ ଫିଟାଇ ରହିଥିବି, ଆପଣ ଆସ୍ତେ

ବାରୁ ବାଟେ ଘରକୁ ଆସିବେ ଏବଂ ତା ପରେ ମୁଁ ଆପଣଙ୍କୁ ଠିକଣା ଜାଗାକୁ ନେଇଯିବି । ମହେନ୍ଦ୍ର ବାବୁ ସମ୍ମତ ଜଣାଇ କହିଲେ—ଠିକ୍ କଥା ।

× × ×

ତହୁଁ ଅପରାହ୍ନ ଟ୍ରେନ୍ ସମୟ । ମହେନ୍ଦ୍ର ବାବୁ ଗୋଟାଏ ଘୋଡ଼ାଗାଡ଼ି ଡାକି ଷ୍ଟେସନ ଯିବାକୁ ବାହାରିଲେ । ଚନ୍ଦ୍ରା ପାଖରେ ଠିଆ ହୋଇ ଭଲ ବ୍ଲାଉଜ କନା ଆଣିବାକୁ ବରାଦ ଦେଲା । ସୁରବାଳା ବ.ବୁଙ୍କ ପାଇଁ ଭଲ ଖଜୁରକୋଳି ଓ ଲେମ୍ବୁ ଆଣିବାକୁ ଏବଂ ନିଜ ପାଇଁ ଭଲ ରେଶମି ଫିତା କିଛି ଆଣିବାକୁ କହିଲେ । ମହେନ୍ଦ୍ର ବାବୁ ଗାଡ଼ି ସମୟ ହୋଇଗଲାଣି ବୋଲି ତର ତର ହୋଇ ଗାଡ଼ିରେ ଷ୍ଟେସନ୍ ବାହାରି ଗଲେ ।

ପ୍ରାୟ ରାତି ଦୁଇଟା । ମହେନ୍ଦ୍ର ବାବୁ ଗୋଟାଏ ଟେକ୍ସାରେ ଫେରି ଆସିଲେ । ମାଳତୀ ଆଗରୁ ତାଙ୍କର ବାଟ ଗୃହିଁ ବସିଥିଲା । ମହେନ୍ଦ୍ର ବାବୁ ପହଞ୍ଚିଲାକ୍ଷଣି ମାଳତୀ କହିଲା—"ଆଉ ଡେରି କରିବା ଠିକ୍ ନୁହେଁ । ମୁଁ ସବୁ କବାଟ ଦେଇ ଆସିଛି, ଗୃଲନ୍ତୁ ମୁଁ ଆପଣଙ୍କୁ ଛାଡ଼ିଦେଇ ଆସେ ।"

କଟ୍ କଟ୍ ଅନ୍ଧାର । ଗୁରିଆଡ଼ ନିଶୂନ । ମାଳତୀ କହିଲା— 'ଆସ୍ତେ ମୋ ପଛେ ପଛେ ଆସନ୍ତୁ ।' କାଠଯୋଡ଼ ନଈ ବାଲିଏ ବାଲିଏ ମାଳତୀ ଗୃଲିଲା ଆଗେ ଆଗେ, ମହେନ୍ଦ୍ର ବାବୁ ଗୃଲିଲେ ପଛେ ପଛେ । ସେତେବେଳେ ଭୟ ଆତଙ୍କରେ ତାଙ୍କର ମନର ଅବସ୍ଥା କହିଲେ ନ ସରେ ।

ହଠାତ୍ ଗୋଟାଏ ଜାଗାରେ ମିଞ୍ଜି ମିଞ୍ଜି ଆଲୁଅ ଦେଖାଗଲା । ମାଳତୀ କହିଲା—ବାଟ ଭାଙ୍ଗି ଆସନ୍ତୁ ; ମହେନ୍ଦ୍ର ବାବୁଙ୍କ ଛାତି ଆହୁରି ଥରି ଉଠିଲା । ମାଳତୀ କିଛି ସମୟ ପରେ ଅଟକି ଗଲା । ମହେନ୍ଦ୍ର ବାବୁ ବି ଛିଡ଼ା ହେଲେ । ମାଳତୀ କହିଲା—"ଏଇଠି ସବାର ଥୁଅ

ହୋଇଛନ୍ତି, ଆପଣ ତା' ଭିତରେ ଯାଇ ବସନ୍ତୁ ।" ମହେନ୍ଦ୍ର ବାବୁ ବଡ଼ ଦମ୍ଭଧରି ଚୁପ୍‌କରି କହିଲେ, "କାହିଁ, ସବାରି ନେଇବାଲା ତ କେଉଁଠି କାହିଁ ଦେଖାଯାଉ ନାହାନ୍ତି ?" ମାଳତୀ କହିଲା, "ଆପଣ ସେଥିରୁ କ'ଣ ପାଇବେ ? ଆପଣ ତା ଭିତରେ ବସନ୍ତୁ, ନେଇ ଲୋକ ଏଇ ବାଲିରେ ଅଛନ୍ତି, ଆପଣଙ୍କୁ ନେଇଯିବେ ।" ମାଳତୀ ସବାରି କବାଟ ଖୋଲି ଦେଲା, ମହେନ୍ଦ୍ରବାବୁ ଯନ୍ତ୍ର ଚାଳିଲା ପରି ତା ଭିତରେ ପଶିଲେ । ସବାରିର ଗୋଟାଏ କଣକୁ ମିଞ୍ଜି ମିଞ୍ଜି ହୋଇ ଲନ୍ଟନ୍ ଆଲୁଅଟିଏ ଜଳୁଥାଏ । ମାଳତୀ ଦୁଆର ବନ୍ଦ କରି କହିଲା, "ଆପଣ ଟିକିଏ ବସନ୍ତୁ ମୁଁ କଥାବାର୍ତ୍ତା କରି ଆପଣଙ୍କ ପାଖକୁ ଆସୁଛି ।" ମାଳତୀ ଅନ୍ଧାରରେ ଚାଲିଗଲା ।

ମହେନ୍ଦ୍ର ବାବୁ କିଂକର୍ତ୍ତବ୍ୟ ପରି ସବାରିରେ ବସି ରହିଲେ । ସେ ବର୍ତ୍ତମାନ କେଉଁଠି, ତାଙ୍କର ଜ୍ଞାନ ନ ଥିଲା । ତାଙ୍କର ମନେ ହେଉଥିଲା ତାଙ୍କ ଚାରିପାଖରେ ଯେପରି କିଏ ଦଣ୍ଡକେ ତାଙ୍କୁ ମାରି ଟିକି ଟିକି କରିଦେବାକୁ ଲୁଚି ଲୁଚି ଘୂରି ବୁଲୁଛି । ତାଙ୍କ ମନ ହେଉଥିଲା ବଡ଼ ପାଟିରେ ଚିତ୍କାର କରିବେ, କିନ୍ତୁ ରାତି ସାଢ଼େ ଦୁଇଟା ବେଳେ କିଏ ଶୁଣିବ ? ପୁଣି ଏହା କଲେ ମୁହୂର୍ତ୍ତକ ମଧ୍ୟରେ ଜୀବନଟା ରହିବ ତ ?

କେତେ ସମୟ ଇମିତି ଗଲା ପରେ ସେ ସାହସ ବାନ୍ଧି ସଳଖି ହୋଇ ବସିଲେ । ଅଳ୍ପ ଦୂରରେ ମଣିଷର ଫୁସୁ ଫୁସୁ କଥାବାର୍ତ୍ତା ଶୁଣା ଯାଉଥିଲା; କିନ୍ତୁ କିଛି ଦେଖାଯାଉ ନ ଥିଲା । ମହେନ୍ଦ୍ର ବାବୁ ଠଉରାଇ ନେଲେ, ମାଳତୀ ଡକାୟତମାନଙ୍କ ସଙ୍ଗରେ ତାଙ୍କ କଥା ନେଇ କ'ଣ କଥାବାର୍ତ୍ତା ହେଉଛି ।

ପ୍ରାୟ ପନ୍ଦର ମିନିଟ ପରେ ମାଳତୀ ସବାରି କବାଟ ଖୋଲି ଭିତରକୁ ପଶିଲା ଏବଂ ଭାରି ହସି କହିଲା—ବୋଧହୁଏ ଆପଣ ଭାରି ଭୟ କରୁଛନ୍ତି । ମୋତେ ବିଶ୍ୱାସ କରନ୍ତୁ ଆପଣଙ୍କର କିଛି ଭୟ

ନାହିଁ । ସେଠି ଦୁଇଟା ଦିନ ପରେ ସବୁ ବୁଝିପାରିବେ । ତା'ପରେ ମାଲତୀ କହିଲା, "ମୁଁ ଗୋଟାଏ କଥା ଆପଣଙ୍କୁ କହୁନାହିଁ, ଶୁଣନ୍ତୁ । ମୋଟ ଉପରେ ଆପଣ ମୋଠୁଁ ଏତିକି ମନେ ରଖନ୍ତୁ । ପ୍ରଥମେ ଆପଣଙ୍କୁ ପାହାଡ଼ ତଳେ ଥିବା ଏକ ପ୍ରକାଣ୍ଡ ଗୁମ୍ଫାକୁ ସ୍ୱାମୀ-ବାବାଙ୍କର ଶିଷ୍ୟମାନେ ସାଙ୍ଗରେ ନେଇଯିବେ । ସେ ଗୁମ୍ଫା ଏତେ ବଡ଼ ଯେ, ଯେକୌଣସି ଗୃହ ପାଞ୍ଚଟା ବଡ଼ ଘର ସଙ୍ଗେ ସମାନ ହେବ; କିନ୍ତୁ ଗୁମ୍ଫା ସବୁ ଏପରି କଳ କୌଶଳରେ ତିଆରି ହୋଇଛି, ଆଖି ପିଛୁଳାକେ କିଏ କେଉଁଠି ଅଦୃଶ୍ୟ ହେବେ, ସେ କଥା କାହାରି ଜାଣିବା କଥା ନାହିଁ । ଆପଣ ଗଲେ ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ରହିଲେ, ସେ ସବୁ ଦେଖି ପାରିବେ । ତା'ପରେ ଶୁଣନ୍ତୁ—ଶିଷ୍ୟମାନେ ନେଇ ଆପଣଙ୍କୁ ସ୍ୱାମୀବାବାଙ୍କ ପାଖରେ ପହଞ୍ଚାଇବେ । ଆପଣ ତାଙ୍କ ପାଖରେ କାଳୀ ପଟଟି, ଛୁରୀ ଏବଂ ମଦ ବୋତଲ ଥୋଇ ଦେଇ ଲମ୍ବହୋଇ ଗୋଡ଼ତଳେ ପଡ଼ିଯିବେ । କେତେ ସମୟ ପରେ ଆପଣଙ୍କୁ ସେ ଉଠିବାକୁ ନିର୍ଦ୍ଦେଶ ଦେବେ । ଆପଣ ଉଠିଲେ ସେ ଭାରି ଖୁସି ହୋଇ କହିବେ—ବାବା, ମୋର ଶିଷ୍ୟ ହେବ ? ଆପଣ ମୁଣ୍ଡ ହଲାଇବେ ।

ତା' ପରେ ସେ କହିବେ—ମୋର ଯଦି ଶିଷ୍ୟ ହେବ, ତାହା ହେଲେ ମୁଁ ଯାହା କହିବି ତାହା କରି ପାରିବ ? ଆପଣ କହିବେ ଆପଣଙ୍କ ଆଜ୍ଞା ନିଶ୍ଚୟ ପାଳନ କରିବ । ସେଇଠୁ ସେ ଆପଣଙ୍କୁ ହାତ ଦେଖାଇବାକୁ ନିର୍ଦ୍ଦେଶ କରିବେ । ଆପଣ ହାତ ପତାଇଲେ, ସେ ଗୋଟିଏ ମୁଣିରୁ ବାହାର କରି ଚୂନାଭଳି ଆପଣଙ୍କ ହାତରେ ଗୋଟାଏ ଜିନିଷ ଦେବେ ଏବଂ କହିବେ—ଏ ହେଉଛି ହଳାହଳ ବିଷ, ପାଟିରେ ଦେଲାମାତ୍ରେ ପ୍ରାଣ ବାୟୁ ଉଡ଼ିଯିବ । ମୁଁ ଯଦି କହେ-ଏହାକୁ ପାଟିରେ ପକାଇ ଦିଅ, ତାହାହେଲେ ତମେ ପାଟିରେ ପକାଇ ପାରିବ ? ଆପଣ ଏ କଥା ଶୁଣି ହଡ଼ବଡ଼େଇ ଯିବେ ନାହିଁ ।

ସ୍ୱାମୀବାବାଙ୍କର ଏ ହେଉଛି ପ୍ରକୃତ ଶିଷ୍ୟର ପରୀକ୍ଷା । ଆପଣ ତାଙ୍କ କଥାରେ ଖୁବ୍ ନିର୍ଭୟରେ ଜବାବ ଦେବେ, "ଆପଣ ଆଜ୍ଞା ଦିଅନ୍ତୁ, ମୁଁ ଏହି ମୁହୂର୍ତ୍ତରେ ପାଟିରେ ପକାଇଦେବି ।" ଏହା କହିଲାମାତ୍ରେ ସେ ଆପଣଙ୍କ ହାତରୁ ତାହା ନେଇଯିବେ ଏବଂ ଅନ୍ୟାନ୍ୟ ଶିଷ୍ୟଙ୍କ ପରି ଆପଣଙ୍କୁ ଗ୍ରହଣ କରିବେ । ତା'ପରେ ଆପଣଙ୍କୁ ସମସ୍ତ ସୁବିଧା ଦିଆଯିବ । ଡେଣିକି ଏତେ ସୁଖ ଶାନ୍ତିରେ ଆପଣ ରହିବେ ଯେ ଦେବତାମାନେ ପ୍ରାୟ ସେତେ ସୁଖରେ ରହୁ ନ ଥିବେ ।

କିନ୍ତୁ ଭଲକରି ମନେ ରଖନ୍ତୁ, ସ୍ୱାମୀବାବା ବିଷ ଖାଇବାକୁ କହିଲେ, ଆପଣ ହଡ଼ବଡ଼େଇ ଯିବେ ନାହିଁ । ଯେଉଁମାନେ ହଡ଼ବଡ଼େଇ ଯାଆନ୍ତି ସେମାନଙ୍କର ଦଶା ଯାହା ହୁଏ, ତା' କହିଲେ ନ ସରେ । ତାହାକୁ ସଙ୍ଗେ ସଙ୍ଗେ ବଳି ଦିଆଯାଏ, ତାହାକୁ ବା ସେହି ହଳାହଳ ବିଷ ଜବରଦସ୍ତି ଖୁଆଇ ଦିଆଯାଏ ।"

ଏ କଥା ଶୁଣିଲାକ୍ଷଣି ମହେନ୍ଦ୍ର ବାବୁଙ୍କର ମୁଣ୍ଡ ଘୂରିବାକୁ ଲାଗିଲା, ତାଙ୍କ ଛାତି ଜୋରରେ ଧପ୍ ଧପ୍ ହେଲା । ଏ କଥା ଯଦି ମାଳତୀ ତାଙ୍କୁ ଆଗରୁ କହିଥାନ୍ତା, ତାହାହେଲେ ସେ କଦାପି ଆସିବାକୁ ସାହସ କରି ନ ଥାନ୍ତେ । ମାଳତୀ ଏ କଥା କହିବା ପରେ ତାଙ୍କର ତାକୁ ଉତ୍ତର ଦେବାର କିଛି ନ ଥିଲା । କେବଳ ମୁଣ୍ଡ ଟେକାଇ ମାଳତୀ କଥାରେ ସମ୍ମତି ଜଣାଇଲେ ।

ତା' ପରେ ମାଳତୀ କହିଲା—ଆଉ ବିଳମ୍ବ କରିବା କିଛି ଦରକାର ନାହିଁ । ଆପଣ କିଛି ଭୟ କରନ୍ତୁ ନାହିଁ, ମୁଁ ଅଳ୍ପଦିନ ପରେ ସେଠାରେ ଯାଇଁ ପହଞ୍ଚିବି । ତା'ପରେ ମାଳତୀ ସବାରି ଭିତରୁ ବାହାରି ସବାରିର କବାଟ ବନ୍ଦକରି ତାଲା ପକାଇଦେଲା; ମହେନ୍ଦ୍ର ବାବୁ ନିର୍ଜୀବ ପରି ତାରି ଭିତରେ ବସି ରହିଲେ । ତାଙ୍କୁ ଲାଗୁଥିଲା; ବୋଧହୁଏ ଠିକଣା ଜାଗାରେ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଣବାୟୁ ଉଡ଼ିଯିବ ।

ହଠାତ୍ ସବାର ଉଠି, ଖୁବ୍ ଜୋରରେ ଧଗଶୂନ୍ୟ ହୋଇ ଚାଲିଲା କେଉଁଆଡ଼େ, ନାହିଁ ଗତି,ତଥାପି ସବାର ଚାଲିଛି ଆଗକୁ । କେତେ ବାଟ ଆସିଲାଣି, ପୁଣି କେତେ ଦୂର ଯିବ ତାର ଠିକଣା ନାହିଁ । ମହେନ୍ଦ୍ର ବାବୁ ସବାର ଭିତରେ ଗୋଟାଏ କରକୁ ନାଗୀ'ବ ଭଳି ଆଉଜି ବସି ରହିଥିଲେ । ପ୍ରଥମେ କେତେ ଘଣ୍ଟା କେତେ କ'ଣ ଆକାଶ ପାତାଳ ଭାବି ଭାବି ତାଙ୍କର ଭାବନା ଶକ୍ତି ଏକ ରକମ ସ୍ଥିର ହୋଇ ଯାଇଥିଲା । ତାର ମଝିରେ ମଝିରେ ତାଙ୍କର ଯେତେବେଳେ ଗୋଟାଏ ଝିଅଲ ଅସୁଥିଲା, ସେ ସବାରରେ ବସି ଡକାୟତ ଦଳଙ୍କ ଭିତରକୁ ଯାଉଛନ୍ତି; ସେତେବେଳେ ତାଙ୍କର ଲୁମ ଠାଙ୍କୁରି ଉଠୁଥିଲା—ଆଖି ଆଗରେ ନିଜର ଭାଇ ବନ୍ଧୁ ବାପ ମାଆଙ୍କର ମୁହଁ ଝଲସି ଯାଇ, ମନଟା ଆତଙ୍କରେ ବଡ଼ ଛଟପଟ ହେଉଥିଲା ଏବଂ ତହିଁ ସଙ୍ଗେ ସଙ୍ଗେ ଦୀର୍ଘନିଃଶ୍ୱାସ ପ୍ରଶ୍ୱାସ ବାହାର ଅନ୍ତର ଭିତରେ ଉଠୁଥିଲା—"ଭଗବାନହିଁ ଭରସା" । ସବାର ଚାଲିଛି ଆଗକୁ ।

× × × ×

ସବାର ଅନେକ ବାଟ ଆସିଲା ପରେ ହଠାତ୍ ଗୋଟାଏ ଜାଗାରେ ଅଟକିଲା, ମହେନ୍ଦ୍ର ବାବୁ ସମୟ ବାର ଅନୁମାନ କରୁଥିଲେ, ବୋଧହୁଏ ପାହାନ୍ତା ପହର ହୋଇ ଗଲାଣି । ସବାର ଅଟକିବା ସଙ୍ଗେ ସଙ୍ଗେ ଡକାୟତମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ ହୋଇଛି ବୋଲି ଜାଣି ମହେନ୍ଦ୍ର ବାବୁଙ୍କ ଛାତିଟା ଅଧିକ ଜୋରରେ ଧପ୍ ଧପ୍ ପଡ଼ିଲା ଉଠିଲା । ସେତେବେଳେ ତାଙ୍କର ମନର ଅବସ୍ଥା ଯେ କଣ, ତାହା ତାଙ୍କ ଛଡ଼ା ଅନ୍ୟ କାହାର ବୁଝିବାର ବା କହିବାର ଉପାୟ ନାହିଁ ।

ହଠାତ୍ ଅଳ୍ପ ନିକଟରେ ଅସ୍ତ୍ରେ ଅସ୍ତ୍ରେ ଖଟ୍ ଖଟ୍ର ଶବ୍ଦ ହେଲା । ମହେନ୍ଦ୍ର ବାବୁ ଅନୁମାନ କରି ନେଲେ, ଏ ହେଉଛି

ସେମାନଙ୍କର ଠିକ୍ ନିର୍ଦ୍ଦିଷ୍ଟ ସ୍ଥାନ, କବାଟ ଫିଟାଇବାକୁ ବୋଧହୁଏ ଏମାନେ ଅନ୍ୟ ମାନଙ୍କୁ ଡାକୁଛନ୍ତି ।

ଜଞ୍ଜିର ଫିଟି କବାଟ ଖୋଲା ହେବାରୁ ଶବ୍ଦ ହେଲା ଏବଂ ତା ସଙ୍ଗେ ସଙ୍ଗେ ସବାଉ ଉଠିଲା । କେତୋଟି ମୁହୂର୍ତ୍ତପରେ ସବାର ଭିତରକୁ ଯାଇଁ ଅନ୍ୟ ଏକ ସ୍ଥାନରେ ରହିବା ସଙ୍ଗେ ସଙ୍ଗେ ସବାର ତାଲା ଫିଟା ହେଲା । ସବାରର କବାଟ ଦୁଇପାଖକୁ ଅପସରି ଗଲା-କ୍ଷଣି ମହେନ୍ଦ୍ର ବାବୁ ଭୟ କାତରରେ ନିର୍ଜୀବପରି ଅନାଇଁ ଦେଖିଲେ —ଜଣେ ବୟସ୍କ ଲମ୍ବା ଲମ୍ବା ଦାଢ଼ି ରଖି, ଲଣ୍ଠନ୍ ଧରି ତାଙ୍କୁ ଡାକୁଛି—ବାବା, ପଦାକୁ ବାହାରି ଆସ, ତମର କିଛିଭୟ ନାହିଁ । ତମର ଆଜଠାରୁ ଏ ନିଜଘର, ମହାଆନନ୍ଦରେ ଏଠାରେ ରହି ଅନ୍ୟମାନଙ୍କ ସହିତ ସୁଖ ଶାନ୍ତିରେ ଦିନ କଟାଇବ ।

ମହେନ୍ଦ୍ର ବାବୁ ଭାବି ଥିଲେ, ବୋଧହୁଏ ପ୍ରଥମେ ସେମାନେ ତାଙ୍କୁ କୌଣସି ପ୍ରକାର ଧମକ ଚମକ କରାଇବେ; କିନ୍ତୁ ଏ ଲୋକଟି ଠାରୁ କେଇପଦ ଆଶ୍ୱାସନା କଥା ଶୁଣି ତାଙ୍କ ମନରେ ଟିକିଏ ଦମ୍ଭ ଆସିଲା । ସେ ଅସ୍ତେ ସବାରରୁ ଓହ୍ଲାଇ ଆସି, ତାଙ୍କୁ ଡାକୁଥିବା ବାବାଜୀ ଭଳି ଲୋକଟିର ଚରଣ ତଳେ ମୁଣ୍ଡ ଲଗାଇ ନମସ୍କାର କଲାକ୍ଷଣି ବାବାଜୀ ଦୁଇ ହାତରେ ତାଙ୍କୁ ଉଠାଇ ଆଣି ଆଦର କରି କହିଲେ—"ବେଶ୍ ବାବା, ମା କାଳୀ ତମର ମଙ୍ଗଳ କରନ୍ତୁ । ବହୁତ ବାଟ ସବାରରେ ଆସି ଆସି ବଡ଼ କ୍ଲାନ୍ତ ଲାଗିବଣି । ତା" ପରେ ଗୋଟିଏ କୋଠରୀକୁ ନିର୍ଦ୍ଦେଶ କରି କହିଲେ—"ତମପାଇଁ ଆଗରୁ ସେ ଘରେ ବିଛଣା କରା ହୋଇଛି, ଯାଅ ଲଣ୍ଠନ୍ ନେଇ ବିଶ୍ରାମ ନିଅ । ରାତି ପ୍ରାୟ ପାହି ଆସିଲାଣି, ସକାଳୁ ଉଠିବା କିଛି ଦରକାର ନାହିଁ । ଯେତେବେଳେ ନିଦ ଭାଙ୍ଗିବ, ସେତେବେଳେ ଉଠିବ ।"

ମହେନ୍ଦ୍ର ବାବୁ ଆଉ କିଛି ପଚାରି ପଚାରି ନ କରି ନିଦେଶିତ ଘରଟିକୁ ପଶିଗଲେ । ଗୋଟାଏ ବଡ଼ ଠଣାରେ ଧକ୍ ଧକ୍ ହୋଇ ଜଳୁଥିବା ଲନ୍ଠନ୍‌ଟି ତେଜ ଦେଖିଲେ—ଘରର ଏକ ପାଖରେ ଗୋଟିଏ ଖଟରେ ସୁନ୍ଦର ବିଛଣା ପଡ଼ି ହୋଇଛି । ମହେନ୍ଦ୍ର ବାବୁ କୋଠରୀଟିର ଚାରିଆଡ଼େ ଥରେ ଅଖିବୁଲାଇ ନେଇ କବାଟର କଞ୍ଜିର ଦେଲେ । ତା' ପରେ ଖଟ ଉପରେ ଆସି ବସି ଲନ୍ଠନ୍‌ଟି କମାଇ ବିଛଣାରେ ଗଡ଼ି ପଡ଼ିଲେ । ସେତେବେଳେ ତାଙ୍କର ମନେ ହେଉଥିଲା, ଏ ଯଦି ପ୍ରକୃତରେ ଡକାୟତ ଦଳଙ୍କର ଗୁପ୍ତଆଡ଼ା ହୋଇଥାଏ, ତାହାହେଲେ ବୋଧହୁଏ ଏ ସ୍ଥାନର ସନ୍ଧାନ ପାଇବାରେ ତାଙ୍କୁ ବିଶେଷ କିଛି କଷ୍ଟ ହେବ ନାହିଁ; କିନ୍ତୁ ପର-ମୁହୂର୍ତ୍ତରେ ତାଙ୍କର ମନକୁ ଆସେ, ଡକାୟତମାନେ କମ୍ ଚାଲାକ୍ ନୁହନ୍ତି । କିଏ ଜାଣେ, ଏ ଯେ ଗୁପ୍ତ ଆଡ଼ା ହୋଇ ନ ପାରିଥାଏ ? ଇମିତ କେତେ କଣ ଭାବୁ ଭାବୁ ତାଙ୍କ ଅଜାଣାରେ କେତେବେଳେ ତାଙ୍କୁ ନିଦ ଆସି ଯାଇଥିଲା ।

ତହିଁଆରଦିନ ଯେତେବେଳେ ମହେନ୍ଦ୍ର ବାବୁଙ୍କ ନିଦଭାଙ୍ଗିଲା ଆସ୍ତେ କବାଟ ଫିଟାଇ ଦେଖିଲେ, ଦୁଇଜଣ ଲୋକ ବୋଧହୁଏ ତାଙ୍କର ଅପେକ୍ଷାରେ ଚାହିଁ ରହିଛନ୍ତି । ଚାରିଆଡ଼େ ଖରା ବଢ଼ିଲାଣି ହୋଇ ସମୟ ପ୍ରାୟ ୯ଟା ହୋଇଗଲାଣି । ମହେନ୍ଦ୍ର ବାବୁ ପଦାକୁ ଅସିଲାକ୍ଷଣି, ସେହି ଦୁଇଜଣ ଲୋକ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ଡାକି ନେଲେ । ସେ ସ୍ଥାନରେ ନିଜର ନିତ୍ୟକର୍ମ ସାରିବାର ବେଶ୍ ସୁବ୍ୟବସ୍ଥା ଅଛି ।

ମହେନ୍ଦ୍ର ବାବୁ ଦାନ୍ତ ଘଷୁ ଘଷୁ ପାଖରେ ଠିଆ ହୋଇଥିବା ଲୋକଟିକୁ ପଚାରିଲେ—"ବେଶ୍, ଏ ସ୍ଥାନଟି ତ ଖୁବ୍ ଭଲ ଲାଗୁଛି, ଏଠି ତୁମ୍ଭେମାନେ ଥାଅ, ନା ଅଉ କିଏ ବାହାରର ଲୋକ ଅସନ୍ତି ? ଏ ଜାଗାର ନା କଣ ?"

ଲୋକ ଦୁଇଟି ମୁରୁକି ହସୁହସୁ ତା ଭିତରୁ ଜଣେ କହିଲା, ଆପଣ ତ ଏକବାରେ ନୂଆ ଲୋକ । ଆପଣ ଠିକଏ ପୁରୁଣା ହୋଇଗଲେ ଆଜ ଏଠିକାର ସବୁ କଥା ଜାଣିଗଲେ ଆପଣଙ୍କୁ ଏ ସ୍ଥାନ ଅତ୍ୟନ୍ତ ଭଲ ଲାଗିବ । ଏ ସ୍ଥାନ ହେଉଛି କାଳୀଠାକୁରାଣୀଙ୍କର ପୀଠ । ମା'ଙ୍କୁ ଦର୍ଶନ କରିବାପାଇଁ ଅନେକ ସମୟରେ ପ୍ରାୟ ସବୁଦିନେ ବାହାରର ଲୋକ ବି ଆସନ୍ତି, କିନ୍ତୁ ଆମ ସ୍ୱାମୀ ବାବାଙ୍କ ଦର୍ଶନ ଆପଣଙ୍କ ଭଳି ଆସୁଥିବା ଲୋକଙ୍କ ଛଡ଼ା ଅନ୍ୟ ବାହାରର ଲୋକ କେହି ଦେଖା ପାଏନାହିଁ । ସେ ସ୍ଥାନ ତ ଆପଣ ଦେଖିଲେ ଦୁନିଆକୁ ଭୁଲିଯିବେ ।

ମହେନ୍ଦ୍ର ବାବୁ ମନେ ମନେ ବଡ଼ ବିସ୍ମିତ ହୋଇ ଭାବିଲେ, ତାହାହେଲେ ଏ ପ୍ରକୃତ ଡକାୟତମାନଙ୍କ ଆଡ଼ା ନୁହେଁ । ଏହାବାଦ୍ ଅନ୍ୟ ଏକ ଗୁପ୍ତସ୍ଥାନ ଅଛି । ତାହାପରେ ସେହି ଲୋକ ଦୁଇଟିଙ୍କ ଆଡ଼କୁ ଅନାଇଁ ବଡ଼ ଅଗ୍ରହରେ ମୁରୁକି ହସି ପଚାରିଲେ, "ମୁଁ ତ ସେଥିପାଇଁ ପଚାରୁଥିଲି, ସ୍ୱାମୀ ବାବାଙ୍କର ଦର୍ଶନ ନ ପାଇବାଯାଏଁ ମୋ ମନରେ ଶାନ୍ତି ନାହିଁ ।"

ଲୋକ ଦୁଇଟିଙ୍କ ଭିତରୁ ଜଣେ କହିଲା, "ଆପଣ ଯେତେବେଳେ ଏଠାକୁ ଆସିଛନ୍ତି, ନିଶ୍ଚୟ ତ ସ୍ୱାମୀ ବାବାଙ୍କର ଦର୍ଶନ ପାଇବେ; ତେବେ, ଆପଣ ଏତେ ତର ତର ହେଉଛନ୍ତି କାହିଁକି ? ଆପଣ ଆଗେ ଏଠାରେ କିଛିଦିନ ରହନ୍ତୁ । ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ ।"

ମହେନ୍ଦ୍ର ବାବୁ ଆଜ ବିଶେଷ କିଛି ପଚରାପଚରି କଲେ କାଳେ ଲୋକ ଦୁଇଟିଙ୍କର ମନରେ କିଛି ସନ୍ଦେହ ଆସିବ, ସେଥିପାଇଁ ଆଉ କିଛି ପଚାରିଲେ ନାହିଁ, ଶୁଖିଲା ଲୁଗା ପିନ୍ଧିବାପାଇଁ କାଲି ସନ୍ଧ୍ୟାରେ ରହିଥିବା ଘରକୁ ଫେରିଆସିଲେ । ଲୋକ ଦୁଇଟି ମଧ୍ୟ ତାଙ୍କ-ଙ୍କ ସଙ୍ଗେ ଆସିଲେ ।

ମହେନ୍ଦ୍ରବାବୁ ଲୁଗାପଠା ପିନ୍ଧି,ମୁଣ୍ଡ କୁଣ୍ଡାଇ ସାଉଲାଷଣି ଲୋକ ଦୁଇଟି ଭିତରୁ ଜଣେ କହିଲା, "ବାବୁ ଆସନ୍ତୁ, ମା'ଙ୍କ ଦର୍ଶନ କରି ଆସିବେ । କାଲି ରାତିଠୁ କିଛି ଖାଇନାହାନ୍ତି, ପ୍ରସାଦ ମଧ୍ୟ ପାଇ ଆସିବେ ।" ମହେନ୍ଦ୍ର ବାବୁ ତାଙ୍କ ପଛେ ପଛେ ଗ୍ଲଲେ ।

ଖଡ୍ଗଧାରିଣୀ କାଳୀ ମୂର୍ତ୍ତି । ବେକରେ ମନ୍ଦାର ଫୁଲର ଲମ୍ବଲମ୍ବ ମାଳ । ଦେବୀଙ୍କ ପାଦତଳେ ମଣିଷମୁଣ୍ଡଖପରିର ଦୁଇ ଭିନୋଟିପାନ ରଖା ହୋଇଛି । ଦେବୀଙ୍କ ସାମନା ସାମନା ଅଳ୍ପ ଦୂରରେ ବଳି ପଡ଼ିବାପାଇଁ ଅର୍ଗଳି । ଯେକୌଣସି ଲୋକ ଦେବୀଙ୍କ ଦର୍ଶନକରି-ବାକୁ ଗଲେ ଏସବୁ ଦେଖି ତାର ହୃଦୟ ନ ଶଙ୍କି ରହି ହେବନାହିଁ । ମହେନ୍ଦ୍ରବାବୁ ଏସବୁ ଦେଖି ତାଙ୍କର ହୃଦୟ ଗୋଟାଏ ଅଜଣା ଭୟରେ ଥରିଉଠିଲା; ତାଙ୍କର ମନେ ହେଲା, ଏହି ଅର୍ଗଳି ଭିତରେ ଯେପରି ତାଙ୍କ ବେକ ଗଳାଇ ଦିଆଯିବ । ଏବଂ ତାର ପରେ···ତା ପରେ···ଅର୍ଗଳିକୁ ଡେରି ହୋଇଥିବା ସେହି ପ୍ରକାଣ୍ଡ ଖଡ୍ଗ ତାଙ୍କ ବେକରେ ବସିବ···ଖୁବ୍ ଜୋରରେ । ସବୁ ଶେଷ । ମହେନ୍ଦ୍ର ବାବୁଙ୍କ ଅନ୍ତର ଅଧିକ ଜୋରରେ ଥରି ଉଠିଲା । ତାଙ୍କ ଆଖି ଆଗରେ ନାଚି ଉଠିଲା ରକ୍ତ—ଅଜ ରକ୍ତ ।

ମୁହୂର୍ତ୍ତିକ ମଧ୍ୟରେ ମହେନ୍ଦ୍ରବାବୁ ଦେବୀଙ୍କ ଆଡ଼େ ଅନାଇଁ କେତେ କଣ ଭାବି ଯାଉଛନ୍ତି । ତାଙ୍କର ଭାବନାକୁ ଭାଙ୍ଗି ଜଣେ ଦେବୀ ପୂଜକ ତାଙ୍କ ହାତକୁ ବେଲପତି ପାଦୁକ ପାଇବାକୁ ନିର୍ଦ୍ଦେଶ କରି କହିଲା, "ନିଅ ବାବା, ମାଆଙ୍କ ଚରଣାମୃତ ପାଅ ।" ମହେନ୍ଦ୍ର ବାବୁ ଦେବୀଙ୍କ ଉପରୁ ଆଖି ଫେରାଇଆଣି ପାଦୁକ ନେଇ ପାଇଲେ, ତା ପରେ ମୁଣ୍ଡ ନୁଆଇଁ ଦଣ୍ଡବତ କଲାକ୍ଷଣି କାପାଳିକ ପୂଜକ ଜଣକ ଆଶୀର୍ବାଦ କରି କହିଲା—"ମା' କାଳୀ ତୁମକୁ ସୁବୁଦ୍ଧି ଦିଅନ୍ତୁ, ଏଇଠି ସୁଖଶାନ୍ତିରେ ଚରଦିନ କଟାଅ । ଉଠ ବାବା, କାଲିଠୁ କିଛି ଖାଇନାହଁ, ତମ ଅପେକ୍ଷାରେ ଅନ୍ୟମାନେ ବସିଚନ୍ତି, ଯାଅ ବାବା ।"

ମହେନ୍ଦ୍ର ବାବୁ ତନ୍ତ୍ର ଉଠି କାପାଳିକ ପୂଜକ ଆଡ଼େ ବଡ଼ ଭକ୍ତି ସହକାରେ ଅତି ନରମ ଗଳାରେ ପଚାରିଲେ—"କେଉଁଠିକି ଯିବି ବାବା ?" ପୂଜକ ଟିକିଏ ମୁରୁକିହସି ଅନ୍ୟ ଏକ ଲୋକ ଆଡ଼କୁ ଅନାଇ ଆଦେଶ ଦେଲେ—"ଏ ବାବୁ ଆମର ଅତି ଭଲ ଲୋକ, ବାବୁଙ୍କ ପାଖେ ପାଖେ ଥାଇ ତାଙ୍କର ଭଲ ମନ୍ଦ କଥା ତୁମ୍ଭେ ସବୁବେଳେ ବୁଝୁଥିବ । ଯାଅ, ବାବୁଙ୍କୁ ପଙ୍ଗତ ଘରକୁ ନେଇଯାଅ ।"

ଲୋକଟି ମହେନ୍ଦ୍ର ବାବୁଙ୍କୁ ଡାକି, ଆଗେ ଆଗେ ଚାଲିଲା । ମହେନ୍ଦ୍ର ବାବୁ ପଛେ ପଛେ ଗଲେ । ଭିତରକୁ ଭିତରକୁ ପାଞ୍ଚ ଛଅଟା ଦରଜା ଟପିଗଲା ପରେ ଲୋକଟି ଗୋଟିଏ ବଡ଼ କୋଠରୀ ଦରଜାରେ ଠିଆ ହୋଇ ଯାଇ ମହେନ୍ଦ୍ର ବାବୁଙ୍କୁ ତା' ଭିତରକୁ ଯିବାକୁ କହିଲା । ମହେନ୍ଦ୍ର ବାବୁ ବଡ଼ ଡରି ତା' ଭିତରକୁ ପାଦ ପକାଇଲାକ୍ଷଣି, ଯାହା ଦେଖିଲେ, ସେଥିରେ ଯେ କୌଣସି ସାହସୀ ଲୋକର ମନ ଦବି ଯିବାର କଥା ।

ସେହି କୋଠରୀଟି ଖୁବ୍ ବଡ଼ ନ ହେଲେ ମଧ୍ୟ ଖୁବ୍ ସାନ ନୁହେଁ । ଘରର କାନ୍ଥ ଚାରି ସବୁଆଡ଼େ ବଡ଼ ବଡ଼ ଖଣ୍ଡା ଓ ଛୁରୀ ଚକ୍ ଚକ୍ ମାରୁଛି । ଘରଟି ଉତ୍କଟ ମଦ୍ୟ ଗନ୍ଧରେ ପୂର୍ଣ୍ଣ । ଘରଟି ଭିତରେ ଯେଉଁ ପନ୍ଦର ଷୋଳ ଜଣ ମହେନ୍ଦ୍ର ବାବୁଙ୍କୁ ଅପେକ୍ଷା କରି ରହିଛନ୍ତି, ସେହିମାନଙ୍କ ଭଳି ବିରାଟ କାୟ ଲୋକ, ମହେନ୍ଦ୍ର ବାବୁ ତାଙ୍କ ଜୀବନ କାଳ ମଧ୍ୟରେ କେବେ ଦେଖିଛନ୍ତି କି ନାହିଁ ସନ୍ଦେହ । ପାଖ ପାଖ ହୋଇ ଲୋକ ଗୁଡ଼ିକ ବସିଛନ୍ତି । ସମସ୍ତେ ଦେବୀ ପୂଜକ କାପାଳିକ । ସମସ୍ତଙ୍କ ମୁହଁରେ ଲମ୍ବ ଲମ୍ବ ଦାଢ଼ି, ନିଶ । ଦେହର ରଙ୍ଗ ପ୍ରାୟ କୃଷ୍ଣବର୍ଣ୍ଣ, ଶରୀର ଗଠନ ବଳିଷ୍ଠ ।

ମହେନ୍ଦ୍ର ବାବୁ ସେହି ଘରଟି ଭିତରକୁ ପଶିଯାଇ ଚାରିଆଡ଼କୁ ଆବା କାବା ହୋଇ ଅନାଇଲାକ୍ଷଣି, ଘର ଭିତରେ ଥିବା ସମସ୍ତ

କାପାଳିକ ତାଙ୍କୁ ଆଶୀର୍ବାଦ କରି ଅଭିବାଦନ ଜଣାଇଲେ; କିନ୍ତୁ ସେହି ସମସ୍ତଙ୍କର ଆନନ୍ଦର ଚିତ୍କାର ମହେନ୍ଦ୍ର ବାବୁଙ୍କ କାନକୁ ଲାଗୁଥିଲା, ସତେ ଯେପରି ତାଙ୍କୁ ବଳି ଦେବାପାଇଁ ଆଗରୁ ସବୁ ଯୋଗାଡ଼ ହୋଇଛି, ଆଉ କେତୋଟି ମୁହୂର୍ତ୍ତ ଉପରେ ତାଙ୍କୁ ବଳି ଦିଆଯିବ । ତାଙ୍କ ଗୋଡ଼ ଆଉ ଆଗକୁ ପାଦେ ଚଳିଲା ନାହିଁ । ସେ କାଠ ପିତୁଳାପରି ଠିଆହୋଇ କେବଳ ଆବାକାବା ହୋଇ ଏଣେ ତେଣେ ଭୟରେ ଚାହିଁବାକୁ ଲାଗିଲେ ।

ମହେନ୍ଦ୍ର ବାବୁ ଭୟ ପାଉଥିବା ଜାଣି ତାଙ୍କ ଭିତରୁ ପ୍ରାୟ ଅନେକ ହସି ଉଠିଲେ ଏବଂ ଜଣେ ମହେନ୍ଦ୍ର ବାବୁଙ୍କୁ ତା' ପାଖରେ ଆସି ବସିବାକୁ ଡାକିଲା । ମହେନ୍ଦ୍ର ବାବୁ ଯନ୍ତ୍ର ଚାଳିଲା ପରି ଯାଇଁ ପାଖରେ ପଡ଼ିଥିବା ଏକ ଆସନ ଉପରେ ବସିଲେ । ତା'ପରେ ଅନ୍ୟମାନେ ବଡ଼ ନରମ ଗଳାରେ କହିବାକୁ ଲାଗିଲେ, "କିଛି ଭୟ କରନ୍ତୁ ନାହିଁ । ଆଉକେଇଦିନ ପରେ ଆପଣ ମଧ୍ୟ ଆମପରି ଏଠି ଜଣେ ହୋଇଯିବେ ।" ମହେନ୍ଦ୍ର ବାବୁ ବଡ଼ ସାହସ ବାନ୍ଧି ଉତ୍ତର ଦେଲେ, ମୁଁ ତ ଆପଣମାନଙ୍କ ସହିତ ଏକାଠି ମିଶି ରହିବା ପାଇଁ ଏଠାକୁ ଆସିଛି, ଆପଣମାନେ ଯେତେବେଳେ ଏଠି ଅଛନ୍ତି, ସେତେବେଳେ ମୋର ଭୟ କଣ ?

କିଛିକ୍ଷଣ କଥାବାର୍ତ୍ତା ପରେ ଜଣେ ଲୋକ ଗୋଟାଏ ଷ୍ଟୋଭ ଧରଣର ହାଣ୍ଡିକୁ ଧରି ସେଇଠି ଥୋଇଲା । ମାଂସ ତରକାରୀ ବାସନାରେ ଘର ମହକି ଉଠିଲା । ମହେନ୍ଦ୍ର ବାବୁଙ୍କୁ ଛାଡ଼ି, ପ୍ରାୟ ଅନ୍ୟ ସମସ୍ତଙ୍କର ଆନନ୍ଦରେ ଆଉ ସୀମା ରହିଲା ନାହିଁ । ସମସ୍ତେ ମାଂସ ହାଣ୍ଡି ଆଡ଼କୁ ଚାହିଁ ରହିଲେ । ପୁଣି କିଛିକ୍ଷଣ ପରେ ଗୋଟିଏ ଖୁବ୍ ବଡ଼ ଥାଳିଆରେ ସେହି ଜଣକ ରୁଟି ପୂର୍ତ୍ତି କରି ଆଣି ସେମାନଙ୍କ ପାଖରେ ଥୋଇ ଦେଲା । ସମସ୍ତେ ଆଉ କାଳ ବିଳମ୍ବ ନ କରି ରୁଟି ମାଂସ ତରକାରୀ ରୁଟିପାଖରେ ଗୋଲ୍ ହୋଇ ବସିଗଲେ । ମହେନ୍ଦ୍ର

ବାବୁ ସଙ୍କୋଚ କରିବାରୁ ଅନ୍ୟମାନେ କହି ଉଠିଲେ, "ଏ ହେଉଛି ମାଆଙ୍କ ପ୍ରସାଦ । ଏଠି ଅଲଗା ଅଲଗା ବସି କେହି ଭୋଜନ କରନ୍ତି ନାହିଁ । ଆସନ୍ତୁ, ଏକୁଟିଆ ବସିଲେ କାହିଁକି ?" ମହେନ୍ଦ୍ରବାବୁଙ୍କର ସେମାନଙ୍କର କଥାରେ ବାଧା ଦେବାର ଆଉ ଉପାୟ ନ ଥିଲା । ବଡ଼ ଅନିଚ୍ଛା ସତ୍ତ୍ୱେ ବାହାରକୁ ଆଗ୍ରହ ଦେଖାଇ ତାଙ୍କର ସଙ୍ଗରେ ଖାଇ ବସିଲେ । ଅଧାଅଧି ଖାଇ ସାରିଲା ବେଳକୁ ସେହି ପୂଜାରୀ ଜଣକ ଦଶ ବାର ବୋତଲ୍ ମଦ ଏବଂ କାଚଗ୍ଲାସ ଗୋଟାଏ ଆଣି ସେଠି ଥୋଇଦେଲା । ସମସ୍ତେ ଆଗ ଅପେକ୍ଷା ଅଧିକ ଆନନ୍ଦରେ ଝିଅ ଘୁଣ୍ଡ଼ି ଉଠ ଚୁଟିବାକୁ ଲାଗିଲେ । ତା ଭିତରୁ ଜଣେ ଗ୍ଲାସରେ ପୂର୍ଣ୍ଣ ଗ୍ଲାସେ ମଦ ଢାଳି ମହେନ୍ଦ୍ରବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲା, "ଆପଣ ପ୍ରଥମ ହୋଇ ଆମ ସାଙ୍ଗଙ୍କୁ ଆଜି ଆସିଛନ୍ତି, ସେଥିପାଇଁ ଆପଣ ଆଗ ପିଅନ୍ତୁ ।" ମହେନ୍ଦ୍ରବାବୁ ବଡ଼ ହଡ଼ବଡ଼େଇ ଯାଇଁ ନରମ ଗଳାରେ କହିଲେ—"ମୁଁ ଏହାକୁ କେବେ ସୁଦ୍ଧା ଖାଇ ନାହିଁ । ଆପଣମାନେ ଆଜି ଖାଆନ୍ତୁ, ମୋର କିଛିଦିନ ପରେ ଆସ୍ତେ ଆସ୍ତେ ଅଭ୍ୟାସ ହୋଇଗଲେ ମୁଁ ଆପଣଙ୍କ ସଙ୍ଗରେ ବଲେ ପିଇବି ଯେ ।" ଅନ୍ୟମାନେ ଠୋ ଠୋ ହୋଇ ହସି କହିଲେ, "ଏ ହେଉଛି ମାଆଙ୍କ ପ୍ରସାଦ । ଆଦୌ ମନା କରନ୍ତୁ ନାହିଁ । ଦୁଇ ଗ୍ଲାସେ ନ ଖାଇଲେ ବି ଅଧ ଗ୍ଲାସେ ଖାଇବାକୁ ପଡ଼ିବ । କିଛି ଖରାପ ହେବ ନାହିଁ, ବଡ଼ ଆରାମ ଜିନିଷ ବାବୁ ! ଥରେ ଖାଇଲେ ତାର ମଜା ବେଶ୍ ବୁଝି ପାରିବେ ।" ମହେନ୍ଦ୍ରବାବୁ ଗିଲାସଟାକୁ ମୁହଁ ପାଖକୁ ଥରକୁ ଥର ନେଇ ଫେରାଇ ଆଣୁଥିଲେ, ସେମାନଙ୍କ ଭିତରୁ ଜଣେ ଉଠି ଯାଇ ହସି ହସି ତାଙ୍କ ମୁହଁରେ ଏକ ରକମ ଓଜାଡ଼ି ଦେଲା ଭଳି ହେଲା, "କିଛି ଭୟ କରନ୍ତୁ ନାହିଁ । ଯେତେ ଇଚ୍ଛା ସେତେ ପିଅନ୍ତୁ ।"

ମହେନ୍ଦ୍ର ବାବୁ ଢୋକେ ମାତ୍ର ପିଇଲାକ୍ଷଣି ପାଟି ବଙ୍କାଇ ରି ଅ ଅ ହେଲେ । ଅନ୍ୟମାନେ କହିଲେ, "ବେଶ୍ ବେଶ୍, ଆଉ

ସେତିକି ଥାଉ । ନୂଆଲୋକ, ଅଭ୍ୟସ୍ତ ହୋଇ ନାହାନ୍ତି ।" ମହେନ୍ଦ୍ରବାବୁ ଗିଲାସଟାକୁ ତଳେ ଥୋଇ ଅତ୍ୟନ୍ତ ନରମ ଗଳାରେ କହିଲେ— "ମୋତେ କ୍ଷମା କରନ୍ତୁ, ମୁଁ ଅସ୍ତେ ଅସ୍ତେ ଯୁା'କୁ ଖାଇବାକୁ ଅଭ୍ୟାସ କରିନେବି । ଆପଣମାନେ ଖାଆନ୍ତୁ, ମୁଁ ମାଂସ ଇତ୍ୟାଦି ମା'ଙ୍କ ପ୍ରସାଦ ଖାଉଅଛି ।" ସମସ୍ତେ କହିଲେ ବେଶ୍, ବେଶ୍ । ମହେନ୍ଦ୍ରବାବୁ ବାଧ୍ୟ ହୋଇ ତାଙ୍କ ସଙ୍ଗରେ ମାଂସ ରୁଟି ଖାଇବାକୁ ଲାଗିଲେ ! ଅନ୍ୟମାନେ ଗୋଟାକ ପରେ ଗୋଟାଏ ବୋତଲ ମହାଆନନ୍ଦରେ ଶେଷ କରିବାକୁ ଲାଗିଲେ । ମଦ, ମାଂସ ଖିଆପିଆ ମଜଲିସ୍ ଅଧଘଣ୍ଟା ମଧ୍ୟରେ ଶେଷ ହୋଇଗଲା । ନିଶା ଜୋରରେ ସମସ୍ତେ ଟଳଟଳ କିଏ କେତେ ରକମ ବାଗୁଲି ଭଳି କଥା କହିବାକୁ ଲାଗିଲେ । ତା'ଭିତରୁ କିଏ ହାତ ଧୋଇ ଶୋଇଗଲା, କିଏ ବାଗୁଲି ପରି ଅନ୍ୟ ଆଗରେ କହିବାକୁ ଲାଗିଲା, "ମୋ ଭଳିଆ ସାହସୀ ଆଉ ଦୁନିଆରେ କେହି ନାହିଁ । କାଲି ଏଇ ହାତର ବୁଢ଼ା ଆଙ୍ଗୁଠି ଦି'ଟାରେ ମୁହୂର୍ତ୍ତକ ମଧ୍ୟରେ ଦି'ଟା ଲୋକର ତଣ୍ଟି ଚିପି ତଳେ ପକାଇ ଦେଲି ।" ଆଉ କିଏ ଠୋ ଠୋ ହସି କହିବାକୁ ଲାଗିଲା, "ତୁ କି ସାହସୀ ? ତୋ ଅପେକ୍ଷା ମୁଁ ଦୋପଟ ବୀର । ସେ ଦିନ ସେ ମାଣିକନାଠାର ଟୋଢ଼ ଧରି ବୁଲାଇ ବୁଲାଇ ପଥରରେ ଏମିତି କଚୁଡ଼ିଦେଲି ଯେ, ଏକା ପାହାରକେ ତା ମୁଣ୍ଡଟା ଛିନ୍ନଛତର ହୋଇ ମୁଣ୍ଡର ରସ କୋଡ଼ିଏ କୋଡ଼ିଏ ହାତ ଦୂରରେ ଛିଟିକା ମାରି ପଡ଼ିଲା ।"

ମହେନ୍ଦ୍ରବାବୁ ସେମାନଙ୍କ ମୁହଁରୁ ଏ ସବୁ ଲୋମହର୍ଷଣ କଥା ଶୁଣି ତାଙ୍କ ଲୁମ ଟାଙ୍କୁରି ଉଠିଲା । ତାଙ୍କୁ ଜଣାଗଲା, ସେ ଯେପରି ଶହ ଶହ ସାକ୍ଷାତ ଯମଦୂତଙ୍କ ଆଗରେ ବସି ରହିଛନ୍ତି । ଆଉ ମୁହୂର୍ତ୍ତକ ପରେ ତାଙ୍କ ତଣ୍ଟିକି କିଏ ଚିପି ମାରିଦେବ । ହଠାତ୍ ତାଙ୍କ ଆଖି ଆଗରେ ଜଣେ ଜଣକର ଦାଢ଼ିକୁ ଧରି ଟାଣିଅଣି କହିଲା, "ଏ ଦାଢ଼ି ଅପେକ୍ଷା ମୋ ଦାଢ଼ି ଅତ୍ୟନ୍ତ ସୁନ୍ଦର । ମୋ ଦାଢ଼ି ମୋ ମୁହଁରେ ଥିଲେ

ଏ ନକଲି ଦାଢ଼ି ବୋଲି ଆମ ଭିତରର ଲୋକ ବି ଜାଣି ପାରିବେ ନାହିଁ । ଦାଢ଼ିହୀନ ହୋଇ ସେ ଲୋକଟା ନିଶାଜୋରରେ ମହେନ୍ଦ୍ର ବାବୁଙ୍କ ଆଡ଼େ ଟିକିଏ ଢଳେଇ ଚୁହିଁ ଅନ୍ୟ ଲୋକର ଦାଢ଼ିଟାକୁ ଟାଣିଆଣି ମୁହଁରେ ଲଗାଇ କୌତୁକ ଆରମ୍ଭ କଲା । ମହେନ୍ଦ୍ର ବାବୁ ଏସବୁ ଦେଖି ଦେଖି ଠିକ୍ କରିନେଲେ, ଏମାନେ ପ୍ରକୃତରେ ବାବାଜୀ ନୁହନ୍ତି । ନୃଶଂସ ଡକାୟତ ଦଳ । ବାହାର ଲୋକ କିଏ କେବେ ଏଠିକୁ ଆସିଲେ, ଏମାନେ ସେମାନଙ୍କ ପାଖରେ ନିଜକୁ ସନ୍ଥ ଦେଖାଇବା ପାଇଁ ଏପରି ଛଦ୍ମ ବେଶରେ ରହୁଛନ୍ତି । ରାତିହେଲେ ଏମାନେ ନିଜ ରୂପରେ ଡକାୟତି କରି ସକାଳେ ତପସ୍ୱୀ ସାଜୁଛନ୍ତି । କି ଛଳନା ! କି ନୃଶଂସ ଏମାନେ । ମହେନ୍ଦ୍ର ବାବୁଙ୍କ ଗଣ୍ଡି ଥରିବାକୁ ଲାଗିଲା । କିଛିକ୍ଷଣ ପରେ ନିଜକୁ ପ୍ରକୃତିସ୍ଥ କରି ଭାବିଲେ, ବାହାରକୁ ଯିବାକୁ ତ ଆଉ ଉପାୟ ନାହିଁ । ଏ ମାତାଲଙ୍କ ପାଖରେ ବି ଆଉ ବେଶି ସମୟ ରହିବା ଆଦୌ ଉଚିତ୍ ନୁହେଁ । ଯେଉଁମାନେ ମଣିଷକୁ ଚିପିମାରି ଦେବାରେ ଆନନ୍ଦ ଓ ଗର୍ବ କରୁଛନ୍ତି, ସେମାନଙ୍କ ପାଖରେ ବର୍ତ୍ତମାନ ମାତାଲ ବେଳରେ ରହିଲେ, କେତେବେଳେ ଯେ କେଉଁ କଥା ହେବ କିଏ ଜାଣିଛି ? ମହେନ୍ଦ୍ର ବାବୁ ଆଉ ବେଶୀ ସମୟ ସେଠାରେ ନ ରହି, ତାଙ୍କ ଭିତରୁ କେତେଜଣ କଥାବାର୍ତ୍ତା ହେଉଥିବା ଲୋକଙ୍କୁ କହିଲେ—"କାଲି ରାତି ଗୋଟାକ ଅନିଦ୍ରା ହୋଇଛି, ମୁଁ ଯାଉଛି ଟିକିଏ ବିଶ୍ରାମ ନେବି ।" ସେମାନେ ନିଶାରେ ଟଳଟଳି କହିବାକୁ ଲାଗିଲେ, "ଯାଅ ବାବୁ ଯାଅ, ମନ ଇଚ୍ଛା ଶୁଅ । ମାଙ୍କ ପ୍ରସାଦ ପାଇ ମଉଜ କର ।

ମହେନ୍ଦ୍ର ବାବୁ ଦୁଆର ମୁହଁ ଟପିଲାପରି, ତାଙ୍କୁ ସକାଳ ପ୍ରହରୁ ଜଗି ରହିଥିବା ଲୋକ ଦୁ'ଟାଙ୍କ ଭିତରୁ ଜଣେ ଟିକିଏ ହସି ଦେଇ କହିଲା—"ଆପଣ କାଲି ଯେଉଁ ଘରେ ଶୋଇଥିଲେ, ସେ ଘରକୁ ଏକା ଯାଇପାରିବେ ? ଯେଉଁ ବାଟଦେଇ ଆସିଥିଲେ, ସେ ବାଟକୁ

ବନ୍ଦ ହୋଇ ଗଲାଣି ।" ଆପଣ ମୋ ପଛେ ପଛେ ଆସନ୍ତୁ । ମହେନ୍ଦ୍ର ବାବୁ ପଛେ ପଛେ ଚାଲିଲେ; କିନ୍ତୁ ସତକୁ ସତ ମହେନ୍ଦ୍ର ବାବୁ ଯେଉଁ ବାଟ ଦେଇ ଆସିଥିଲେ ସେ ବାଟ ତାଙ୍କ ଆଖିରେ ସୁଝା ପଡ଼ିଲା ନାହିଁ । ସେହି ଘରେ ଘରେ କେତେ ଅନ୍ଧାରିଆ ଗଳିବାଟ ଦେଇ ଯାଉଁ ଯାଉଁ ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ।

ହଠାତ୍ ମହେନ୍ଦ୍ର ବାବୁଙ୍କ ସଙ୍ଗରେ ଆସୁଥିବା ଲୋକଟି ଥମି-ଯାଇ କହିଲା—ଯାଆନ୍ତୁ ବାବୁ, ଆପଣଙ୍କ ଘର ହୋଇ ଗଲାଣି । ମହେନ୍ଦ୍ର ବାବୁ ଘର ଭିତରକୁ ପଶି ଚାହିଁ ଦେଖିଲେ, ତାଙ୍କ ଖଟ ଉପରେ କାଲି ଯେଉଁ ଚାଦରଟି ବିଛା ହୋଇଥିଲା, ସେ ଚାଦର ବଦଳରେ ଅନ୍ୟ ଏକ ଚାଦର ବିଛା ହୋଇଛି ଏବଂ ମୁଣ୍ଡ ଉପରେ ଏକ ମଦ ବୋତଲ୍ ଓ ଗୋଟିଏ ଗ୍ଲାସ ଥୁଆ ହୋଇଛି । ମହେନ୍ଦ୍ର ବାବୁ ଏସବୁ ଘଟଣା ଦେଖି କଥା ପ୍ରସଙ୍ଗରେ ବାଁରେଇ ସେ ଲୋକଟିକୁ ବଡ଼ ଆଦର କରି ପଚାରିଲେ, "ତୁମେ ଏହିକ୍ଷଣି ଏ ଘରେ ରହିବ ନା କୁଆଡ଼େ ଯିବ ? ଏକୁଟିଆ ଆଦୌ ଭଲ ଲାଗୁ ନାହିଁ । ଯଦି ଏଇଠି ରହନ୍ତ ତାହାହେଲେ ଗପ ସପ କରି କିଛି ସମୟ କଟାଇ ଦିଅନ୍ତେ ।"

ସେ ଲୋକଟି ଟିକିଏ ମୁରୁକି ହସି କହିଲା, "ହଁ ବାବୁ, ଆପଣ ଟିକିଏ ଶୋଇ ଗଡ଼େଇ ପଡ଼େଇ ହେଉଥାନ୍ତୁ । ମୁଁ ଖାଇ ନାହିଁ, ଖାଇସାରି ଆସିଲେ ଗପସପ ହେବା ।" ମହେନ୍ଦ୍ର ବାବୁ ତା ପ୍ରତି ସହାନୁଭୂତି ଦେଖାଇ କହିଲେ, "ଏଁ ଆମେ ସବୁ ଖାଇ ସାରିଲୁଣି ତମେ ଖାଇନା, ଯାଅ ଆଗେ ଖାଇ ଆସ ତା'ପରେ ଯେଉଁ କଥା ।" ସେ ଲୋକଟି ଆସ୍ତେ କବାଟ ଆଉଜାଇ ଆଣି ବାହାରୁ ଜଞ୍ଜିର ଦେଇ ଚାଲିଗଲା ।

ଲୋକଟି ଚାଲିଗଲା ପରେ ମହେନ୍ଦ୍ର ବାବୁ ଖଟ ଉପରେ ଶୋଇ ଭାବିବାକୁ ଲାଗିଲେ—ସେ ଥିଲେ କେଉଁଠି ଆଉ ଆଜି ଅଛନ୍ତି

କେଉଁଠି । ବନ୍ଦଶାଳା ଅପେକ୍ଷା ଏଠି ନୂଆ ଲୋକଙ୍କ ପାଇଁ ଅହୁରି ବେଶୀ କାଇଦା କଟକଣା । କାଳେ ସେ ଦୈବାତ୍ କୁଆଡ଼େ ଖସିଯିବେ, ସେଥିପାଇଁ ତାଙ୍କ ପଛେ ପଛେ ଜଗୁଆଳି ରହୁଛନ୍ତି । କିଏ ଜାଣେ ଆଜି ଯେ ସେ ଏ ଡକାୟତଦଳଙ୍କ ଭିତରୁ ଘରକୁ ଫେରିଯାଇ ତାଙ୍କ ସାଙ୍ଗ ସାଥିମାନଙ୍କ ମୁହଁ ଦେଖିବେ । ତାଙ୍କ ମନ ଦବି ଆସେ ।

ପ୍ରାୟ ଅଧଘଣ୍ଟା ପରେ ବାହାର ଜଞ୍ଜିର ଫିଟାଇ ସେ ଲୋକଟି ଘର ଭିତରକୁ ଆସିଲା । ମହେନ୍ଦ୍ର ବାବୁ ତାକୁ ଦେଖି ପଚାରି କହିଲେ "ଏତେ ଚଞ୍ଚଳ ଖାଇ ଆସିଲଣି ?" ଲୋକଟି ଟିକିଏ ବିସ୍ମିତ ହୋଇ କହିଲା-କାହିଁକି ? ମୁଁ ତ ପ୍ରାୟ ଅଧଘଣ୍ଟା ହେବ ଗଲିଣି । ତା'ପରେ ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଉପରେ ଥୁଆ ହୋଇଥିବା ମଦ-ବୋତଲଟି ଆଡ଼କୁ ଅନାଇଁ କହିଲା - ବାବୁ, ବୋତଲଟା ସେମିତି ଥୁଆ ହୋଇଛି, କିଛି ବି ସେଥିରୁ ଖାଇ ନାହାଁନ୍ତି ? ମହେନ୍ଦ୍ର ବାବୁ ଆଗ୍ରହ ଦେଖାଇ କହିଲେ--"ମୋର ତ ଆଦୌ ଅଭ୍ୟାସ ନାହିଁ, ସକାଳେ ଟିକିଏ ଖାଇଛି, ଆସ୍ତେ ଆସ୍ତେ ଅଭ୍ୟାସ କରିବି । ତମର ଯଦି ଇଚ୍ଛା ହେଉଛି, ନେଇ ସବୁଯାକ ପିଇ ଦେଇପାର ।

ଲୋକଟି ଟିକିଏ କିନ୍ କିନ୍ ହୋଇ କହିଲା—"ନାଁ ବାବୁ, ଆଜି ମୁଁ ପିଇବି ନାହିଁ ।"

ମହେନ୍ଦ୍ର ବାବୁ ଆସ୍ତେ ପଚାରିଲେ—କାହିଁକି ? ଆଜି କଣ କି ଖାଇବ ନାହିଁ ? ସମସ୍ତେ ତ ପ୍ରାୟ ବୋତଲେ ବୋତଲେ ଉଡ଼ାଇ ଦେଉଛନ୍ତି ।

ଲୋକଟି କହିଲା—"ମୁଁ ବି ଘଣ୍ଟାକ ଭିତରେ ଦି ବୋତଲ ଉଡ଼ାଇ ଦେବା ଲୋକ; କିନ୍ତୁ ଆଜି ମୁଁ ଆପଣଙ୍କୁ ଜଗି ରହିଛି । ସେଥିପାଇଁ ଖାଇବି ନାହିଁ । କାଳେ ମତିଭ୍ରମ ଘଟିବ । ଏକଥା ସ୍ୱାମୀ ବାବା ଜାଣିଲେ ବଡ଼ ରାଗିବେ ।

ମହେନ୍ଦ୍ର ବାବୁ କହିଲେ, "କାହିଁକି ମୋତେ ଜଗି ରହିଛ ? ମୁଁ କଣ କୁଆଡ଼େ ପଳାଇ ଯାଉଛି ନା କଣ ?"

ଲୋକଟି କ୍ଷଣକାଳ ନୀରବ ରହି କହିଲା—"ନା, ଆପଣ ତ ଖୁବ୍ ଭଲ ଲୋକ । ସ୍ୱାମୀ ବାବାଙ୍କ ଉପରେ ଅଟଳ ବିଶ୍ୱାସ ଅଛି, ତେବେ ଆପଣ ନୂଆ ଆସିଛନ୍ତି । ଯେଉଁମାନେ ପ୍ରଥମେ ଆସନ୍ତି ସେମାନଙ୍କୁ ପ୍ରାୟ କିଛିଦିନ ଏହିପରି ଜଗୁଆଳରେ ରଖାଯାଏ ।"

ମହେନ୍ଦ୍ର ବାବୁ ଟିକିଏ ମୁରୁକି ହସି କହିଲେ—"ମୁଁ ତ ସ୍ୱଇଚ୍ଛାରେ ଏଠିକୁ ଆସିଛି । ମୋର କୁଆଡ଼େ ପଳାଇଯିବାର ତ ଇଚ୍ଛା ନାହିଁ । ମୋତେ ବିଶ୍ୱାସ କର, ମୁଁ ଏ ଦୁଆର ବନ୍ଦ ଠେଲି କୁଆଡ଼େ ଯିବି ନାହିଁ । ତମର ଯଦି ଭାରି ଇଚ୍ଛା ହେଉଛି, ତାହାହେଲେ ଏହି ମଦ ବୋତଲଟା ଶେଷ କରିଦିଅ ।"

ଲୋକଟି ମହେନ୍ଦ୍ର ବାବୁଙ୍କ କଥାରେ ବଡ଼ ଆଗ୍ରହ ଦେଖାଇ କହିଲା, "ବାବୁ ମୁଁ କଣ ଲୋକ ଅଜା ଯାଏ ଚିହ୍ନେ ନାହିଁ ? ଆପଣ ଖୁବ୍ ଭଲ ଲୋକ । ତା ପରେ ମଦ ବୋତଲଟି ତାଙ୍କ ମୁଣ୍ଡ ଉପରୁ ଆଣି ପ୍ରାୟ ଅଧେ, ମୁହୂର୍ତ୍ତିକ ମଧ୍ୟରେ ଶେଷ କରିଦେଲା ।"

ଲୋକଟି ପୁନର୍ବାର ବୋତଲଟି ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଉପରେ ରଖି ଦେଲା ପରେ ମହେନ୍ଦ୍ର ବାବୁ କହିଲେ, "ଠିଆହେଲ କାହିଁକି ? ମୋ ପାଖରେ ଏ ଖଟ ଉପରେ ଆସି ବସୁନା ? ଏ ପରା ମା କାଳୀଙ୍କର ପୀଠ, ଏଠି ସାନ ବଡ଼ କଣ ? ଆଜିଠାରୁ ତ ତୁମ୍ଭେ-ମାନେ ମୋର ବନ୍ଧୁ ହେଲ ।"

ଲୋକଟି ମହେନ୍ଦ୍ର ବାବୁଙ୍କଠାରୁ ଏତିକ ଶୁଣି ଟିକିଏ ହସିଦେଇ ଭିତର ଦୁଆର ମୁହଁ କବାଟ ବନ୍ଦକରି ତାଙ୍କ ପାଖରେ ଯାଇ ବସିଲା । ତାହାପରେ ମହେନ୍ଦ୍ର ବାବୁ ଆରମ୍ଭ କଲେ—"ଆଜି ଯେଉଁ ମାଂସ ତରକାରି ହୋଇଥିଲା, ସେପରି ମାଂସ ତରକାରି ମୁଁ କେବେ ମୋ

ଜୀବନରେ ଖାଇ ନାହିଁ, ଖୁବ୍ ଭଲ ମାଂସ, ରାନ୍ଧିଲାବାଲା ବି ଖୁବ୍ ଭଲ । ଏତେ ସକାଳୁ ମାଂସ କେଉଁଠୁ ଆଣିଲ ?"

ଲୋକଟି ତାଙ୍କ କଥାରେ ଆଗ୍ରହ ଦେଖାଇ କହିଲା—"ଆପଣ ମୋଟେ କିଛି ଖାଇ ନାହାନ୍ତି । କଣ ରାନ୍ଧିଛି, ତା' ଅପେକ୍ଷା ଆହୁରି ଭଲ ରାନ୍ଧିଲାବାଲା ଅଛନ୍ତି । ଆପଣ ଆଜି କିଛିଦିନ ଗଲେ ତ ଖାଇ ପିଇ ମଜଲିସ କରି ଦୁନିଆକୁ ଭୁଲିଯିବେ । ଆମର ଏଠିକୁ ବାହାର ମାଂସ ଆସେ ନାହିଁ । ପ୍ରତିଦିନ ରାତି ବାରଟାପରେ ମାଆଙ୍କ ପାଖରେ ଗୋଟିଏ ବୋଦା ବା ଖାସି ବଳି ଦିଆଯାଏ । ସେହି ମାଂସ ସକାଳୁ ରନ୍ଧାଯାଏ । ଆଜି ରାତି ବାରଟା ପରେ ଯେତେବେଳେ ବଳି ଦିଆଯିବ, ଆପଣ ସେତେବେଳେ ଦେଖିବେ ଯେ ।"

ମହେନ୍ଦ୍ର ବାବୁ ତା କଥା ଶୁଣି ବଡ଼ ଶଙ୍କିଯାଇ କହିଲେ—ମୋତେ କ୍ଷମା କରିବ । ମୁଁ ବଳି ପଡ଼ିବା ଦେଖି ପାରିବି ନାହିଁ ।

ଲୋକଟି ବଡ଼ ବିସ୍ମିତ ହୋଇ କହିଲା— 'ଏଁ, ଆପଣ ସାମାନ୍ୟ ଏ ବଳି ପଡ଼ିବା ଦେଖି ପାରିବେ ନାହିଁ । ଆମର ଏଠି ଯେଉଁମାନେ ଅଛନ୍ତି, ସେମାନେ ବଳି ପଡ଼ିଲା ବେଳେ ନିଜ ହାତରେ ବଳି ଦେବାପାଇଁ ଗଣ୍ଡଗୋଳ କରୁଛନ୍ତି । ମାଆଙ୍କ ଆଗରେ ନିଜ ହାତରେ ବଳିଦେବା ସୌଭାଗ୍ୟର କଥା । ବଳି ପକାଇବାରେ ବି ଖୁବ୍ ଆନନ୍ଦ ମିଳିବ । ଆପଣ ଆଜିଠାରୁ ମୋରବଡ଼ ସାଙ୍ଗହୋଇ ଗଲେଣି ବୋଲି ମୁଁ ଆପଣଙ୍କୁ ଚେତେଇ ଦେଉଛି । ଏ ବୋଦା ବଳି ପଡ଼ିବାଟା ସାମାନ୍ୟ କଥା, ଆହୁରି ଅନେକ ବଡ଼କଥା ଅଛି । ଆପଣ ପରେ ସେ ସବୁ କଥା ଜାଣିପାରିବେ । ଆପଣ ଏତେ ଡରକୁଳା ବୋଲି ନିଜକୁ କେବେ କୌଣସି କଥାରେ ପରିଚୟ ଦେବେ ନାହିଁ । ଯିଏ ଯେତେବେଳେ ଆପଣଙ୍କୁ ଯେକୌଣସି କାମ କରି ପାରିବ କି ନାହିଁ ବୋଲି ପଚାରିବ, ଆପଣ ନିଃସଙ୍କୋଚରେ ହସି ହସି ଉତ୍ତର ଦେବେ, 'ନିଶ୍ଚୟ ମୁଁ ସବୁ କରି ପାରିବି' । ଏମିତି ଦିନ ଆସିବ

ଆପଣଙ୍କୁ ମଧ୍ୟ ନିଜ ହାତରେ ମା'ଙ୍କ ଆଗରେ ବଳି ଦେବାକୁ ପଡ଼ିବ; ସେଥିପାଇଁ ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ପ୍ରାୟ ଅଠଦିନ ବଳି ପଡ଼ିବା ଦେଖିଲେ ଅଳ୍ପେ ଅଳ୍ପେ ଆପଣଙ୍କର ସେ ଡରଭୟ ଭାଙ୍ଗି ଯିବ ।

ମହେନ୍ଦ୍ର ବାବୁ ତା ଠାରୁ ଏ ସବୁ କଥା ଶୁଣି ଶୁଣି ବଡ କାତର ହୋଇ ପଡ଼ିଥିଲେ । ଲୋକଟି ତା କଥା ବନ୍ଦ କଲାକ୍ଷଣି ମହେନ୍ଦ୍ର ବାବୁ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ପଚାରିଲେ—ମୁଁ ନିଜ ହାତରେ ବଳି ନ ପକାଇଲେ କଣ ହେବ ନାହିଁ ? ମୋତେ ଆଉ ଯେଉଁ କାମ କରିବାକୁ କହିବ ମୁଁ କରିବ ! ଲୋକଟି କହିଲା— ମୋ ଆଗରେ ଏପରି କହିଲେ ବୋଲି ଆଉ କାହା ଆଗରେ ସେମିତି କହିବେ ନାହିଁ । ଯେଉଁମାନେ ଏ ସବୁ କାମକୁ ଡରନ୍ତି, ସେମାନଙ୍କର ଏଠି ସ୍ଥାନ ନାହିଁ । ଆପଣ ନୂଆ ଆସିଛନ୍ତି, କିଛି ଦେଖି ନାହାନ୍ତି, ସେଥିପାଇଁ ସବୁ କଥାକୁ ଡର ଲାଗୁଛି, ସେ ଭୟ କ୍ରମେ ଛାଡ଼ିଯିବ ।

ଲୋକଟିକୁ ଅଳ୍ପେ ଅଳ୍ପେ ନିଶା ଧରି ଆସୁଥିଲା । ମହେନ୍ଦ୍ର ବାବୁ ପୁନର୍ବାର ତାକୁ କହିଲେ—ପ୍ରଥମରୁ ତୁମେହିଁ ମୋର ଭରସା ହୋଇଛ । ଯେଉଁମାନେ ଡରନ୍ତି ସେମାନଙ୍କୁ କିପରି ବଳି ଦିଆଯାଏ, ତାହା ମୁଁ ଆଗରୁ ମାଳତୀଠାରୁ ଶୁଣିଛି । ତୁମେ ମୋତେ ସବୁ ବତାଇ ଦେବ, ମୁଁ ତ କିଛି ଜାଣି ନାହିଁ ।"

ଲୋକଟି ଟିକିଏ ହସି ଦେଇ କହିଲା—"ମାଳତୀକୁ, ସ୍ୱାମୀ ବାବାଙ୍କର ଯେତେ ମାଇକିନିଆ ଶିଷ୍ୟ ଏଠି ଅଛନ୍ତି ସମସ୍ତଙ୍କ ଅପେକ୍ଷା ବେଶୀ ବିଶ୍ୱାସ; ସେ ତାକୁ ଖୁବ୍ ଭଲ ପାଆନ୍ତି । ସ୍ୱାମୀ ବାବାଙ୍କ ଅସଲ କାମରେ ସେ ଖୁବ୍ ସାହାଯ୍ୟ କରେ, ସେଥିପାଇଁ ସ୍ୱାମୀ ବାବା ତାକୁ ପ୍ରାୟ ସବୁବେଳେ ମନେ ପକାନ୍ତି, ଆପଣଙ୍କର ମାଳତୀ ଆଉ ଅଳ୍ପଦିନ ପରେ ଫେରି ଆସିବ ଯେ ।"

ମହେନ୍ଦ୍ର ବାବୁ କହିଲେ—"ଆଜ୍ଞା ତ ସେଇ କଥା ମୋତେ କହିଛି । ଆଉ ଅଳ୍ପଦିନ ପରେ ତାର କାମ ଶେଷ କରି ଫେରି ଆସିବ । ଲୋକଟି ଟିକିଏ ଖୁସି ମନରେ ପଚାରିଲା, "କେଉଁ କାମ ଶେଷ କରି ଫେରି ଆସିବ ଆପଣ ସେ କଥା ଜାଣନ୍ତି ?" ମହେନ୍ଦ୍ର ବାବୁ କହିଲେ—ନା, ମୁଁ ସେ କଥା ଜାଣି ନାହିଁ, ମୁଁ ବି ତାକୁ ସେ ବିଷୟରେ କିଛି ପଚାରି ନାହିଁ । ଲୋକଟି ମୃଦୁ ହସି କହିଲା—ସେକଥା ଆପଣଙ୍କୁ ସେ କେବେ କହିବ ନାହିଁ । ମହେନ୍ଦ୍ର ବାବୁ ବଡ଼ କୌତୁହଳୀ ହୋଇ ପଚାରିଲେ—ସେ କି କାମ ତୁମେ କହୁନା ? ଲୋକଟି ଜିଭ କାମୁଡ଼ି ପକାଇ କହିଲା—'ଆପଣ କ୍ଷମା କରିବେ, ସେ କଥା ଆଜି ମୁଁ ଆପଣଙ୍କୁ କହି ପାରିବି ନାହିଁ ।"
ମହେନ୍ଦ୍ର ବାବୁଙ୍କ ମନ ଅଜଣା ଭୟରେ ଥରି ଉଠିଲା ।

କିଛିକ୍ଷଣ ପରେ ସେହି ଲୋକଟି ପୁନର୍ବାର ବାକିଥିବା ମଦତକ ଶେଷ କରିବାକୁ ଲାଗିଲା । ଖାଲି ବୋତଲଟା ଖଟ ତଳକୁ ରଖିଦେଇ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ କହିଲା—ଦେଖନ୍ତୁ, ଆପଣ ଖୁବ୍ ଭଲ ଲୋକ । ଆପଣଙ୍କ ପରି ନୂଆ ଆସିଥିବା କେତେ ଲୋକଙ୍କୁ ମୁଁ ଜାଣିଛି; କିନ୍ତୁ ଆପଣଙ୍କ ପରି କେବେ କାହାକୁ ଦେଖି ନାହିଁ । ଆପଣ ଅତି ବିଶ୍ୱାସୀ ଲୋକ ହୋଇ ନ ଥିଲେ ମୁଁ କେବେ ଆଜି ମଦତକ ପିଇ ନ ଥାନ୍ତି । ଆପଣଙ୍କୁ ଯଦି କିଏ କିଛି ପଚାରିବ ଆପଣ କହିବେ—ଆମେ ଦୁହେଁ ଏ ମଦତକ ପିଇ ଦେଇଛୁ । ଏହା କହିଲେ ସମସ୍ତେ ଭାରି ଖୁସି ହେବେ ।

ମହେନ୍ଦ୍ର ବାବୁ ବଡ଼ ଖୁସି ହୋଇ କହିଲେ—ଭଲ କଥା, ମୁଁ ସେଇଆ କହିବି ।

ଲୋକଟି କିଛିକ୍ଷଣ ପରେ ଭଲ ଚାଲି ଖୁସି ମନରେ କହିଲା—ବାବୁ, ଆପଣ ତ ସବୁ କଥାକୁ ଭାରି ଡରୁଛନ୍ତି, ଆଜି ରାତି ବାରଟା ପରେ ଯେତେବେଳେ ଆପଣଙ୍କ ପାଖକୁ ଖୁବ୍ ସୁନ୍ଦରୀ

ମାଈକାନା ଝିଅ ଦ' ଚାରି ଜଣ ଅସିବେ, ସେତେବେଳେ ସେମାନଙ୍କୁ ଦେଖି ଡରିଯିବେ ନାହିଁ ତ ? ଲୋକଟା ଏ କଥା କହି ଆପେ ଆପେ ହସିବାକୁ ଲାଗିଲା ।

ମହେନ୍ଦ୍ର ବାବୁ ବଡ଼ ବିସ୍ମିତ ହୋଇ ତା ହାତକୁ ଧରି ପକାଇ ବଡ଼ ଅଗ୍ରହରେ ପଚାରିଲେ—ଏଁ, ମାଈକାନା ଝିଅ, କାହିଁ ? କାଲଠୁଁ ତ ମୁଁ ଗୋଟାଏ ସୁଦ୍ଧା କେଉଁଠି ଦେଖି ନାହିଁ । ସେମାନେ କଣ ଏହାରି ଭିତରେ ଅଛନ୍ତି ?

ଲୋକଟି ବଡ଼ ଖୁସିମନରେ କହିବାକୁ ଲାଗିଲା—ଆପଣ ଏକା ବେଳେକେ ନୂଆଲୋକ, ଆପଣ ଏ ପର୍ଯ୍ୟନ୍ତ କିଛି ଜାଣି ନାହାନ୍ତି କି କିଛୁ ଦେଖି ବି ନାହାନ୍ତି । ଏଠି ତ ପ୍ରାୟ ୨୦ ଜଣ ମାଈକାନା ଝିଅ ଅଛନ୍ତି । ତା ଛଡ଼ା ଖୋଦ୍ ସ୍ୱାମୀ ବାବାଙ୍କ ପାଖରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଦେଖିଲେ ଆପଣଙ୍କ ଆଖି ଝଲସି ଯିବ । ଦୁନିଆରେ ଏତେ ସୁଖ ଶାନ୍ତିରେ କିଏ ଅଛନ୍ତି ବୋଲି ତ ମୋର ଧାରଣା ନାହିଁ ।

ମହେନ୍ଦ୍ର ବାବୁ ତା' କଥାରେ ଅଗ୍ରହ ଦେଖାଇ କହିଲେ— ମୁଁ ସବୁ କଥାକୁ ଡରିବା ଲୋକ ନୁହେଁ ।

ଲୋକଟି ହସିଦେଇ କହିଲା—ବେଶ୍, ବେଶ୍, ଆଜି ରାତି ଦୁଇଟା ପରେ……

ହଠାତ୍ ବାହାର ଜଞ୍ଜିର ଖଟ୍ ଖଟ୍ ହେଲା । ଲୋକଟି ଠିକ୍ ଏ କାନପାରି କହିଲା, "ଆପଣ ଶୁଅନ୍ତୁ, ଅଜ ଅଧଘଣ୍ଟା ପରେ ମା'ଙ୍କ ଧୂପ ବଢ଼ିବ, ଆପଣଙ୍କୁ ଖାଇବାକୁ ଯିବାକୁ ମୁଁ ପୁଣି ଡାକ ଅସିବି । ସେ ଆଉ ମୁହୂର୍ତ୍ତେ ବିଲମ୍ବ ନ କରି ବାହାରୁ ଜଞ୍ଜିର ଦେଇ ଗୁଲିଗଲା ।

ମହେନ୍ଦ୍ର ବାବୁ ସେମିତି ବିଛଣାରେ ପଡ଼ି ରହି ଏହି ଭୀଷଣ ଡକାୟତ ଦଳଙ୍କ ବିଷୟରେ କେତେ କଣ ଭାବିବାକୁ ଲାଗିଲେ ।

ପ୍ରାୟ ଅନେକ ସମୟ ପରେ ସେ ଲୋକଟି ପୁନର୍ବାର ସେ ଘର ଭିତରକୁ ଆସିଲା । ମହେନ୍ଦ୍ର ବାବୁଙ୍କୁ ସେତେବେଳକୁ ଟିକିଏ ନିଦ ଲାଗିଯାଇ ଥାଏ । ଲୋକଟି ଆସ୍ତେ ତାଙ୍କ ପାଖରେ ବସି ତାଙ୍କ ପିଠିରେ ହାତ ମାରି ଧୀରେ ଧୀରେ ଡାକିଲା, ବାବୁ ! ବାବୁ ! ଉଠନ୍ତୁ, ଧୂପ ବଢ଼ିଲାଣି । ଅନ୍ୟମାନେ ଅପେକ୍ଷା କରୁଛନ୍ତି ।

ମହେନ୍ଦ୍ର ବାବୁଙ୍କ ନିଦ ଚୁଇଁକିନା ଭାଙ୍ଗିଗଲା । ସେ ଉଠି ବସି କହିଲେ—"ତୁମେ ଏତେ ଡେରି କଲନା ? ମୁଁ ଅନେକ ସମୟ ଚାହିଁ ଚାହିଁ ଏଇ ଅଳ୍ପ ସମୟ ହେଲା ମୋତେ ଟିକିଏ ନିଦ ଆସି ଯାଇଥିଲା । ଲୋକଟି କହିଲା, "ସବୁ ଦିନ ଅପେକ୍ଷା ମା'ଙ୍କ ଧୂପ ହେବାର ଆଜି ଟିକିଏ ଡେରି ହୋଇଛି । ଆପଣଙ୍କୁ ବୋଧହୁଏ ଖୁବ୍ ଭୋକ କଲାଣି, ଆସନ୍ତୁ । ମହେନ୍ଦ୍ର ବାବୁ, ଆଉ ଡେରି ନକରି ତା ସଙ୍ଗେ ସଙ୍ଗେ ଗଲେ ।

× × × ×

ସେହିଦିନ ରାତି । ସମୟ ପ୍ରାୟ ଗୋଟାଏ ହେବ । ଚାରିଆଡ଼ ନିର୍ଘେ । ନିଶା ସାଇଁ ସାଇଁ ଗର୍ଜୁଛି ବେଳେ ବେଳେ ସେହି ପାହାଡ଼ ଜଙ୍ଗଲ ଭିତରୁ କେତେବେଳେ ବାଲୁଅ ବା ହେଟାର କୁହାଟ ଯାହା ଶୁଭୁଛି ସେତିକି; କିନ୍ତୁ ସେହି ମଠ ଭିତରେ ଗହଳ ଚହଳ ଖୁବ୍ ଲାଗିଛି ।

ସେହିଦିନ ରାତି ବାରଟା । ମହେନ୍ଦ୍ର ବାବୁଙ୍କ ପାଖେ ପାଖେ ଯେଉଁ ଲୋକଟି ଦିନ ରାତି ପ୍ରାୟ ବରାବର ରହିଛି, ସେ ଲୋକଟି ନାଁ ପଚାରି ବୁଝି ନେଇଥିଲେ ଯେ, ତା' ନାଁ ହେଉଛି, ଦଲାଇ । ମହେନ୍ଦ୍ର ବାବୁ ବିଛଣାରେ ପଡ଼ି ଗଡ଼ ପଡ଼ ହେଉଥାନ୍ତି । ତାଙ୍କ ମନକୁ କେତେ ଆଉ କେତେ କଥା ଆସି ଆଖିକୁ ଜମାରୁ ନିଦ ଆସୁ ନ ଥାଏ । ହଠାତ୍ ଦଲାଇ ସେ ଘରକୁ ପଶିଯାଇ କହିଲା—ଆସନ୍ତୁ, ମା'ଙ୍କ ପୂଜା ଦେଖିବେ ପରା !

ମହେନ୍ଦ୍ର ବାବୁ ଚମକି ଉଠି ବସିଲେ । ତାଙ୍କ ଛାତିଟା ଗୋଟାଏ ଅଜଣା ଆଶଙ୍କାରେ ଧପ୍ ଧପ୍ ହେବାକୁ ଲାଗିଲା । ନିଶ୍ଚେ ରାତିରୁ ମା'ଙ୍କ ପୂଜାରେ ବଳି ଦିଆଯିବା କଥା ଆଗରୁ ଜାଣିଛନ୍ତି । ନିଶ୍ଚେ ଆଜି ମା'ଙ୍କ ଆଗରେ ମୁକ୍ତା ହେବେ ନାହିଁ ତ ।

ଦଲାଲ ବଡ଼ ତର୍ ତର୍ ହୋଇ ଭାରି ଖୁସି ହୋଇ ଡାକିଲା— କଣ ଭାବୁଛନ୍ତି ? ଚଞ୍ଚଳ ଆସନ୍ତୁ । ସୁନ୍ଦର ସୁନ୍ଦର ଯୁବତୀମାନଙ୍କୁ ଦେଖିଲେ ଆପଣଙ୍କ ଆଖି ଝଲସି ଯିବ । ମୁଁ ତା କଥାବାର୍ତ୍ତା ଢଙ୍ଗ-ଢାଙ୍ଗରୁ ବୁଝି ପାରିଥିଲି ଲୋକଟା ଖୁବ୍ ମଦ ଖାଇଛି; କିନ୍ତୁ ବାହାରେ କଥାବାର୍ତ୍ତା କରିବାରେ ସବୁ ଠିକ୍ ଅଛି ।

ମହେନ୍ଦ୍ର ବାବୁ ଭଗବାନଙ୍କୁ ଡାକି, ଖଟ ଉପରୁ ଓହ୍ଲାଇପଡ଼ି ତାର ପଛେ ପଛେ ଗଲେ ।

ଖଡ଼୍ଗଧାରିଣୀ ମା' କାଳୀ ମୂର୍ତ୍ତି । ତାଙ୍କ ଆଗରେ ପ୍ରାୟ କୋଡ଼ିଏ ଜଣ ସରିକି ବିଶାଳକାୟ ଲୋକ ସମାବେଶ । ତା ଛଡ଼ା ବାଁ ପାଖକୁ ପ୍ରାୟ ନ'ଦଶ ଜଣ ହେବ ଯୁବତୀ ଠିଆ ହୋଇଛନ୍ତି । ମା'ଙ୍କ ଆଗରେ ଅର୍ଗଳି ପାଖରେ ଦୁଇଟି ବୋଦା ବନ୍ଧା ହୋଇଛନ୍ତି । ସେଇ ଦୁଇଟି ବଳି ପଡ଼ିବେ ।

ମହେନ୍ଦ୍ର ବାବୁ ପହଞ୍ଚିବା ସଙ୍ଗେ ସଙ୍ଗେ ଦଲାଲ କଥାରେ ସମସ୍ତେ ବଡ଼ ଅଗ୍ରହରେ ଅଡ଼େଇ ଗଲେ । ଦଲାଲ ମହେନ୍ଦ୍ର ବାବୁଙ୍କୁ ମା'ଙ୍କ ଡାହାଣ ପାଖରେ ନେଇ ଠିଆ କରାଇଦେଲା । ମହେନ୍ଦ୍ର ବାବୁ ଚାରିଆଡ଼କୁ ଥରେ ଅନାଇଁ, ଆଗକୁ ଅନାଇଁଲେ ପ୍ରାୟ ସବୁ ଯୁବତୀଗୁଡ଼ିକ ତାଙ୍କର ଆଡ଼କୁ କିଏ ମୁହଁରେ ଲୁଗା ଦେଇ— କିଏ ବା ଦୁଷ୍ଟାମୀ ଗୁହାଣିରେ ଗୁହିଁ ହସୁଛନ୍ତି ।

ସେ ଯୁବତୀଗୁଡ଼ିକୁ ଦେଖି ମୁହୂର୍ତ୍ତକ ପାଇଁ ମହେନ୍ଦ୍ର ବାବୁଙ୍କର ପ୍ରାଣଧନ ବାବୁଙ୍କ ବିଧବା ଝିଅ ଊର୍ମିଳା, ଯାହାକୁ ମାଳତୀ ଆଣି ଏଠାରେ ରଖାଇଛି, ତା' କଥା ମନେ ପଡ଼ିଗଲା । ସେ ତା

ଭିତରେ କିଏ ବୋଲି ଥରେ ଆଖି ବୁଲାଇ ଆଣିଲେ; କିନ୍ତୁ ତାର ଫଟରେ ଦେଖିଥିବା ଚେହେରା ସହିତ କାହାର ଖାପ ଖାଇଲା ନାହିଁ। ତେବେ ଊର୍ମିଳା କେଉଁଠି ? ଯାହାର ସନ୍ଧାନ ନେବାକୁ ସେ ଏକରକମ ମରଣକୁ ବରଣ କରିଛନ୍ତି; ସେ କାହିଁ ? ଏଇଠି ବଳିପଡ଼ି ନାହିଁ ତ !

ତାଙ୍କର ଭାବନାକୁ ଭାଙ୍ଗି ତାଙ୍କର ଆଗ ପରିଚିତ ପୂଜକ ଜଣକ ଟୋକାଏ ବଡ଼ ତମ୍ବା ପାତ୍ରରେ ମଦ ଆଣି ମା'ଙ୍କ ଆଗରେ ରଖିଲା। ତା' ପରେ ମନ୍ତ୍ର ପାଠ କରି ସେ ପାତ୍ର ଦେହରେ ବେଲପତ୍ର ପକାଇ, ପାଖରେ ବନ୍ଧା ହୋଇଥିବା ବୋଦା ଦୁଇଟିଙ୍କ ଉପରେ ଦୁଇଟି ମନ୍ଦାରଫୁଲ ରଖିଦେଲା ।

ତା'ପରେ ସେଠି ଠିଆ ହୋଇଥିବା ସବୁ ପୁରୁଷଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହୋଇଗଲା । ଗୋଳମାଳର ପ୍ରଧାନ କାରଣ, ବୋଦା ଦୁଇଟିକୁ ବଳି ପକାଇବା ପାଇଁ ନିଜ ଭିତରେ ଠେଲାଠେଲି । ସେମାନଙ୍କ ଗୋଳମାଳ ଭିତରେ ଦଳାଇ ହାତ ହଲାଇ କହିଲା—"ସମସ୍ତେ ଚୁପ୍‌ହୁଅ । ଏ ବାବୁ ନୂଆ ହୋଇ ଆସିଛନ୍ତି, ସେ ପକାଇବେ" ସମସ୍ତେ ଚୁପ୍‌ହୋଇ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଚାହିଁ ରହିଲେ ।

ଦଳାଇ ଏ କଥା କହିଲା ବେଳଠୁଁ ମହେନ୍ଦ୍ର ବାବୁଙ୍କ ଦେହ ଥରୁଥିଲା । କଲିଜାଟା ଏତେ ଜୋରରେ ପଡ଼ୁଥିଲା ଉଠୁଥିଲା, ଯେପରିକି ଯେ କୌଣସି ମୁହୂର୍ତ୍ତରେ ହଠାତ୍ ବନ୍ଦ ହୋଇଯିବ । ମହେନ୍ଦ୍ର ବାବୁ ନିର୍ବାକ ହୋଇ ଠିଆ ହୋଇଥାନ୍ତି । ସମସ୍ତଙ୍କ ଆଖି ତାଙ୍କରି ଉପରେ ନ୍ୟସ୍ତ ।

ବୃଦ୍ଧ ପୂଜକ ଜଣକ ପଛକୁ ଅନାଇ ମୁରୁକି ହସି କହିଲେ,— "ତମେ ଅଜା ପାରିବ ? ଅଜ ଡେଉଁର କାହିଁକି ? କାମ ଶେଷ କର ।"

ମହେନ୍ଦ୍ର ବାବୁ ବଡ଼ ନରମ ଗଳାରେ କହିଲେ,—"ଆଜ୍ଞା, ମା'ଙ୍କ ପାଇଁ ସ୍ୱାମୀ ବାବାଙ୍କର ଆଦେଶ ପାଇଲେ ମୁଁ ସବୁ କରୁଛି କରୁ

ପାରିବ । ଆଜି ଏ ସବୁ ମୋ ପକ୍ଷରେ ନୂଆ, ଏସବୁ ମୁଁ କେବେ ଦେଖି ନାହିଁ । ଆପଣ ଆଦେଶ କଲେ ଅନ୍ୟମାନେ ଆଜି ମା'ଙ୍କ କାର୍ଯ୍ୟ ସମ୍ପନ୍ନ କରନ୍ତୁ । ମୁଁ ଥରେ ଦୁଇଥର ଦେଖିଲେ ନିର୍ବିଘ୍ନରେ ସବୁ କରନ୍ତି ।"

ବୃଦ୍ଧ ପୂଜକ ଜଣକ ମୁହୂର୍ତ୍ତେ କଣ ଭାବିଲେ କେଜାଣି, କହିଲେ—"ବେଶ୍, ତମେ ପ୍ରତିଦିନ ଆସି ଏ ସବୁ ଦେଖ । ତମର ସାହସ ହୋଇଯିବ ଯେ ।"

ତା'ପରେ ସେହି ପୂଜକଙ୍କ ଆଦେଶରେ ଗୋଟିକ ପରେ ଗୋଟିଏ ବୋଦା ମା'ଙ୍କ ପାଦ ତଳେ ବଳି ଦିଆଗଲା । ଦୁଇଟିଯାକ ବେଦାର ଗଣ୍ଡିର ଛଟପଟ, ପିଚକାରି ମାରିଲା ଭଳି ରକ୍ତ ଦେଖି ମହେନ୍ଦ୍ରବାବୁଙ୍କ ଆଖି ବୁଜି ହୋଇଗଲା...ମୁଣ୍ଡ ଘୂରିବାକୁ ଲାଗିଲା... ସତେ ଯେପରି ସେ ସେଇଠି କମ୍ପିତ ହୋଇ ପଡ଼ିବେ; କିନ୍ତୁ ତାର ଭିତରେ ସେ ଖାମଖେୟାଲିଙ୍କ ଭଳି ଅନ୍ୟମାନଙ୍କ ଅନାଇଁ ବୁଝିନେଇ ଥିଲେ ଯେ, ତାଙ୍କ ଛଡ଼ା ଅନ୍ୟ କାହାରି ମନରେ ତିଳେମାତ୍ର କଷ୍ଟ ନାହିଁ, ସମସ୍ତଙ୍କ ମୁହଁରେ ଉଚ୍ଛୁଳା ଆନନ୍ଦ ।

ବଳି ପଡ଼ିବା ସଙ୍ଗେ ସଙ୍ଗେ ଗୋଟିଏ ତମ୍ବା ପାତ୍ରରେ ରକ୍ତ ସଢ଼ ସଢ଼ ମୁଣ୍ଡ ଦୁଇଟିଙ୍କୁ ରଖି ମା'ଙ୍କ ଆଗରେ ଭୋଗ ଲଗାଗଲା ।

ତା' ପରେ ସମସ୍ତେ ମା'ଙ୍କ ଚରଣ ତଳେ ମୁଣ୍ଡ ଲଗାଇ ସେଠୁ ଅନ୍ତର ହୋଇ ଗଲେ । ମହେନ୍ଦ୍ର ବାବୁ ବାହାରକୁ ଆସିବା ସଙ୍ଗେ ସଙ୍ଗେ ସେହି ଦଲାଲ ତାଙ୍କ ପାଖେ ପାଖେ ଥାଇ କହିଲା—"ଆଉ ଶୋଇବା ଘରକୁ ଯିବେ କାହିଁକି ? ଏଇକ୍ଷଣି ତ ପଙ୍ଗତ ଲାଗିବ । ଆପଣ ତ ଆଜି ଏ ସାମାନ୍ୟ ବଳି ପଡ଼ିବା ଦେଖିଲେ, ଆଉ ଅଳ୍ପ ଦିନ ରହିଲେ, ସେ ଦିନ କିନ୍ତୁ ଏ ବଳି ପଡ଼ିବ ନାହିଁ ।" ଦଲାଲ ମୁରୁକି ହସି ନୀରବ ହୋଇ ରହିଲା ।

ସେ ବଳି କଣ—ମହେନ୍ଦ୍ରବାବୁ ବେଶ୍ ବୁଝି ନେଇଥିଲେ ।

× × ×

ପଙ୍ଗତ ବଢ଼ିଲା । ମହେନ୍ଦ୍ର ବାବୁ ଦଲାଇ ସାଙ୍ଗରେ ତାଙ୍କ ଶୋଇବା ଘରକୁ ଫେରିଆସି କହିଲେ,—"ଏଇଠି ଶୋଇବ, ନା ଅନ୍ୟ କେଉଁଠିକୁ ଆଜି ଯିବ ? ଦଲାଇ ତାଙ୍କ ମୁହଁକୁ ଦଣ୍ଡେ ଅନାଇଁ ହସ ହସ ମୁହଁରେ ଉତ୍ତର ଦେଲା—ମୁଁ ଏଠି ଆଜି ଶୋଇଲେ ସବୁ ବିଗିଡ଼ି ଯିବ । ଆଉ ଅଧ ଘଣ୍ଟାକ ମଧ୍ୟରେ ଯେଉଁ ସବୁ ଯୁବତୀ ଆପଣ ଦେଖିଲେ, ତାଙ୍କର ମଧ୍ୟରୁ ଜଣେ ଦୁଇଜଣ ପର୍ ଏଇଯଣି ଏଠିକୁ ଆସିବେ । ମୁଁ ରହିବି କିମିତ ?"

ମହେନ୍ଦ୍ରବାବୁ ଟିକିଏ ହସି ଉତ୍ତର ଦେଲେ,"ରହିଲେ କ୍ଷତି କଣ ?"

"ନା, କଥାବାର୍ତ୍ତାରେ ବାଧା ପଡ଼ିବ ।"

ତା'ପରେ ମହେନ୍ଦ୍ର ବାବୁ କହିଲେ—ତମେ ଏତେ ତରବର ହେଉଛ କାହିଁକି ? ଆଉ ତ ପ୍ରାୟ କୋଡ଼ିଏ ମିନିଟ୍ ଡେରି ଅଛି, ବସ ।"

ଦଲାଇ ବସି ମହେନ୍ଦ୍ର ବାବୁଙ୍କ ଆଡ଼େ ଅନାଇ ପଚାରିଲା—"ଆପଣ ଯେଉଁମାନଙ୍କୁ ଆଜି ଦେଖିଲେ, ସେମାନେ କ'ଣ ଅସୁନ୍ଦର ? ଆପଣଙ୍କ ମନକୁ କିମିତ ପାଇଲା ?"

ମହେନ୍ଦ୍ର ବାବୁ ତା' କଥାରେ ଆଗ୍ରହ ଦେଖାଇ କହିଲେ—"ବାସ୍ତବିକ୍ ସେମାନେ ଭାରି ସୁନ୍ଦରୀ; କିନ୍ତୁ ମାଳତୀ ଯେଉଁ ଝିଅଟିକୁ ଆଣି ଏଠି ରଖାଇଛି ବୋଲି କହୁଥିଲା ସେ କାହିଁ, ମୋତେ ତ ଚିହ୍ନାଇ ଦେଲ ନାହିଁ ? ତା' ନାଁ ବୋଧହୁଏ ଊର୍ମିଳା ହେବ !"

ଦଲାଇ ମୁରୁକି ହସି କହିଲା—ସେଇ ଊର୍ମିଳା କଣ ଆପଣଙ୍କର ଦରକାର ? ସେ କିନ୍ତୁ ଏଠି ନାହିଁ, ଖୋଦ ସ୍ୱାମୀବାବାଙ୍କ ପାଖକୁ ଚାଲି ଗଲାଣି । ଆପଣ ସବୁକଥା ଜାଣିବାକୁ ଏତେ ତର ତର ହେଉଛନ୍ତି କାହିଁକି ? ଆଉ ଅଳ୍ପଦିନ ପରେ ଆପଣ ସେହି ଊର୍ମିଳା ସଙ୍ଗରେ ଆହୁରଅନେକ ସୁନ୍ଦରୀ ଯୁବତୀମାନଙ୍କୁ ଦେଖିବେ ଯେ ।

ଦୁଆର ଏ ପାଖରେ କାହାର ପଦର ଝୁଣୁଝୁଣୁ ଶବ୍ଦ ଶୁଣାଗଲା, ଦଲାଲ ମୁହଁରେ ଫୁଟି ଉଠିଲା···ଉଚ୍ଛୁଳା ଆନନ୍ଦ । ସେ ହସି ହସି କହିଲା—"ଆପଣଙ୍କର ଆସିଗଲେ, ମୁଁ ଯାଉଛି ।"

ଦଲାଲ ବାହାରକୁ ବାହାରି ଆସି ସେହି ଯୁବତୀଟି ସହିତ ମୃଦୁ ଉକ୍ତି ଝୁପୁ ଝୁପୁ କଥାବାର୍ତ୍ତା ହୋଇ ସେଠୁ ଚାଲିଗଲା ।

ଯୁବତୀଟି ଅସ୍ତେ ଅସ୍ତେ ମୁରୁକି ହସି ହସି ମହେନ୍ଦ୍ର ବାବୁଙ୍କ ଖଟ ପାଖରେ ଯାଇଁ ଠିଆ ହେଲା ।

ଯୁବତୀର ବୟସ ଅତି ବେଶୀ ହେଲେ ୧୯ ରୁ ବେଶୀ ହେବ ନାହିଁ । ସୁନ୍ଦର ଚେହେରା—ଚଳ ଚଳ ଯୌବନ ।

ମହେନ୍ଦ୍ର ବାବୁ ତାକୁ ଦେଖିଲା ସଙ୍ଗେ ସଙ୍ଗେ ତାଙ୍କର ତରୁଣ ମନ ସେଇ ଆଡ଼କୁ ଢଳି ପଡ଼ିଥିଲା । ସେ ଆଉ ବେଶୀ ସମୟ ତା' ସଙ୍ଗରେ କଥା ନ କହି ରହି ପାରିଲେ ନାହିଁ । ମହେନ୍ଦ୍ର ବାବୁ ଶୋଇଥିବା ଅବସ୍ଥାରୁ ଉଠି ବସି, ମୁରୁକି ହସି ଯୁବତୀଟିର ହାତ ଧରି କହିଲେ—"ଠିଆ ହେଲ କାହିଁକି ? ଖଟ ଉପରେ ଆସି ବସ ।" ଯୁବତୀଟି ଲାଜ ଲାଜ ହୋଇ ତାଙ୍କରି ପାଖରେ ବସିଲା ।

ମହେନ୍ଦ୍ର ବାବୁ ଆଉ କିଛି କଥା ପଚାରିବା ଆଗରୁ ଭାବିଗଲେ— ଆହା, ଏଡ଼େ ସୁନ୍ଦର ଯୁବତୀଗୁଡ଼ିକୁ ଆଣି କିଏ ଏ ନର୍କ ଭିତରେ ଛାଡ଼ିଲା । ଏମାନେ ସବୁ ନିହାତି ବାଳେଲୋକଙ୍କ ଘରର ଝିଅ ବୋହୂ ହୁଅନ୍ତି । ଉର୍ମିଳାକୁ ଯେଉଁଭଳି ଭାବରେ ଏଠିକୁ ଅଣା ଯାଇଛି, ଏମାନେ ବୋଧହୁଏ ଠିକ୍ ସେହିଭଳି ଆସିଛନ୍ତି । ଏମାନେ ଏଠି ରହି ରହି ନିଜର ଅତୀତ ସ୍ମୃତି ଜୀବନ ଚରିତକୁ ଭୁଲି ଗଲେଣି । ବର୍ତ୍ତମାନ ଏମାନେ ଏ ଉଚ୍ଛୃଙ୍ଖଳ ଦଳରେ ଯୋଗ ଦେବାକୁ ଆସୁଥିବା ନୂଆ ଲୋକମାନଙ୍କୁ ଭୁଲାଇବାର ପ୍ରଧାନ ଅସ୍ତ୍ର ହୋଇଅଛନ୍ତି ।

ଯୁବତୀଟି ସେମିତ ତାଙ୍କର ଅଡ଼କୁ କଣେଇ ଚାହିଁ ରହିଥାଏ । ମହେନ୍ଦ୍ର ବାବୁ ତା' ପିଠିରେ ବାଁ ହାତଟି ପକାଇ ଡାହାଣ ହାତରେ ତାର ସୁନ୍ଦର ମୁହଁଟିକୁ ତାଙ୍କ ଅଡ଼କୁ ବୁଲାଇ ଆଣି କହିଲେ--"ମୋର ଆଜି ବଡ଼ ଭାଗ୍ୟ, ମୋର ଆଖି ତମକୁ ଦେଖି ପବିତ୍ର ହୋଇଛି । ମୁଁ କଟକରେ ରହି ରହି କେତେ ଝିଅ ବୋହୂଙ୍କୁ ଦେଖିଛି; କିନ୍ତୁ ତୁମଭଳି ସୁନ୍ଦରୀ, ମୁଁ କେଉଁଠି ଦେଖି ନାହିଁ । ତୁମ ନାଁ କଣ ?"

ଯୁବତୀଟି ନିଜର ରୂପର ପ୍ରଶଂସାରେ କ୍ଷଣିକ ପାଇଁ ଆତ୍ମହରା ହୋଇ ଯାଇଥିଲା । ତାଙ୍କ ଅଡ଼କୁ ନିଜର ମୁଖଟିକୁ ଅଳ୍ପ ଟିକିଏ ଟେକାଇ ଆଣି ଟେହେଲିର ଟେହେଲିଇ କହିଲା—ମିଛରେ ଆପଣ ମୋତେ ପ୍ରଶଂସା କରୁଛନ୍ତି, ମୋ ଅପେକ୍ଷା ଅଧିକ ସୁନ୍ଦରୀ ଅଛନ୍ତି । ସେମାନଙ୍କୁ ଦେଖିଲେ ମୋତେ ଅନାଇଁବାକୁ କ'ଣ ଆପଣଙ୍କର ଆଉ ଇଚ୍ଛା ହେବ ?

ମହେନ୍ଦ୍ର ବାବୁ ବାଁ ହାତରେ ତାକୁ ନିଜ ଅଡ଼କୁ ଟିକିଏ ଜୋରରେ ଆଉଜେଇ ଆଣି କହିଲେ—"ନାଁ, ନାଁ, ମୁଁ ବହୁତ ସୁନ୍ଦରୀ ଦେଖିଛି, ମୋତେ ଇମିତ କହିଦେଲେ କ'ଣ ମୁଁ ଭୁଲିଯିବି ? ତୁମଭଳି ସୁନ୍ଦରୀ ଏଠି କେହି ନିଶ୍ଚୟ ନ ଥିବେ । ତମ ନାଁ କ'ଣ ତ କହିଲ ନାହିଁ ?" ଯୁବତୀଟି ଲାଜ ଲାଜ ହୋଇ ଉତ୍ତର ଦେଲା—"ମୋ ନାଁ କୁମୁଦ ।"

କୁମୁଦ । ନାଁ ସାଙ୍ଗକୁ ରୂପଟି ଠିକ୍ ଖାପ ଖାଇଛି । ମହେନ୍ଦ୍ରବାବୁ ତା କୋଡ଼ ଅଡ଼କୁ ଆଉଜେଇ ଆଣି ତାର ସୁନ୍ଦର ଥୁଲ୍ ଥୁଲ୍ ଗାଲରେ ଦେଲେ···ଗୋଟାଏ ଚୁମା । ଯୁବତୀର ମୁହଁଟି ସରମରେ ଲାଲ ହୋଇ ଉଠିଲା ।

ମହେନ୍ଦ୍ର ବାବୁ ବଡ଼ ଆଦର କରି ପଚାରିଲେ—"କୁମୁଦ ! ତମେ କେବେଠୁଁ ଏଠିକୁ ଆସିଲଣି ? ତମ ଘର କଣ ଆମର ଭେ ?"

କୁମୁଦ ନରମ ଗଳାରେ କହିଲା—"ଅପଣ ନୂଆ ଲୋକ, ଏ ସବୁ କଥା କହିବାକୁ ସ୍ୱାମୀ ତାଙ୍କର ମନା; କିନ୍ତୁ ଆପଣଙ୍କ ଆଗରେ ମୁଁ ନ କହି ରହି ପାରୁନାହିଁ । ଆପଣଙ୍କ ଭଳି ବେଡ଼ ଭଲ ଲୋକ ମୁଁ ଏଠିକୁ ଆସିଲା ଦିନୁ କାହାକୁ ଦେଖି ନାହିଁ । ଆମ ଘର ମେଦିନୀପୁର, ଆମର ପୁରୀରେ ସମୁଦ୍ରକୂଳରେ ବସା ଘର । ଅଜିକୁ ପ୍ରାୟ ବର୍ଷେ ହେବ ମୁଁ ଏଠିକୁ ଅସିଲିଣି । କୁମୁଦ ଆଉ କଣ କହି ଆସୁଥିଲା, କହି ପାରିଲା ନାହିଁ ।

ମହେନ୍ଦ୍ର ବାବୁ ପଚାରିଲେ—"ମୋତେ ଯିଏ ଏଠିକୁ ଆଣିଛି, ତମକୁ ତ ସେମିତି ନିଶ୍ଚୟ କିଏ ଏଠିକି ଆଣିଥିବ ?"

କୁମୁଦ ଟିକିଏ ରହି କହିଲା - "ହଁ, ସେ ସବୁ ଅନେକ କଥା । ମୁଁ ବିବାହିତ ହୋଇଥିଲି ପନ୍ଦର ବର୍ଷରେ । ଯାହାଙ୍କ ହାତ ଧରିଥିଲି, ତାହାଙ୍କ କେଜାଣି ମୋ ଅଡ଼ୁ କିଛି ତ୍ରୁଟି ନ ହେଲେ ବି ସେ ମୋତେ ବିଶେଷ ଭଲ ପାଉଥିଲେ ବୋଲି ତାହାଙ୍କ ମୁଁ ଅନୁଭବ କରିପାରୁ ନ ଥିଲି । ତାଙ୍କର ଗୃହବାସ କଲିକତାରେ । ବିବାହ ହେବାର ପ୍ରଥମେ ପ୍ରଥମେ ପନ୍ଦର କୋଡ଼ିଏ ଦିନ ସୁଖରେ କଟିଥିଲି—ତା' ପରେ ସେ ତାଙ୍କ ଗୃହବାସ ଜାଗାକୁ ଫେରିଗଲେ । ପ୍ରାୟ ପାଞ୍ଚ ଛ' ମାସ ପରେ ଥରେ ଥରେ ଆସନ୍ତି, ଦିନେ କିମ୍ବା ଦି ଦିନ ରହି ପୁଣି ଫେରି ଯାଆନ୍ତି । ମୋ ମନରେ ତାହାଙ୍କ ସୁଖ ରହେ ନାହିଁ । ପୁଣି ମଝିରେ ଶୁଣିଲି—ସେ କୁଆଡ଼େ କଲିକତାରେ ଅନ୍ୟ ଏକ ସ୍ତ୍ରୀକୁ ଲୁଚି ଛପିରେ ସ୍ତ୍ରୀ ରୂପେ ରଖିଛନ୍ତି··· । ଏ ସବୁ କଥା ଶୁଣି ତାଙ୍କ ପ୍ରତି ମୋର ଶ୍ରଦ୍ଧା କମି ଆସୁଥିଲା । ମନଟା ବିଦ୍ରୋହୀ ହୋଇ ଉଠୁଥିଲା ବାପ ମା'ଙ୍କ ପ୍ରତି । ନ ଜାଣି ନ ବୁଝି ମୋତେ ଜଣକ ସଙ୍ଗରେ ଏପରି ଛନ୍ଦ ଦେବା ଦ୍ୱାରା ମୁଁ ତାଙ୍କୁ ବରାବର ଅଭିଶାପ ଦେଉଥିଲି । କେତେବେଳେ ମୋ ଆଖିରୁ ଲୁହ ଶୁଖୁ ନ ଥିଲା । କୁମୁଦ ଏତିକି କହି···ନୀରବ ରହିଲା ।

ମହେନ୍ଦ୍ର ବାବୁ କୁମୁଦର ପିଠି ଆଉଁସି ଦେଉଁ ଦେଉଁ କହିଲେ—"ଆହା, ତମ କଥା ଶୁଣି ବଡ଼ ଦୁଃଖ ଲାଗୁଛି । ବାଧ୍ୟ ବାଧକତାରେ ଜଣକ ସଙ୍ଗରେ ଜଣକର ଜୀବନ ଛନ୍ଦ ଦେବା ଦ୍ୱାରା କେତେ ଯୁବତୀଙ୍କ ଆଖିରୁ ଯେ ଲୁହ ବୋହୁଛି, କେତେ ଯୁବକ ଯେ ଅଶାନ୍ତିରେ ବେଶ୍ୟାଘରେ ଦିନ କଟାଉଛନ୍ତି, ତାହା କେହି କଳନା କରି ପାରିବ ନାହିଁ । ସେଉଠୁ କ'ଣ ହେଲା ?"

କୁମୁଦ ନରମ ଗଳାରେ କହିଲା—"ସେ ସବୁ ମଧ୍ୟ ଦିନେ ଶେଷ ହୋଇଗଲା । ଠିକ୍ ଦୁଇଟି ବରଷପରେ, ହଠାତ୍ ତାଙ୍କୁ ନାଲବନ୍ତି ଝାଡ଼ା ଧରିଲା । ତାଙ୍କର ବାପା ମା' କେତେ ଅଡ଼ୁ, କେତେ ଡାକ୍ତର କବିରାଜ ଡାକି ଦେଖାଇଲେ, କିନ୍ତୁ କିଛି ଫଳ ହେଲା ନାହିଁ । ଶେଷରେ ସେ ଚିରଦିନ ପାଇଁ ଆଖି ବୁଜିଲେ ।"

ମୋର ଯେଉଁ ଜୀବନଟା ଗୋଟାଏ ଖାମଖେୟାଲୀଙ୍କ ଭଳି ଆଖିରୁ ଲୁହ ଗଡ଼ାଇ ଏକାରକମ କଟି ଯାଉଥିଲା, ତାହା ଏଣିକି ଦୁଇଗୁଣ ବଢ଼ିଗଲା । ଭିତରେ ଭିତରେ ମୁଁ ଜଳିପୋଡ଼ି ମରୁଥିଲେହେଁ ବାହାରକୁ ଯେଉଁ ସଧବା ବୋଲି ମୋର ଗୋଟାଏ ଲୋକ ଦେଖାଣିଆ ଗର୍ବ ଥିଲା, ତାହା ବି ସେଇଦିନଠୁ ଉଭେଇ ଗଲା । ମୋର ଭବିଷ୍ୟତ ମୋତେ ଅନ୍ଧାର ଦିଶିଲା ।

ମୁଁ ବିଧବା ହେବା ପରେ ମୋର ପୋଡ଼ା କପାଳ କଥା ଭାବି ମୋ ଆଖିରୁ ଲୁହ ଶୁଖିଲା ନାହିଁ, ଖାଇଲି ନାହିଁ କି ପିଇଲି ନାହିଁ । ମୋର ମା' ବାପାଙ୍କ ସଙ୍ଗରେ ଲଗାଇ ମୋତେ ଘରକୁ ନେଇ ଆସିଲେ । ତାଙ୍କ ମନରେ ବି ମୋ ପାଇଁ କମ୍ କଷ୍ଟ ଆସି ନ ଥିଲା, କିନ୍ତୁ ଆଉ ଉପାୟ କଣ ? ସେମାନେ ତାଙ୍କର ଦୁଃଖକୁ ମନ ଭିତରେ ଲୁଚାଇ ରଖି, ମୋ ମନକୁ କିପରି ଭୁଲାଇବେ, ସେଥିପାଇଁ ଖୁବ୍ ଯତ୍ନ ନେଲେ ଏବଂ ତାହା ପରିବର୍ତ୍ତନ କରିବାପାଇଁ ମୋତେ

ଆମ ପୁରୀ ବଡ଼ାକୁ ଘେନି ଆସିଲେ । ଆମେ ସେଇଠି ରହିଲୁ ଏକାଦିକ୍ରମେ ଦୁଇ ବରଷ ।"

କୁମୁଦ କିଛି ସମୟ ତଳକୁ ମୁହଁପୋତି ନୀରବ ରହି ଗୋଟିଏ ଦୀର୍ଘ ନିଶ୍ୱାସ ମାରି କହିଲା—"ସେ ସବୁ କହିବା କଥା ନୁହେଁ ବାବୁ, ଲଜ୍ଜା ମାଂସର ଦେହ···ଯାହା କାହାରି ପକ୍ଷରେ ସହିବା ଅସମ୍ଭବ; ମୁଁ ତ ସେଥିରୁ ଆଉ ବାଦ୍ ଯିବିନାହିଁ ? ମନରେ ସବୁ ପଛ କଥା ଭୁଲି ନୂଆ ପୁଲକ ଜାଗି ଉଠିଲା । ଘର ଦ୍ୱାର ମୋତେ ବିଷପରି ଲାଗିଲା, ମନ ଉଡ଼ି ବୁଲିଲା ଉଡ଼ନ୍ତା ଚଢ଼େଇ ପରି···ପ୍ରାୟ ସବୁଦିନେ ଘଣ୍ଟାଏ ଭିତରେ ବସି ନ ରହି ସମୁଦ୍ରକୂଳରେ ଟିକିଏ ବୁଲିଆସେ । ସେଦିନ···କି ବାର, କି ତାରିଖ ହୋଇଥିଲା, ମୋର ଖିଆଲ ନାହିଁ । ମୁଁ ସେଦିନ ସମୁଦ୍ର ଆଡ଼େ ଅନାଇଁ ଅସୀମ ଭାବନାରେ ବୁଡ଼ି ରହିଥିଲି । ହଠାତ୍ ପଛରୁ କିଏ କହିଲା—'ତମ ଘର ଏଇଠି ପରା ମା ?' ମୁଁ ପଛକୁ ଅନାଇଁ ଦେଖିଲି; ପଚିଶ କି ଛବିଶ ବର୍ଷର ମାଇପିଟିଏ, ଦେହର ଗଠନ ମନ୍ଦ ନୁହେଁ । ମନେ ମନେ ଭାବି ନେଲି, କୌଣସି ବଡ଼ଲୋକ ଘରର ଦାସୀ ହେବ ବୋଧହୁଏ । ତା' ଆଡ଼େ ଟିକିଏ ଚାହିଁ ଉତ୍ତର ଦେଲି—ହଁ, ଆମ ଘର ତ ହେଇ ଦିଶୁଛି, ତମ ବସା କେଉଁଠି ? ବସ । ସେ ବଡ଼ ଆଗ୍ରହ ପ୍ରକାଶ କରି ମୋ ପାଖରୁ ଟିକିଏ ଘଞ୍ଚି ବସିଲା ।

ମୁଁ ଆଗ କରି ପଚାରିଲି—ତମେ କ'ଣ ଏଇ ପୁରୀରେ ଥାଅ ?

ସେ ଗୋଟାଏ ନିଶ୍ୱାସ ମାରି କହିଲା—ହଁ, ମା, ତମରି ପରି ଏ ପୋଡ଼ାକପାଳ ଯେତେବେଳେ ପୋଡ଼ିଗଲା, ଆଉ କରନ୍ତି କଣ ? ଏଇଠି ସେ ମାର୍କଣ୍ଡସାହିରେ ଗୋଟିଏ ଓକିଲ ବାବୁଙ୍କ ଘରେ ଅଛି । କାମ ଦାମ କରି କୌଣସି ମତେ ପେଟଟା ପୋଷିବା କଥା । ଜୀବନରେ ଆଉ କେଉଁ ସୁଖ ଅଛି ଯେ ।

ମୁଁ ତା' କଥାରେ ସମଦୁଃଖ ପ୍ରକାଶ କରି କହିଲି—ଯାହାର ଫଟା କପାଳ, ତାହାର କାହିଁରେ ଅଛି ସୁଖ ?

ସେ ବଡ଼ ଦୁଃଖିତ ହୋଇ କହିଲା—ହଁ ଲୋ ମା । ପୋଡ଼ି-ଗଲା ତିଅଣରେ ଅଉ କେଉଁ ସୁଆଦ ଥାଏ ? ତମକୁ ଦେଖିଲେ କାହାର ଆଖିରୁ ଲୁହ ନ ଗଡ଼ିବ ? ଏ ବୟସ···ଏ ରୂପ ନେଇ··· ସେ ତୁନି ରହିଲା ।

କାହିଁକି କେଜାଣି ତା'ଅଡ଼କୁ ମୋ ମନଟା ଗୋଟାଏ ଅସ୍ପୃ-ହାରେ ଢଳି ପଡ଼ୁଥିଲା, କହିଲି—ତମ ଭଳି ପର ମନକୁ ଜାଣିବା ଲୋକ ଖୁବ୍ କମ୍ ଏ ଦୁନିଆରେ ଅଛନ୍ତି । ସେଥିପାଇଁ ଅନ୍ୟ କାହାରି ସଙ୍ଗରେ ପ୍ରାୟ ମୁଁ କଥାବାର୍ତ୍ତା କରେ ନାହିଁ । ବେଳେ ବେଳେ ତମେ ଏଇଠିକି ଆସିବ, ବସି ଏଣୁ ତେଣୁ ଗପସପ ହେବା । ସେ ବଡ଼ ଆଗ୍ରହ ଦେଖାଇ କହିଲା—ନିଶ୍ଚୟ, ନିତି ଆସିବି । ତମକୁ ଦେଖିଲେ, ତମ ସହିତ ଗପସପ ହେଲେ, କାହିଁକି ଭାରି ଖୁସି ଲାଗୁଛି, ଆଜିଠାରୁ ମୋତେ ପର ଅପର ବୋଲି ଭାବିବ ନାହିଁ ମା ! ଦି' ଜଣଙ୍କର ତ ଏକା କରମ । ଭଲ ମୁହୂର୍ତ୍ତରେ ଦେଖା ହୋଇଛି, ତମର ମୁଁ ଉପକାର କରିବି ଯେ ।

ସୂର୍ଯ୍ୟଦେବତା ପଶ୍ଚିମଦିଗକୁ ରଙ୍ଗାଇ ସମୁଦ୍ର ଭିତରେ କାହିଁ କେତେ ଦୂରରେ ବୁଡ଼ି ଯାଉଥିଲେ । ସମୁଦ୍ରକୂଳ, କେତେ ଯୁବକ—ଯୁବତୀ, ବାଳକ—ବାଳିକା ମାନଙ୍କ କୋଳାହଳରେ ପୂର୍ଣ୍ଣ ହୋଇ ଯାଇଥିଲା; କିନ୍ତୁ ସେଥିପ୍ରତି ମୋର ଭ୍ରୂକ୍ଷେପ ନାହିଁ । ମୁଁ ନିଜେ ବୁଡ଼ି ରହିଥିଲି ମୋ ଜୀବନର ଭାବନା ନେଇ । ସେ ମାଇପିଟି ଯିବାକୁ ଉଠିବାରୁ ମୁଁ ପଚାରିଲି—ଯିବାକୁ ଉଠିଲଣି ? ଏତେ ଗପ ସପ ହେଲେ, ତମ ନାଁ' ତ ମୁଁ ଜାଣିଲି ନାହିଁ ?

ସେ ଟିକିଏ ହସି କହିଲା—ମୋ ନାଁରୁ କଣ ପାଇବ ? ମୋତେ ସମସ୍ତେ 'ସତି, ସତି' ବୋଲି ଡାକନ୍ତି । ସେ ଉଠି

ଠିଆହୋଇ କହିଲା—ମୁଁ କାଲି ଆଗରୁ ଆସିବି; ତମେ ଏଇଠିକୁ ଆସିବ ନା ?

ମୁଁ ତା' କଥାରେ ଆଗ୍ରହ ଦେଖାଇ କହିଲି, ମୁଁ ଠିକ୍ ଗୃଣ୍ଟା ବେଳକୁ ଏଇଠି ଆସି ବସିଥିବି, ତମେ ନିଶ୍ଚୟ ଆସିବ । ସେ ମୋ ପାଖରୁ ବିଦାୟ ନେଇ ଗ୍ଲଲିଗଲା ।

ସେ ଗ୍ଲଲିଗଲା ପରେ, ମୁଁ ଭାବିବାକୁ ଲାଗିଲି—ସେ ମୋର କି ଉପକାର କରିବ । ମୋ ମନ ଭିତରେ ତା'କଥା ଶୁଣିଲାବେଳୁ କିଏ ଯେପରି ମାୟାଜାଲ ବିଛାଇଲା ଭଳି ଲାଗୁଥାଏ । ମନରେ କେତେ ଅଡ଼ୁ କେତେ କଥା ଆସୁଥାଏ ।"

ମହେନ୍ଦ୍ରବାବୁ ଟିକିଏ ମୁରୁକି ହସି କହିଲେ—"ଠିକ୍ ମୋର କଥା ମଧ୍ୟ ସେଇଆ, ସେଇ ନିଶ୍ଚୟ ତୁମକୁ ଏଠିକୁ ନେଇ ଆସିଛି ।"

କୁମୁଦ କହିଲା—"ହଁ, ଦିନପରେ ଦିନ ଗଡ଼ି ଗ୍ଲଲିଲା । ମୁଁ ନିତି ସେଇ ସମୁଦ୍ରକୂଳକୁ ଆସେ, ସେ ମଧ୍ୟ ଆସନ୍ତି । ଆମ ଦି'ଜଣଙ୍କ ଭିତରେ ଦିନକୁ ଦିନ ବେଶୀ ମନ ମିଳିବା ସଙ୍ଗେ ୨ ସେ ମୋ ଆଗରେ କେତେ ରଙ୍ଗିନ୍ ଛବି ଅଙ୍କିଲା । ସେ ସେତେବେଳେ ସେକଥା ମୋତେ ଖୁବ୍ ଭଲ ଲାଗୁଥିଲା । ଶେଷରେ ତାରି କଥାରେ ମୁଁ ବାପା ମା' ସମସ୍ତଙ୍କୁ ଛାଡ଼ି ଏଇଠି ଆସି ପଡ଼ିଛି ।"

ମହେନ୍ଦ୍ରବାବୁ କୁମୁଦ ମୁହଁ ଆଡ଼େ ଅନାଇଁ କହିଲେ—"ବେଶ୍ ତମର ତ ସେ ଅନିଷ୍ଟ କରିନାହାଁ, ବରଂ ଉପକାର କରିଛି । ସେଠି ତୁମେ ଥିଲେ ଜୀବନରେ କେଉଁ ସୁଖ ଶାନ୍ତି ଅବା ପାଇ ଥାଆନ୍ତ ? ମୁଁ ତ ସେଇ ଭଳି ସ୍ୱାମୀବାବାଙ୍କର ଶିଷ୍ୟ ହୋଇ ଏଠି ତୁମ୍ଭମାନଙ୍କ ସଙ୍ଗରେ ସୁଖଶାନ୍ତିରେ ରହିବା ପାଇଁ ଆସିଛି, ତମର ଏଠି କିଛି ଅସୁବିଧା ହେଉଛି ?"

କୁମୁଦ କହିଲା—"ନା, ଏଠି ପ୍ରକୃତରେ କିଛି ଅସୁବିଧା ନାହିଁ ସତ ! କିନ୍ତୁ ଆପଣଙ୍କ ଭଳି କେଇଜଣ ଲୋକ ଏଠି ଅଛନ୍ତି ?

ମଦତ, ଡକାୟତ···,କେବଳ ପଶୁପରି ଦେହର ମିଳନ ଛଡ଼ା ସେମାନଙ୍କ ମନରେ କଣ ଆଉ ଅଛି ? ସେମାନେ ଦେଉଛନ୍ତି—ରକ୍ତ, ନୃଶଂସ କାମନାର କରି ସେମାନଙ୍କର ଅନ୍ତର ବାହାର ନୃଶଂସ ପାଲଟି ଗଲଣି । ଆପଣ ଆଜି ଭଲ ଅଛନ୍ତି,ଆଉ କେଇଦିନ ପରେ ତାଙ୍କରି ଭଳି ହୋଇଯିବେ ହେ ।"

କୁମୁଦ ହଠାତ୍ ଏତେ କଥା କହି ସାରି ମହେନ୍ଦ୍ର ବାବୁଙ୍କ ଆଡ଼େ ଅତି କରୁଣ ନୟନରେ ଅନାଇଁ କହିଲା—"ଆଜିଠାରୁ ଆପଣଙ୍କ ହାତରେ ମୋ ଜୀବନ, ଏ ସବୁ କଥା ଯିଏ ପ୍ରଥମ କରି ଆସେ, ତାଙ୍କୁ କହିବାକୁ କୋବେଳକେ ମନା ! କେବଳ ମଦ, ମାଂସ, ସ୍ତ୍ରୀମାନଙ୍କ ଦ୍ୱାରା ବଶ କରାଇବା ପାଇଁ ଏଠିକୁ ମୋତେ ପଠା ଯାଇଛି । ଅନ୍ୟ ଯେଉଁମାନେ ଆସନ୍ତି, ସେମାନଙ୍କ ପାଖକୁ ମଧ୍ୟ ଇମିତ ପଠାଯାଏ । ମୁଁ ଯାହା ସବୁ କହିଲି—ଏ କଥା ଯଦି ମୁଁ କହିଲି ବୋଲି, ଆପଣ କାହା ଆଗରେ କହନ୍ତି, ତାହାହେଲେ ମୋ ଭାଗ୍ୟରେ ମା'ଅଙ୍କ ଆଗରେ ବଳି ପଡ଼ିବା ଛଡ଼ା ଅନ୍ୟ କିଛି ହେବ ନାହିଁ ?" କୁମୁଦ କ୍ଷଣକାଳ ନୀରବ ରହିଲା ।

ମହେନ୍ଦ୍ର ବାବୁ ବଡ଼ ବିସ୍ମିତ ହୋଇ କୁମୁଦ ଆଡ଼େ ଅନାଇଁ ପଚାରିଲେ—"ଇମିତ କ'ଣ ସାମାନ୍ୟ ଦୋଷରେ ବଳି ଦିଆଯାଏ ?"

କୁମୁଦ ମହେନ୍ଦ୍ର ବାବୁଙ୍କ ପାଟିରେ ହାତ ଦେଇ ଫୁସ୍ ଫୁସ୍ କରି ବଡ଼ ଡର ଡର କହିଲା—"ଅସ୍ତେ, ଅସ୍ତେ ।"

ମହେନ୍ଦ୍ର ବାବୁ କଥା ବନ୍ଦ କଲେ । କୁମୁଦ ଧୀରେ ଖଟଉପରୁ ତଳକୁ ଓହ୍ଲାଇ ଗୋଡ଼ ଚିପି ଚିପି ଜଞ୍ଜିର ଫିଟାଇଲା—ବାହାରେ ଟିକିଏ ଅନାଇଁ ଆସିଲା । କାଳେ ଯଦି କିଏ ଶୁଣୁଥିବ, ତାହା ହେଲେ ସର୍ବନାଶ ।

କୁମୁଦ ସଙ୍ଗେ ସଙ୍ଗେ ପୁଣି ଭିତରୁ ଜଞ୍ଜିର ଦେଇ ଖଟ ଉପରେ ଆସି ବସିଲା । ମହେନ୍ଦ୍ର ବାବୁ ମନେ ମନେ ଭାବି

ନେଲେ, ଏ ଭୀଷଣ ଡକାୟତ ଦଳର ସବୁକଥା ଜାଣିବାର ପ୍ରଧାନ ଉପାୟହିଁ କୁମୁଦ । ସେ ତା'ଠାରୁ ନିଶ୍ଚୟ ସବୁକଥା ବୁଝି ନେବେ ।

କୁମୁଦ ଖଟ ଉପରେ ବସିଲାକ୍ଷଣି, ମହେନ୍ଦ୍ରବାବୁ ତା' ହାତ ଧରି ପକାଇ କହିଲେ—"ବାହାରେ କଣ କାହାକୁ ଦେଖିଲ ?"

କୁମୁଦ ଟିକିଏ ମୁରୁକି ହସି କହିଲା—"ନା, ବାହାରେ କେହି ଆମ କଥାବାର୍ତ୍ତା ଶୁଣିବାକୁ କାନ ପାରି ନାହାନ୍ତି । ମୋ ଛଡ଼ା ଅନ୍ୟ ଯିଏ ଆପଣଙ୍କ ପାଖକୁ ଆଜି ଆସିଥାନ୍ତା, ତାହାହେଲେ ନିଶ୍ଚୟ ବାହାରେ ଅନ୍ୟମାନେ କାନ ପାରିଥାନ୍ତେ । ମୋ ଉପରେ ସେମାନଙ୍କର ଖୁବ୍ ବିଶ୍ୱାସ ଅଛି । ସେଥିପାଇଁ ବାହାରେ କେହି ନାହାନ୍ତି । ତା ବୋଲି ବଡ଼ଙ୍କର ଏ ସବୁ କଥାବାର୍ତ୍ତା ହେବା ମୋ ପକ୍ଷରେ ଆଦୌ ଉଚିତ ନୁହେଁ । ମୁଁ କେବଳ ପ୍ରଥମ ଥର ପାଇଁ ଏ ସବୁ କଥା ଆପଣଙ୍କ ଆଗରେ ଗୋଟାଏ ଖିଆଲରେ କହିଗଲି । ତେଣିକି ଆପଣଙ୍କ ଇଚ୍ଛା । ଥରେ ତ କହିଲି—ଆପଣ ଯଦି ଏ କଥା ଟିକିଏ କେଉଁଠି କହନ୍ତି, ତାହାହେଲେ ମୋ ଅବସ୍ଥା ସରିଯିବ ।"

ମହେନ୍ଦ୍ର ବାବୁ କୁମୁଦର ଓଠଧରି ପକାଇ ବଡ଼ ଗମ୍ଭୀର ହୋଇ କହିଲେ—"ତୁମ ଦେହ ଛୁଇଁଛି, ମୋତେ ବିଶ୍ୱାସ କର । ମୁଁ ତ ତୁମମାନଙ୍କ ସଙ୍ଗରେ ରହିବାକୁ ଆସିଛି । ଏଠି ମୋର କିଏ ଅଛି ? ଆଜିଠାରୁ ତୁମେ ମୋର ସବୁ, ମୁଁ ତୁମକୁ ବିଶ୍ୱାସ କରୁଛି, ତୁମର କଥା ଅନୁସାରେ ମୁଁ ଏଠି ଚଳିବି । ମୁଁ ଏଠି ନୂଆ ଲୋକ, ଏଠିକା କଥା କିଛି ବୁଝି ନାହିଁ । କେବଳ ନୂଆ କରି ସବୁ କଥା ଜାଣିବାକୁ ଭାରି ଇଚ୍ଛା ହେବାରୁ, ମୁଁ ତୁମକୁ ଟିକିଏ ପଚାରୁଛି ମିନା । ସତରେ କଣ ଏଠି ମଣିଷ ବଳି ଦିଆଯାଏ—କାହିଁ ? ମୁଁ ତ କିଛି ଦେଖିଲି ନାହିଁ ?"

କୁମୁଦ ନିଜର ଲୋକଭଳି ଚୁପ୍ ଚୁପ୍ କରି 'କହିଲା'—ହିଁ, ଏଠି ମଣିଷ ବଳି ଦିଆଯାଏ; କିନ୍ତୁ ଏଠି ନୁହେଁ, ଅନ୍ୟଠାରେ । ସେ ଜାଗା ତୁମେ ଅଳ୍ପ ଦିନପରେ ଦେଖିବ; କିନ୍ତୁ ସେ ବଳି ସବୁଦିନେ ଦିଅଯାଏ ନାହିଁ । ମା'ଙ୍କ ପର୍ବ ପର୍ବାଣୀରେ ତାହା ଦିଅଯାଏ । ତୁମେ ସେଠିକୁ ଗଲେ ଦେଖିବ ଯେ ।

ମହେନ୍ଦ୍ର ବାବୁଙ୍କ ଛାତି ଏ କଥା ଶୁଣି ଥରିବାକୁ ଲାଗିଲା । କୁମୁଦ ମନରେ କିଛି କପଟ ରଖି କଥା କହୁ ନାହିଁ ତ । ସେଠିକୁ ଯେଉଁଦିନ ସେ ଯିବେ, ସେ ଦିନ ତାଙ୍କୁ ଆଉ ବଳି ଦିଆଯିବ ନାହିଁ ତ ! ମହେନ୍ଦ୍ର ବାବୁ କିଛି ସମୟ ନୀରବ ରହି ସନ୍ଦେହରେ କେତେ କଣ ଭାବିବାକୁ ଲାଗିଲେ ।

ମହେନ୍ଦ୍ର ବାବୁଙ୍କ ନୀରବ ଦେଖି କୁମୁଦ ମୁରୁକି ହସି ଚୁପ୍ ଚୁପ୍ କହିଲା—"ବଳି ନାଁ ଶୁଣି ଆପଣ ଡରୁଛନ୍ତି କି ? ଆପଣଙ୍କର କିଛି କ୍ଷତି ହେବ ନାହିଁ । ଡରିବାର କିଛି କାରଣ ନାହିଁ ।"

ମହେନ୍ଦ୍ର ବାବୁ କୁମୁଦକୁ ନିଜ ଉପରକୁ ଅଉଜାଇ ଆଣି କହିଲେ—"ତୁମ ଇଚ୍ଛା, ମୋତେ ଯଦି ବଳି ଦେବାର ଇଚ୍ଛା ତୁମର ଥାଏ, ତାହାହେଲେ ବଳିଦେବ ।

କୁମୁଦ ହସି ହସି ତାଙ୍କ ମୁହଁକୁ ଅନାଇଁ କହିଲା—"ନା, ତା' ହେବ ନାହିଁ ।"

ରାତି ପ୍ରାୟ ଦୁଇଟା ବାଜି ଯାଇଥିଲା । କୁମୁଦ ଅଳସ ଭାଙ୍ଗି କହିଲା—"ଆପଣଙ୍କୁ କଣ ନିଦ ଅଜି ମାଡ଼ୁନାହିଁ ? ଏ ଜାଗା ଗୋଟାଏ ଦିଗରୁ ଖରାପ ହେଲେ ବି, ସୁଖ, ମଉଜ, ମଜଲିସ କରିବାର ପ୍ରଧାନ ସ୍ଥାନ ।" ମହେନ୍ଦ୍ର ବାବୁ କୁମୁଦର ସୁନ୍ଦର ଓଠଟିରେ ହାତ ମାରି ଦେଇ କହିଲେ—"ତୁମେ ଯେତେବେଳେ ପାଖରେ ଅଛ, ନିଦ କମିତି ମାଡ଼ିବ ? ତୁମକୁ ନିଦ ମାଡ଼ିଲାଣିକି...
ମହେନ୍ଦ୍ର ବାବୁ ଲଣ୍ଠନ୍ କମାଇଲେ ।

ପ୍ରାୟ ପ୍ରତିଦିନ ରାତିରେ କୁମୁଦ ମହେନ୍ଦ୍ର ବାବୁଙ୍କ ପାଖକୁ ଆସେ । ମହେନ୍ଦ୍ର ବାବୁ ରାତିରେ କୁମୁଦଠାରୁ ଏବଂ ଦିନରେ ଦଳାଇଠାରୁ କଥାପ୍ରସଙ୍ଗରେ ବହୁତ ତଥ୍ୟ ସଂଗ୍ରହ କରି ନେଇଛନ୍ତି ।

ମହେନ୍ଦ୍ର ବାବୁଙ୍କର ଏ ଦୁଇଜଣ ସହିତ ଖୁବ୍ ବେଶୀ ଚିହ୍ନା ପରିଚୟ ହୋଇଥିଲେ ସୁଦ୍ଧା, ଏଇ କେଇଦିନ ମଧ୍ୟରେ ପ୍ରାୟ ସେମାନଙ୍କ ଦଳ ଭିତରୁ ଅନେକ ତାଙ୍କ ପାଖକୁ ଆସିଛନ୍ତି—ଖୁସି ଗପସପ କରିବା ଭିତରେ ମଝିରେ ମଝିରେ ମଧ୍ୟ ବୁଝି ନେଇଛନ୍ତି—କ'ଠିକରେ କିଏ ବେଶୀ ଧନୀ ? କାହାର ବେଶୀ ନଗଦ ଟଙ୍କା, ସୁନା ରୁପା, ଗହଣା ଇତ୍ୟାଦି ଅଛି । ମହେନ୍ଦ୍ର ବାବୁ ଏ ସବୁ ବୁଝିବାର କାରଣ ଭଲକରି ବୁଝିଛନ୍ତି, ଡକାୟତମାନେ ଯେପରି ଖୁବ୍ ବେଶୀ ଉତ୍ସାହିତ ହେବେ, ସେଥିପାଇଁ ଅନେକ ଦରକାରି କଥା ମଧ୍ୟ କହିଛନ୍ତି । ଏଇ କେଇଦିନ ମଧ୍ୟରେ ମହେନ୍ଦ୍ର ବାବୁଙ୍କ କଥାବାର୍ତ୍ତାରୁ ସମସ୍ତେ ବୁଝି ନେଇଛନ୍ତି ଯେ ମହେନ୍ଦ୍ର ବାବୁ ସେମାନଙ୍କ କାର୍ଯ୍ୟରେ ବେଶ୍ ଆସିବେ । ସେଥିପାଇଁ ପ୍ରାୟ ସମସ୍ତେ ତାଙ୍କୁ ବିଶ୍ୱାସ କରି ନିଜ ଦଳର ଜଣେ ସାଙ୍ଗ ବୋଲି ଧରି ନେଲେଣି ।

ହଠାତ୍ ଦିନେ ମହେନ୍ଦ୍ର ବାବୁ ଖାଇସାରି ବିଛଣାରେ ଗଡ଼ ପଡ଼ ହେଉଛନ୍ତି । ଦଳାଇ ହସି ହସି ତାଙ୍କ ପାଖରେ ଯାଇ ବସିଲା ।

ମହେନ୍ଦ୍ରବାବୁ ତା ଆଡ଼କୁ ଚାହିଁ ଆଗ୍ରହରେ ପଚାରିଲେ—'ଆଜି ହସୁଛ କାହିଁକି ? ତୁମ ମନ ତ ଆଜି ଭାରି ଖୁସି ଥିଲାପରି ଦିଶୁଛି ।' ଦଳାଇ ଅଳ୍ପ ଟିକିଏ ହସି ମହେନ୍ଦ୍ର ବାବୁଙ୍କୁ କଣେଇ ଚାହିଁ 'କହିଲା—"ହଁ, ମୋ ମନଟା ଆଜି ଭାରି ଖୁସି, ତା ଛଡ଼ା ଆପଣଙ୍କ ମନ ତ ଆଜି ବେଶି ଖୁସି ହେବାର କଥା ।"

ମହେନ୍ଦ୍ର ବାବୁ ତା କଥାରେ ଖୁବ୍ ଆଗ୍ରହ ଦେଖାଇ କହିଲେ —ସତେ ? ଏତେ ବଡ଼ ଶୁଭ ସମ୍ବାଦ ! ମୋତେ ଏତେବେଳଯାଏ ନ କହି ଚୁପ୍ ହୋଇ ବସି ରହିଛ ନା ? କଣ ଶୁଣେ ?

ଦଲାଇ ମୃଦୁକୁ ହସି ହସି କହିଲା—"ମା'ଆଜି ଆପଣଙ୍କର ମନ କାମନା ପୂର୍ଣ୍ଣ କରିଛନ୍ତି । ଆଜି ରାତିରେ ଆପଣଙ୍କୁ ସ୍ୱାମୀ-ବାବାଙ୍କ ପାଖକୁ ଯିବାକୁ ହେବ । ସ୍ୱାମୀବାବାଙ୍କ ଆଦେଶ ଆସି ଯାଇଛି ।"

ମହେନ୍ଦ୍ର ବାବୁ ଦଲାଇଠାରୁ ଏ କଥା ଶୁଣୁଥିଲେ ସତ; କିନ୍ତୁ ତାଙ୍କୁ ଲାଗୁଥିଲା-ସତେ ଯେପରି ତାଙ୍କର ରକ୍ତ ପାଣି ଫାଟି ଯାଉଛି । ଆଜି ତାଙ୍କର ଅନ୍ତ ଶେଷଦିନ ନୁହେଁ ତ । ମହେନ୍ଦ୍ର ବାବୁ ନୀରବ ।

ଦଲାଇ କିଛିକ୍ଷଣ ତାଙ୍କ ମୁହଁ ଆଡ଼େ ଅନାଇଁ କହିଲା—"କ'ଣ ଭାବୁଛନ୍ତି ? ଆପଣ ସ୍ୱାମୀବାବାଙ୍କ ପାଖକୁ ଯିବାକୁ ତ ଭାରି ବ୍ୟସ୍ତ ହେଉଥିଲେ ।"

ମହେନ୍ଦ୍ର ବାବୁ ଟିକିଏ ଇତସ୍ତତଃ ହୋଇ ଦଲାଇ କଥାରେ ଆଗ୍ରହ ଦେଖାଇ କହିଲେ—"ହଁ, ସେଇ କଥା ହିଁ ଭାବୁଥିଲି । ମୋର ଆଜି ବଡ଼ ଭାଗ୍ୟ । ସ୍ୱାମୀବାବାଙ୍କର ମୋ'ଠାରେ ଖୁବ୍ ଦୟା । ତୁମେ ବି ମୋ ପାଖେ ପାଖେ ରହି ସବୁ କଥାରେ ସାହାଯ୍ୟ କରିଥିବାରୁ ତୁମକୁ ମୋର ବିଶେଷ ଧନ୍ୟବାଦ ।"

ଦଲାଇ ମହେନ୍ଦ୍ର ବାବୁଙ୍କ ଠାରୁ ଧନ୍ୟବାଦ ପାଇବାରୁ ମନେ ମନେ ଖୁସି ହୋଇ କହିଲା—"ଆପଣ କିଛି ଭୟ କରନ୍ତୁ ନାହିଁ । ଆପଣଙ୍କ ସଙ୍ଗରେ ମୁଁ ବି ଯିବି । ତେବେ ଏତିକି ମୋର ଆପଣଙ୍କୁ ଅନୁରୋଧ—ସ୍ୱାମୀବାବା ଯାହା ପଚାରିବେ ବା ଯାହା କରିବାପାଇଁ କହିବେ, ଆପଣ କେଉଁଥିରେ ଅମଙ୍ଗ ହେବେ ନାହିଁ; ତାହାହେଲେ ଆପଣଙ୍କ ଉପରକୁ କିଛି ବିପଦ ଆସିବ ନାହିଁ, ଆପଣ ସ୍ୱାମୀ ବାବାଙ୍କର ସୁନା ପୁଅ ଭଳି ସେଠି ଚଳିବେ ।

× × × ×

ସେଦିନ ପ୍ରାୟ ରାତି ଦୁଇଟା । ଘୋରଅନ୍ଧାର । ନିଶବ୍ଦ । ନିଶା ସାଇଁ ସାଇଁ କରୁଛି । ମଠ ଭିତରେ ଘଣ୍ଟା ବାଜିଲା । ମହେନ୍ଦ୍ର

ବାବୁ ସେଦିନ ଯାଇଥାଇ ଗଣ୍ଡିଏ ଖାଇ ଅସି ଖଟ ଉପରେ ବସିଲେ । ଅଜଣା ବିପଦର ଆଶଙ୍କାରେ ତାଙ୍କ ମନ ଛଟପଟ ହେଉଥାଏ । ହଠାତ୍ ଅପୂର୍ବ ବେଶରେ କୁମୁଦ ସେ ଘରେ ପହଞ୍ଚି ମହେନ୍ଦ୍ର ବାବୁଙ୍କ ହାତ ଧରି ପକାଇ ହସି ହସି କହିଲା—"କଣ ଅପଣ ଭାବୁଛନ୍ତି ? ଆପଣଙ୍କର ଆଜି ମନ ଖୁସି କରିବାର କଥା । ମୁଁ ବି ଆଜି ଆପଣଙ୍କର ସଙ୍ଗରେ ଯିବି । ଆଦୌ ଡରନ୍ତୁ ନାହିଁ । ମା' ଆପଣଙ୍କର ସବୁ ମଙ୍ଗଳ କରିବେ; କିନ୍ତୁ ମୋର ଏତିକି କଥା ମନେ ରଖନ୍ତୁ—ସ୍ୱାମୀବାବା ଯାହା କରିବାପାଇଁ ଆପଣଙ୍କୁ କହିବେ, ଆପଣ ତାଙ୍କ କଥାରେ ହଁ ଭରିବା ଛଡ଼ା ଅନ୍ୟ କିଛି କହିବେ ନାହିଁ । ଏହା ତାଙ୍କର ପ୍ରଥମ ଓ ପ୍ରଧାନ ପରୀକ୍ଷା ।"

ମହେନ୍ଦ୍ର ବାବୁ କୁମୁଦ ମୁହଁଆଡ଼େ ସନ୍ତୁଷ୍ଟ ନୟନରେ ଚାହିଁ କହିଲେ—"ମୁଁ ତ ନୂଆ ଲୋକ, ତୁମେ ଯାହା କହିବ ମୁଁ ତାହା କରିବି, ତୁମେ ମୋର ଭରସା ।" କୁମୁଦ ହସି ହସି ମହେନ୍ଦ୍ର ବାବୁଙ୍କ ଓଠକୁ ହଲାଇ ଦେଇ କହିଲା—"କିଛି ଭାବନ୍ତୁ ନାହିଁ । ଆପଣଙ୍କର କିଛି ବିପଦ ନାହିଁ । ମୁଁ ତ ଆପଣଙ୍କ ସଙ୍ଗେ ସଙ୍ଗେ ଅଛି ।"

ହଠାତ୍ ଦଲାଇ ସେ ଘର ଭିତରକୁ ପଶି ଅସି କହିଲା—"ବେଶ୍, ସବୁ ସଜାଳ୍ ସରିଲଣି ? କୁମୁଦ, ତୁ ମହେନ୍ଦ୍ର ବାବୁଙ୍କୁ ନେଇ ଆ, ମୁଁ ମୋ ବାଡ଼ି ଖଣ୍ଡେ ନେଇ ଅସୁଛି ।"

କୁମୁଦ, ମହେନ୍ଦ୍ର ବାବୁଙ୍କ ହାତ ଧରି କହିଲା—"ଆଉ ଡେରି କରି ଲାଭ ନାହିଁ । ସ୍ୱାମୀବାବା ଏବଂ ଅନ୍ୟମାନେ ଏ ପର୍ଯ୍ୟନ୍ତ ଆମକୁ ଚାହିଁ ବସିଥିବେ ।" ମହେନ୍ଦ୍ର ବାବୁ କୁମୁଦ ପଛେ ପଛେ ଅସିଲେ ସତ; କିନ୍ତୁ ତାଙ୍କୁ ଲାଗୁଥିଲା—ତାଙ୍କୁ ଯେପରି କିଏ ଫାସୀ ଖୁଣ୍ଟ ଉପରକୁ ଟାଣି ଟାଣି ନେଉଛି । ଅଳ୍ପ ମୁହୂର୍ତ୍ତିକ ପରେ ତାଙ୍କ ଜୀବନ ଦୀପ ଲିଭିଯିବ ।

କୁମୁଦ ବାହାର ଅଗଣାକୁ ଆସି ତାଙ୍କ ପାଇଁ ରଖା ହୋଇଥିବା ଗୋଟିଏ ସବାରି ଦରଜାକୁ ଖୋଲି ଦେଲା । ମହେନ୍ଦ୍ର ବାବୁଙ୍କୁ ହାତ ଦେଖାଇ କହିଲା—ଆପଣ ତା ଭିତରକୁ ଆସି ପଶନ୍ତୁ । ମହେନ୍ଦ୍ର ବାବୁ ଥର ଥର ପଦରେ ତା' ଭିତରେ ପଶିଲେ। ତାଙ୍କ କଲିଜାଟା ଖୁବ୍ ଜୋରରେ ଉଠୁଥିଲା ପଡ଼ୁଥିଲା···ନିଶ୍ୱାସ ପ୍ରଶ୍ୱାସ ଚାଲୁଥିଲା ଖୁବ୍ ଜୋରରେ ।

ମହେନ୍ଦ୍ର ବାବୁ ବସିବା ସଙ୍ଗେ ସଙ୍ଗେ କୁମୁଦ ତା ଭିତରକୁ ପଶିଯାଇଁ ଗୋଟାଏ ପାଖକୁ ବସିଲା । ମହେନ୍ଦ୍ର ବାବୁ ଏଭଳି ନିର୍ଜୀବଭଳି ବସିଥିବା ଦେଖି, କୁମୁଦ ମୁରୁକି ହସି କହିଲା— ଆପଣ ଏପରି ଭୟ ପାଇଲା ଭଳି ଚୁପ୍ ହୋଇ ବସିଛନ୍ତି କାହିଁକି ? ଖୁସି ଗପ କରନ୍ତୁ ।

ଦଳାଇ ତା'ର ଚଟାଏ ଉଚର ଠେଙ୍ଗା ଖଣ୍ଡିକ ହାତରେ ଧରି ସବାରି ଦୁଆର ମୁହଁରେ ଠିଆ ହୋଇ ସବାରି ଭିତରକୁ ମୁହଁ ଗଳାଇ କହିଲା—ଆପଣ କିଛି ଭୟ କରନ୍ତୁ ନାହିଁ । ଆପଣଙ୍କର କିଛି ବିପଦ ଘଟିବ ନାହିଁ । କୁମୁଦ ସହିତ ବସି ଖୁସି ଗପସପ ହୁଅନ୍ତୁ । ଦଳାଇ କବାଟ ବନ୍ଦକରି ଦୁଇ ପାଖରେ ତାଲା ପକାଇ ଦେଲା । ତା'ପରେ ସବାରି ଉଠାଇ ବାହକମାନେ ଚାଲିଲେ କେଉଁଆଡ଼େ ।

ନିଶବ୍ଦ ରାତି । ସବାରିଟି ଏପରି ନିବୁଜ ଭାବେ ତିଆରି ହୋଇଛି ଯେ ବାହାରର ଟିକିଏ ଝାପ୍‌ସା ଆଲୁଅ ବି ତା' ଭିତରେ ପ୍ରବେଶ କରି ପାରିବ ନାହିଁ । ମହେନ୍ଦ୍ର ବାବୁ ଉପର ମନରେ ବାଧ୍ୟ ହୋଇ କୁମୁଦ୍ ସହିତ ଏଣୁ ତେଣୁ ଗପସପ୍ ହେବାକୁ ଲାଗିଲେ ।

ସବାରି ସେହି ଜଙ୍ଗଲେ ଜଙ୍ଗଲେ ଆଗକୁ ମାଡ଼ି ଚାଲିଛି । ଆହୁରି କେତେ ଦୂର ଯିବ, ତାର ଠିକଣା ନାହିଁ । ମହେନ୍ଦ୍ର ବାବୁ

କୁମୁଦ ସତ୍ୱର ଚୁପ୍ ଚୁପ୍ ହୋଇ ଏଣୁ ତେଣୁ କଥାବାର୍ତ୍ତା ହେଉ ହେଉ ପଚାରିଲେ,—"ଆଉ କେତେ ବାଟ ?"

କୁମୁଦ ସେହି ଅନ୍ଧାର ଭିତରେ ତାଙ୍କ ହାତକୁ ଚିପି ଦେଇ କହିଲା—କାହିଁକି ? ଆପଣ ତ ସବାରିରେ ବେଶ୍ ମଜାରେ ବସିଛନ୍ତି । ମୋର ଇଚ୍ଛା—ଇମିତ ଚଢ଼ି ସବାର ରାତିଟାଯାକ ଚାଲନ୍ତା ତାହାହେଲେ ଖୁବ୍ ମଜ୍ଜା ହୁଅନ୍ତା; କିନ୍ତୁ ଆଉ ବେଶି ବାଟ ନୁହେଁ, ଖୁବ୍ ହେଲେ ଆଉ ପନ୍ଦର ମିନିଟ୍ ଲାଗିବ ।

ବର୍ଷା ଅଳ୍ପ କମି ଆସିଲା ଜାକଟ ହୋଇ ଅସୁଛି । ମହେନ୍ଦ୍ରବାବୁଙ୍କ ଗ୍ଲାଡଟା ଆହୁରି ଜୋର୍‌ରେ ଥରିବାକୁ ଲାଗିଲା ।

ହଠାତ୍ ଗୋଟାଏ ଜାଗାରେ ସବାରି ଅଟକିଲା । ମହେନ୍ଦ୍ର ବାବୁ କୁମୁଦକୁ ଚୁପ୍ କରି ପଚାରିଲେ—ସ୍ୱାମୀ ବାବାଙ୍କ ପାଖରେ ବୋଧ-ହୁଏ ଆମେ ପହଞ୍ଚି ଯାଇଛେ, ନୁହେଁ ?

କୁମୁଦ କହିଲା,—'ନା, ଆମେ ପହଞ୍ଚି ନାହୁଁ, ଆଉ ଅଳ୍ପ ବାଟ ଅଛି ।

ବାହାରେ ସବାରିର ଅଳ୍ପ ଦୂରରେ କଣ ଉଠ ଉଠ କଲାଭଳି ଶୁଭୁଥାଏ । ମହେନ୍ଦ୍ର ବାବୁ ଭାବି ନେଲେ ବୋଧହୁଏ ଏମାନଙ୍କର ଡେରି ହୋଇ ଯାଇଛି ବୋଲି ସେମାନେ କବାଟ ଦେଇ ଦେଇ-ଛନ୍ତି; ଏମାନେ କବାଟରେ ହାତ ମାରି ବୋଧହୁଏ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରୁଛନ୍ତି ।

ଟିକିଏ ଗଲା, ସବାରି ପୁନର୍ବାର ଉଠିଲା । ପ୍ରାୟ ଦୁଇ ମିନିଟ୍ ପରେ ମହେନ୍ଦ୍ର ବାବୁ ହଠାତ୍ ନିଜ ବସିବା ସ୍ଥାନରୁ ପଛରୁ ଗୋଟାଏ ଧକ୍କା ବାଜିଲା ଭଳି କୁମୁଦ ଉପରେ ହାମୁଡ଼େଇ ପଡ଼ିଲେ । କୁମୁଦ ହସି ହସି ତାଙ୍କୁ ଧରିଥାଏ । କିଛିକ୍ଷଣ ପରେ କୁମୁଦ କହିଲା,—"ଏଥର ସିଧା ହୋଇ ବସନ୍ତୁ, ଆଉ କିଛି ଅସୁବିଧା ହେବ ନାହିଁ । ମହେନ୍ଦ୍ର ବାବୁ ସିଧା ହୋଇ ବସିଲେ; କିନ୍ତୁ

ତଥାପି ତାଙ୍କୁ ବଡ ଗଡ଼ଣିଆ ବୋଧ ହେଉଥାଏ । ମହେନ୍ଦ୍ର ବାବୁ ଅନୁମାନ କରିନେଲେ ମାଳତୀ ଯେଉଁ ପାହାଡ ତଳେ ସ୍ୱାମୀବାବାଙ୍କ ଆଶ୍ରମ କଥା କହୁଥିଲା, ଏ ବୋଧହୁଏ ସେହି । ସବାର ଆସ୍ତେ ଆସ୍ତେ ପାହାଡ ଭିତର ଦେଇ ଉପରୁ ତଳକୁ ଯାଉଛି । ମହେନ୍ଦ୍ର ବାବୁ ଆହୁରି ହତାଶ ହୋଇ ମନେ ମନେ ଡାକିଲେ ହେ ଭଗବାନ ! ତୁଇ ଏକା ମୋର ଭରସା ।

ଉପରୁ ତଳକୁ ଟିଲହୋଇ ସବାର ପ୍ରାୟ ଦଶ ମିନିଟ୍ ଚାଲିଲା । ଏଥି ଭିତରେ ପ୍ରାୟ ୩।୪ ଥର ମହେନ୍ଦ୍ର ବାବୁ କୁମୁଦ ଉପରେ ଢଳିପଡ଼ି ସିଧାହୋଇ ବସିଲେଣି ।

ହଠାତ୍ ସବାର ଗୋଟିଏ ସମତଳ ଜାଗାରେ ରହିଲା । ମହେନ୍ଦ୍ର ବାବୁ ଚୁପ୍ କରି କୁମୁଦକୁ ପଚାରିଲେ—ସ୍ୱାମୀବାବାଙ୍କ ଆଶ୍ରମ ବୋଧହୁଏ ହୋଇ ଯାଇଛି ? କୁମୁଦ କହିଲା—ହଁ । ସେତେବେଳେ ମହେନ୍ଦ୍ର ବାବୁଙ୍କ ମନର ଅବସ୍ଥା କହିଲେ ନ ସରେ । ତାଙ୍କ ଆଗରେ ଝଲସି ଉଠିଲା—ଏକ ବିରାଟ ଝକ୍‌ମକ ମାରୁଥିବା ଖଡ଼୍‌ଗ । ଆଉ ମୁହୂର୍ତ୍ତକ ପରେ ତାଙ୍କ ବେକରେ ତା ବସିବ ନାହିଁ ତ ! ମହେନ୍ଦ୍ର ବାବୁଙ୍କ ପାଟିରୁ କଥା ଶେଷ ନ ହେଉଣୁ, ଜଣେ କିଏ ସବାର କବାଟ ଖୋଲିଦେଲା । ମହେନ୍ଦ୍ର ବାବୁ ଅନାଇଁ ଦେଲେ ଆଉ କେହି ସେ ନୁହେଁ ଦଲାଇ । ଦଲାଇ ଲନ୍ଠନ୍ ସବାର ଭିତରକୁ ଦେଖାଇ ମହେନ୍ଦ୍ର ବାବୁଙ୍କୁ କହିଲା,—“ଆପଣ ଆସନ୍ତୁ ।”

ମହେନ୍ଦ୍ର ବାବୁ ନିର୍ଜୀବ ଭଳି ସବାରରୁ ଓହ୍ଲାଇ ଆସିଲେ, ତାଙ୍କ ପଛେ ପଛେ କୁମୁଦ । ମହେନ୍ଦ୍ର ବାବୁ ତଳକୁ ଓହ୍ଲାଇ ସଳଖି ଠିଆହୋଇ ଦେଖିଲେ—ଦଲାଇ ସଙ୍ଗରେ ଆଉ କେତେଜଣ ସବଳକାୟ ପୁରୁଷ ଏବଂ କେତେଜଣ ଅତି ସୁନ୍ଦରୀ ଯୁବତୀ । ସମସ୍ତଙ୍କ ମୁହଁରେ ପ୍ରାଣ ଉଚ୍ଛୁଳା ହସ । କୁମୁଦକୁ ଅନ୍ୟ ଯୁବତୀଗୁଡ଼ିକ ଦେଖି

କୁଣ୍ଢାଇ ପକାଇ ଖୁସି ଗପସପ ହେବାକୁ ଲାଗିଲେ । ମହେନ୍ଦ୍ର ବାବୁ ଦନ୍ତେମାନ ତାଙ୍କ ଗୁହାପାଖରେ ରୁଣ୍ଡ ହୋଇଥିବା ଲୋକମାନଙ୍କୁ ଅନାଇଁ ଉପରକୁ ଅନାଇଁଲେ, କାହିଁ ସେହି ନୀଳ ଅନନ୍ତ ଆକାଶ— କାହିଁ ସେହି ତାରାପୁଞ୍ଜ ? ଗୁହାଅଡ଼ ବିରାଟ ପଥରର ଗୁମ୍ଫା । ତାର ଭିତର ଦେଇ କେଉଁଆଡ଼େ ପବନ ଆସୁଥିବାର ସୁ ସୁ ଗର୍ଜନ । ମହେନ୍ଦ୍ର ବାବୁଙ୍କ ଘୃଣା ହତାଶ ଓ ବିସ୍ମୟରେ ଥରିବାକୁ ଲାଗିଲା । ତାଙ୍କୁ ଜଣାଗଲା—ସେ ଯେପରି ଗୋଟାଏ ଦୁନିଆରୁ ଅନ୍ୟ ଦୁନିଆକୁ ଆସିଛନ୍ତି ।

ତାଙ୍କର ଏହି ଆବାକାବା ଚାହାଣିରେ ଅନ୍ୟମାନେ ଦେଖି ହସିବାକୁ ଲାଗିଲେ । ଦଲାଇ କହିଲା—ଏମାନେ ସମସ୍ତେ ଆଜିଠାରୁ ଆପଣଙ୍କର ସାଥି । ପରେ ସବୁ ଦେଖିବେ, ବର୍ତ୍ତମାନ ବହୁତ ରାତି ହେଲଣି, ସ୍ୱାମୀବାବା ଅନାଇଁ ବସିଛନ୍ତି ଯେ ।

ଦଲାଇ ଓ ତାଙ୍କ ପାଖରେ ରୁଣ୍ଡ ହୋଇଥିବା ସମସ୍ତ ସ୍ତ୍ରୀ ପୁରୁଷ ତାଙ୍କୁ ମଝିରେ ପୂରାଇ ଆଗକୁ ଚାଲିଲେ । ମହେନ୍ଦ୍ର ବାବୁଙ୍କର କୌଣସି କଥା ପଚାରି ପଚାରି କରିବାପାଇଁ ଭୟରେ ତାଙ୍କ ତୁଣ୍ଡ ଫିଟି ନ ଥାଏ । ଗୁମ୍ଫା ପରେ ଗୁମ୍ଫା, କେତେ ଗୁମ୍ଫା, କେତେ ଗଳି ଦେଇ ଯେ ମହେନ୍ଦ୍ରବାବୁଙ୍କୁ ସେମାନେ ଆଗେଇ ନେଲେ, ତାହା ମହେନ୍ଦ୍ର ବାବୁ କିଛି ବୁଝି ପାରିଲେ ନାହିଁ । ଗୁମ୍ଫା ଗୁଡ଼ିକ ପାହାଡ଼ ତଳେ ତଳେ ହୋଇଥିଲେ ବି ଆଲୁଅର ବେଶ୍ ବ୍ୟବସ୍ଥା ଥିଲା ।

ମହେନ୍ଦ୍ର ବାବୁ ସେମାନଙ୍କ ସହିତ ଚାଲି ଚାଲି ଗୋଟାଏ ଖୁବ୍ ବଡ଼ ଗୁମ୍ଫା ଭିତରେ ପହଞ୍ଚି ଗଲେ । ସେ ଗୁମ୍ଫାଟି ପ୍ରାୟ ପାଞ୍ଚ ବଖରା ବଡ଼ ଘର ସଙ୍ଗେ ସମାନ ହେବ । ଦୀପ ଏବଂ ଲନ୍ଠନ୍ ଦ୍ୱାରା ଗୁହାଅଡ଼ ବେଶ୍ ଆଲୋକିତ । ମହେନ୍ଦ୍ର ବାବୁ କେବଳ ସ୍ୱପ୍ନ ଦେଖୁଥିଲା ଭଳି ସେ ପ୍ରକାଣ୍ଡ ଗୁମ୍ଫାଟିର ଗୁହାଅଡ଼କୁ ଥରେ ଆଖି ବୁଲାଇ ଆଣି ଦେଖିଲେ—ଗୋଟାଏ ପାଖକୁ ମୁଗୁନି ପ୍ରସ୍ତରର ବିରାଟ

ଖଡ଼୍ଗଧାରିଣୀ କାଳୀମୂର୍ତ୍ତି । ବେକରେ ରକ୍ତମନ୍ଦାରଫୁଲର ମାଳା । ତାଙ୍କ ମନ ହେଉଥିଲା ବଳି ପଡ଼ିବା ପୂର୍ବରୁ ଖୁବ୍ ଜୋରରେ ଚିତ୍କାର କରି ଟିକିଏ ହେଲେ ଶାନ୍ତିରେ ମରିବେ; କିନ୍ତୁ ସେ ବୃଥା ଚିତ୍କାର ଶୁଣିବ କିଏ ? ଏହି ପାତାଳ ପୁରୀରେ ବୃଥା ଚିତ୍କାର, ଏହି ପାତାଳ ପୁରୀରେହିଁ ଆବଦ୍ଧ ରହିବ ।

ମହେନ୍ଦ୍ର ବାବୁଙ୍କର ମନର ଭାବନାକୁ ଭାଙ୍ଗି ଦଲାଇ କହିଲା— ଆପଣଙ୍କରତ ଏ ଆଜିଠାରୁ ଘର, ଆଜି ଭାବୁଛନ୍ତି କଣ ? ମା'ଙ୍କ ଚରଣତଳେ ମୁଣ୍ଡ ଲଗାଇ ସ୍ୱାମୀ ବାବାଙ୍କୁ ନମସ୍କାର କରନ୍ତୁ । ଦଲାଇ ଆଗେ ଆଗେ ଚାଲିଲା, ମହେନ୍ଦ୍ର ବାବୁ ଚାଲିଲେ ପଛେ ପଛେ, ତାଙ୍କ ପଛରେ ଅନେକ ସ୍ତ୍ରୀ ଓ ପୁରୁଷ ।

ମା' ଖଡ଼୍ଗଧାରିଣୀଙ୍କ ଆଗରେ ଯେଉଁ କାପାଳିକ ଜଣକ ବସିଥିଲେ, ସେ ଅତି ବୃଦ୍ଧ ହେଲେ ବି ବେଶ୍ ସତେଜ ଦେଖା ଯାଉଥିଲେ । ମହେନ୍ଦ୍ରବାବୁ ଦଲାଇର ନିର୍ଦ୍ଦେଶରେ ମା'ଙ୍କ ପାଖରେ ମୁଣ୍ଡ ଲଗାଇ, ସ୍ୱାମୀବାବାଙ୍କ ଚରଣ ତଳେ ମୁଣ୍ଡ ଲଗାଇଲେ । ସ୍ୱାମୀବାବା ଅତି ସ୍ନେହରେ ତାଙ୍କ ମୁଣ୍ଡରେ ହାତ ବୁଲାଇ କହିଲେ—ଉଠ ବାବା । ମହେନ୍ଦ୍ର ବାବୁ ଗୋଟାଏ ସାହାସରେ ପକେଟରୁ କାଳିଫଣ୍ଟେଟି ଓ ଆଗରୁ କିଣି ରଖିଥିବା ତୀକ୍ଷ୍ଣ ଛୁରିକାଟି ତା'ଙ୍କପାଦ ପାଖରେ ରଖି ଦେଇ ଚୁପ୍ ହୋଇ ବସି ରହିଲେ ।

କ୍ଷଣକ ପାଇଁ ସ୍ୱାମୀ ବାବାଙ୍କ ମୁହଁରେ ହସ ଫୁଟି ଉଠିଲା । ଘରଟି ଏକବାରକେ ନିଶବ୍ଦ । ସେଠି ରହିଥିବା ସବୁ ପୁରୁଷ ସ୍ତ୍ରୀ ଚୁପ୍ ହୋଇ ବସିରହି ମହେନ୍ଦ୍ର ବାବୁଙ୍କ ଆଡ଼କୁ ଚାହିଁ ରହିଥାନ୍ତି । ଏଭଳି ନିସ୍ତବ୍ଧତା ଦେଖି ମହେନ୍ଦ୍ର ବାବୁଙ୍କୁ ଲାଗୁଥାଏ—ସ୍ୱାମୀ ବାବାଙ୍କ ଆଦେଶକୁ ଯେପରି ଏମାନେ ଅନାଇଁ ବସିଛନ୍ତି । ସ୍ୱାମୀ-ବାବାଙ୍କ ଆଦେଶ ପାଇଲା ମାତ୍ରେ ସ୍ତ୍ରୀ'ଙ୍କ ଭିତରୁ କିଏ ହୁଏତ ତାଙ୍କୁ ଟାଣି ଟାଣି ନେଇ ଚଣ୍ଡୀଙ୍କ ଆଗରେ ପୋତା ହୋଇଥିବା ବସ୍ତ

ଅର୍ଗଳି ଭିତରେ ଜବରଦସ୍ତି ତାଙ୍କ ବେକକୁ ପୁରାଇ ଦେବ । ତା'ପରେ ଶେଷ···ଏମାନେ ଯେଉଁ ବିଭତ୍ସ ଦୃଶ୍ୟ ଦେଖିବାକୁ ଠାକି ବସିଛନ୍ତି ।

ସ୍ୱାମୀବାବା କାଳୀ ଫଟଟି ଏବଂ ଛୁରୀଟିକୁ ନେଇ ପାଖରେ ରଖିଲେ । ତା'ପରେ ସେ ଗୋଟିଏ ମୁଣି ଭିତରେ ହାତ ପୂରାଇ ମହେନ୍ଦ୍ର ବାବୁଙ୍କ ଅଡ଼େ ଅନାଇଁ କହିଲେ—ବାବା, ତୁମେ ମୋର ଶିଷ୍ୟ ହେବାକୁ ଆସିଛ, ମୁଁ ଭାରି ଖୁସି ହେଲି, କିନ୍ତୁ ମୁଁ ଯାହା କରିବାକୁ କହିବି, ତୁମେ ତା କରି ପାରିବ ?

ମହେନ୍ଦ୍ର ବାବୁଙ୍କର ସେ ଧନ ମାଳତୀ ତାଙ୍କୁ ଉପଦେଶ ଦେଇ ସତର୍କ କରି ଦେଇଥିବା କଥା ଗୋଟି ଗୋଟି ହୋଇ ମନେ ପଡ଼ିଗଲା । ସେ ଆଉ କ୍ଷଣେ ମାତ୍ର ବିଳମ୍ବ ନ କରି ବଡ଼ ସାହସରେ କହିଲେ— ମୁଁ ଯେତେବେଳେ ଘରଦ୍ୱାର ଛାଡ଼ି ମାଳତୀଠାରୁ ଆପଣଙ୍କ ମହିମା ଶୁଣି ଶିଷ୍ୟ ହେବାକୁ ଆସିଛି, ଯେତେବେଳେ ଆପଣ ଯାହା କହିବେ ମୁଁ ନିର୍ଭୟରେ ତା କରିବି ।

ସ୍ୱାମୀବାବା ହାତରେ ଧୂଳି ଭଳି ସାମାନ୍ୟ ଟିକିଏ ଗୁଣ୍ଡ ଧରି ମହେନ୍ଦ୍ର ବାବୁଙ୍କୁ ହାତ ଦେଖାଇବାକୁ କହିଲେ । ମହେନ୍ଦ୍ର ବାବୁ ଡାହାଣ ହାତ ଟେକରେ ତା'ନେଇ ସାରିଲେ ପରେ, ସ୍ୱାମୀବାବା କହିଲେ—ସେ କ'ଣ ବାବା ଜାଣ ? ସେ ହେଉଛି ହଳାହଳ ବିଷ । ପାଟିରେ ପକାଇଲେ ମାତ୍ରେ ଜୀବନ ବାୟୁ ସଙ୍ଗେ ସଙ୍ଗେ ଉଡ଼ିଯିବ । ମୁଁ ଯଦି କହିବି—ତୁମେ ଏହାକୁ ପାଟିରେ ପକାଇ ଦିଅ, ତାହାହେଲେ ତୁମେ ପାରିବ ?

ମହେନ୍ଦ୍ର ବାବୁ ମନରେ ଅତି ସାହାସବାନ୍ଧି ନିର୍ଭୟରେ କହିଲେ- ଏଇ ସାମାନ୍ୟ କଥା ? ମଣିଷ ଥରେ ମାତ୍ର ମରେ, ଦୁଇଥର ମରେ ନାହିଁ । ଆପଣ ଆଦେଶ କରନ୍ତୁ—ଏଇ ଦେଖନ୍ତୁ, ମୁଁ ପାଟିରେ ପକାଇଲି । ମହେନ୍ଦ୍ର ବାବୁ ବାବାଙ୍କ ଆଦେଶକୁ ଅପେକ୍ଷା ନ କରି

ହାତକୁ ପ ଟି ପାଖକୁ ନେଲାପରି, ସ୍ୱାମୀବାବା ତାଙ୍କ ହାତକୁ ହସି ହସି ଧରି ପକାଇ କହିଲେ--ତୁମର ପରୀକ୍ଷା ଶେଷ ହୋଇଛି । ତୁମ ଭଳି ନିର୍ଭୟରେ ଜୀବନକୁ ମମତା ନ ରଖି ଏଭଳି କଥା କେହି କେବେ କହି ନାହିଁ, ତୁମେ ଆଜିଠାରୁ ମୋର ପ୍ରିୟପାତ୍ର ହେଲ । ସ୍ୱାମୀବାବା ମହେନ୍ଦ୍ର ବାବୁଙ୍କ ମୁଣ୍ଡରେ ହାତ ବୁଲାଇ ହସିବାକୁ ଲାଗିଲେ । ତାଙ୍କ ସଙ୍ଗେ ସଙ୍ଗେ ଏ ସବୁ ଘଟଣାକୁ ଅପେକ୍ଷା କରି ରହିଥିବା ସ୍ତ୍ରୀ ପୁରୁଷମାନଙ୍କର ଆନନ୍ଦ କୋଳାହଳରେ ପାହାଡ଼ ତଳେ ସେହି ବିରାଟ ଗୁମ୍ଫାଟି କମ୍ପିବାକୁ ଲାଗିଲା ।

ଏତେବେଳକେ ମହେନ୍ଦ୍ର ବାବୁଙ୍କ ମନରେ ଟିକିଏ ସାହସ ଆସିଲା । ସେ ଗୋଟାଏ ଦୀର୍ଘନିଶ୍ୱାସ ମାରି ମନେ ମନେ ଭାବିଲେ- ବଡ଼ ବିପଦରୁ ସେ ଉଦ୍ଧରିଛନ୍ତି । ମାଳତୀ ତାଙ୍କୁ ଖୁବ୍ ସାହାଯ୍ୟ କରିଛି । ସେ ଏ କଥା ମୂଳରୁ ତାଙ୍କୁ ନ ବତାଇଥିଲେ, ହୁଏତ ତାଙ୍କ ଗଣ୍ଡି ସଙ୍ଗରେ ମୁଣ୍ଡଟା ଏ ପର୍ଯ୍ୟନ୍ତ ଆଉ ନ ଥାନ୍ତା ।

କିଛି ସମୟ ଆନନ୍ଦର କୋଳାହଳ ପରେ ସ୍ୱାମୀବାବା ଆଦେଶ ଦେଲେ—ଆଉ ଡେରି କାହିଁକି ? ବହୁତ ଡେରି ଆଜି ହୋଇ ଗଲାଣି, ପଙ୍ଗତ ବଢ଼ାଅ ।

ସ୍ୱାମୀବାବାଙ୍କ ଆଦେଶ ପାଇବା ମାତ୍ରେ ସେଇଠି ଗୋଟାଏ ଧାଡ଼ିରେ ପୁରୁଷ ଏବଂ ଅନ୍ୟ ଧାଡ଼ିରେ ସ୍ତ୍ରୀମାନେ ବସିଗଲେ । ଅନ୍ୟ ଗୋଟିଏ ଗୁମ୍ଫାରୁ ଗୈରିକଧାରୀ ପୂଜାରୀ ପ୍ରାୟ ପାଞ୍ଚ ଛ'ଟି ହଣ୍ଡାରେ ପ୍ରସାଦ ଆଣି ମଝିରେ ରଖିଲେ । ପଲାଉ ଓ ମାଂସର ବାସନାରେ ସେହି ଗୁମ୍ଫାଟି ମହକି ଗଲା । ମନଇଚ୍ଛା ସମସ୍ତଙ୍କ ପାଖରେ ଥାଳି ଦିଆଗଲା । ପ୍ରକୃତରେ ମହେନ୍ଦ୍ର ବାବୁ ଏଭଳି ଭଲ ଖାଦ୍ୟ ଅନ୍ୟ କେଉଁଠି ଖାଇଛନ୍ତି ବୋଲି ତାଙ୍କର କାହିଁକି ମନେ ହେଲା ନାହିଁ । ସେହି ଖାଇବା ଭିତରେ ମହେନ୍ଦ୍ର ବାବୁ ତାଙ୍କ ଆଗ ଧାଡ଼ିରେ ବସିଥିବା ଯୁବତୀ ଗୁଡ଼ିକୁ ଚାହିଁବାରେ

ଲଗିଥାନ୍ତି । ସମସ୍ତେ ପ୍ରାୟ ସୁନ୍ଦରୀ ନବ ଯୁବତୀ । ମହେନ୍ଦ୍ର ବାବୁଙ୍କର ଅନାଇବାର ପ୍ରଧାନ ଉଦ୍ଦେଶ୍ୟ ଥାଏ—ଊର୍ମିଳା ଏହା ଭିତରେ କିଏ ? ହଠାତ୍ ଗୋଟିଏ ଯୁବତୀ ଉପରକୁ ଥରକୁ ଥର ତାଙ୍କ ଆଖି ଫେରି ଆସିଲା । ତାଙ୍କର ମନେ ହେଲା—ପ୍ରାଣଧନ ବାବୁଙ୍କ ଘରେ ଚୁନି ତାଙ୍କୁ ଯେଉଁ ଫଟୋ ଦେଖାଇଥିଲା ସେ ଚେହେରା ସଙ୍ଗରେ ଏ ଚେହେରା ପ୍ରାୟ ମିଳି ଯାଉଛି; କିନ୍ତୁ ସେ ଫଟୋ ଅପେକ୍ଷା ଏହାର ଚେହେରା ବର୍ତ୍ତମାନ ଅଧିକ ସୁନ୍ଦର ହୋଇ ଗଲାଣି ।

ତରୁଣୀଟିର ସେହି ରୂପକାନ୍ତି, ମହେନ୍ଦ୍ର ବାବୁ ପ୍ରାଣଧନ ବାବୁଙ୍କ ଘରେ ଦେଖିଥିବା ଫଟୋଟି ସହିତ କେତେକ ପରିମାଣରେ ଖାପ ଖାଉ ନ ଥିଲେବି, ସେ ଯେ ନିଶ୍ଚୟ ପ୍ରାଣଧନ ବାବୁଙ୍କ ବଡ଼ବୋହୂ ଊର୍ମିଳା, ଏଥିରେ ତାଙ୍କର ଟିକିଏ ହେଲେ ସନ୍ଦେହ ରହିଲା ନାହିଁ । ମହେନ୍ଦ୍ର ବାବୁ ଭାବିନେଲେ—ତାର ରୂପରେ ଏପରି ପରିବର୍ତ୍ତନ ହେବାର ହୁଏତ ପ୍ରଧାନ ଉପାୟ ହେଉଛି, ସେ ଘର ଅପେକ୍ଷା ଏଠି ବେଶି ସୁଖ ଶାନ୍ତିରେ ଅଛି ।

ପଙ୍ଗତ ବଢ଼ିଲା । ସମସ୍ତେ ଉଠି ହାତ ଧୋଇଲେ । ମହେନ୍ଦ୍ର ବାବୁ ହାତ ଧୋଇବା ସଙ୍ଗେ ସଙ୍ଗେ ଦଲାଇ ମହେନ୍ଦ୍ର ବାବୁଙ୍କ ପାଖକୁ ଆସି କହିଲା—ଆପଣ ବହୁତ ଅନିଦ୍ରା ହେଲେଣି, ଶୋଇବେ ଆସନ୍ତୁ । ଅନ୍ୟମାନେ ବି ମହେନ୍ଦ୍ର ବାବୁଙ୍କୁ ଦଲାଇ ସହିତ ତଡ଼ି ପଠାଇ ଦେଲେ । ମହେନ୍ଦ୍ର ବାବୁ ଦଲାଇ ପଛେ ପଛେ ଯାଉଁ ଯାଉଁ ଭାବୁଥାନ୍ତି—ସମସ୍ତଙ୍କର ତାଙ୍କ ପ୍ରତି ଏତେ ଆଦର, ଏତେ ସ୍ନେହ କାହିଁକି ? ତାଙ୍କ ଦ୍ୱାରା ସେମାନଙ୍କର ଆଉ କି ଉପକାର ହେବ ?

ଦଲାଇ ମହେନ୍ଦ୍ର ବାବୁଙ୍କୁ ନେଇ କୁମୁଦ ପାଖରେ ଛାଡ଼ିଦେଇ କହିଲା—ନିଅ; ୟାଙ୍କର ଶୋଇବାର ବନ୍ଦୋବସ୍ତ କରିଦିଅ । କୁମୁଦ

ହସି ହସି ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ ଡାକିଲା—ଆସନ୍ତୁ । ମହେନ୍ଦ୍ର ବାବୁ ତା ମୁହଁକୁ ଅନାଇଁ ହସିଦେଇ କହିଲେ—ଚାଲ ।

କୁମୁଦ ମହେନ୍ଦ୍ର ବାବୁଙ୍କ ପାଖକୁ ଲାଗି ଯାଇଁ ଯାଇଁ ହଠାତ୍ ମହେନ୍ଦ୍ର ବାବୁଙ୍କ ହାତକୁ ଚିପିଦେଇ କହିଲା—ତମେ ପରା ମାଳତୀ ଯେଉଁ ଊର୍ମିଳା କଥା କହୁଥିଲ ତାକୁ ଖୋଜୁଥିଲ ? ତାକୁ ବର୍ତ୍ତମାନ ତମ ପାଖକୁ ଡାକିଦେବି ?"

ମହେନ୍ଦ୍ର ବାବୁ ଟିକିଏ ନୀରବ ରହି ଆଦରରେ କୁମୁଦର ବାହୁକୁ ଟିକିଏ ଚିପିଦେଇ କହିଲେ—'ନା, ସେ କେଉଁଠି ଅଛି ବୋଲି ତୁମକୁ ପଚାରୁଥିଲି ନା, ମୋର ତା ସହିତ ବର୍ତ୍ତମାନ କି କାମ ? ନିଦ ବି ଏହିକ୍ଷଣି ଖୁବ୍ ମାଡ଼ିଲାଣି, ତୁମେ ଯେଉଁଠି ରହିବ, ମୋତେ ଖଣ୍ଡେ ବିଛଣା ପାରିଦିଅ ।'

କୁମୁଦ କହିଲା—ହଉ, ଆସ । ମହେନ୍ଦ୍ର ବାବୁ ତା ପଛେ ପଛେ ଗଲେ । କୁମୁଦ ଗୋଟିଏ କୋଠରୀ ଭିତରକୁ ପଶିଗଲା । ମହେନ୍ଦ୍ର ବାବୁ ତା ଭିତରକୁ ପଶିଯିବା ସଙ୍ଗେ ସଙ୍ଗେ ଦେଖିଲେ—ଚାରିଜଣ ଯୁବତୀ ତାଙ୍କୁ ଦେଖି ବସିବାଠାରୁ ଉଠି ମୁହଁରେ ଲୁଗା ଦେଇ ତାଙ୍କ ଆଡ଼କୁ ଅନାଇଁ ହସୁଛନ୍ତି । ମହେନ୍ଦ୍ର ବାବୁ ଟିକିଏ ସଙ୍କୋଚ ବୋଧ କଲାକ୍ଷଣି, କୁମୁଦ ଧୀରେ ଧୀରେ ତାଙ୍କ ପଛଆଡ଼କୁ ଆସି ମହେନ୍ଦ୍ର ବାବୁଙ୍କୁ ଏପରି ଠେଲିଦେଲା ଯେ ମହେନ୍ଦ୍ର ବାବୁ ଏକବାରକେ ସେ ଯୁବତୀ ଗୁଡ଼ିକଙ୍କ ଉପରେ ଆଉଜି ପଡ଼ିଲେ । ମହେନ୍ଦ୍ର ବାବୁ ତରତର ହୋଇ ଉଠି ପଡ଼ି ଲଜ୍ଜାରେ ବଡ଼ ବିବ୍ରତ ହୋଇ କୁମୁଦ ଆଡ଼େ ଅନାଇଁ କହିଲେ—ତୁମେ କୁମୁଦ ଏଠି ବଡ଼ ଦୁଷ୍ଟ ହେଲଣି । ଅନ୍ୟ ଯୁବତୀ ଗୁଡ଼ିକ ଫେଁ ଫେଁ ହୋଇ ହସି ଉଠିଲେ । କୁମୁଦ ମହେନ୍ଦ୍ର ବାବୁଙ୍କ ଆଡ଼େ ଚାହିଁ କହିଲା—ଏଇଠି ସେଇମାନଙ୍କ ସଙ୍ଗରେ ହସି ଖୁସି ହୋଇ ତୁମ ଦିନ ଆନନ୍ଦରେ କାଟିବ । ଏଠି ଏତେ ଲାଜ କଲେ ଚଳିବ ନାହିଁ । ମହେନ୍ଦ୍ର ବାବୁ ତଳକୁ ମୁହଁ ପୋତି ହସି ହସି କହିଲେ—ତା ବୋଲି ଯେ… ।'

କୁମୁଦ ମହେନ୍ଦ୍ର ବାବୁଙ୍କ ହାତ ଧରି କହିଲା—ସେଇ ଖଟରେ ତୁମଲାଗି ବିଛଣା ପଡ଼ିଯାଇଛି, ଯାଇ ଶୁଅନ୍ତୁ । ମହେନ୍ଦ୍ର ବାବୁ ଯାଇଁ ତା' ଉପରେ ଗଡ଼ି ପଡ଼ିଲେ । କୁମୁଦ ଓ ଅନ୍ୟ ଯୁବତୀଗୁଡ଼ିକ କଣ ଚୁପ୍ ଚୁପ୍ କଥାବାର୍ତ୍ତା ହୋଇ ଖିଲ୍ ଖିଲ୍ ହୋଇ ହସୁଥାନ୍ତି; କିନ୍ତୁ ମହେନ୍ଦ୍ର ବାବୁ ବେଶି ସମୟ ଆଉ ସେମାନଙ୍କର ଗପସପ ହସ ଦେଖି ପାରିଲେ ନାହିଁ । ସେ ଏତେ ଆସକ୍ତ ବୋଧ କରୁଥିଲେ ଯେ, ବିଛଣାରେ ପଡ଼ିବାର ଅଳ୍ପ ସମୟ ମଧ୍ୟରେ ନିଘୋଡ଼ ନିଦରେ [illegible] ପଡ଼ିଲେ ।

× × × ×

ମହେନ୍ଦ୍ର ବାବୁ ପ୍ରାଣଧନ ବାବୁଙ୍କ ଘରୁ ଯିବାର ପ୍ରାୟ ଏକ-ମାସରୁ ବେଶି ହୋଇଗଲାଣି । ବେଳେ ବେଳେ ସ୍ୱର୍ଣ୍ଣବାଳା ଓ କୁନି ପ୍ରାଣଧନ ବାବୁଙ୍କୁ ପଚାରନ୍ତି—ମହେନ୍ଦ୍ର ବାବୁ ଚନ୍ଦନନଗର ପାଇଁ କାମରେ କଲିକତା ଯାଇଥିଲେ, କାହିଁକି ଆଜଯାଏ ବି ତ ଫେରିଲେ ନାହିଁ ? ପ୍ରାଣଧନ ବାବୁ ବଡ଼ ଗମ୍ଭୀର ହୋଇ କହନ୍ତି—ମୁଁ ତ କିଛି ଖବର ପାଇନାହିଁ । ଶୁଣିଲି—ସେ ସିଆଡ଼େ ସିଆଡ଼େ ଛୁଟି ନେଇ ଘରକୁ ଯାଇଛନ୍ତି । ଫେରିବାକୁ ତାଙ୍କର ଡେରି ହୋଇପାରେ । ମାଳତୀ କେଉଁଠି ଥାଏ, ଆସି ପହଞ୍ଚିଯାଇ କହେ ଏତେଦିନେ ହେଲା କୁଆଡ଼େ ଯାଇଛନ୍ତି କେଜାଣି । ତାଙ୍କ ବାକ୍ସରେ ଉଇ ଧରି ଯାଇ-ଥିଲା, ମୁଁ ଆଜି ସକାଳେ ଘର ଓଳାଉ ଓଳାଉ ଦେଖିଲି । ବାକ୍ସ ଗୁଡ଼ିପ'ଖ ଝଡ଼ାଝଡ଼ି କରି ଅନ୍ୟ ଜାଗାରେ ଥୋଇଛି । ପ୍ରାଣଧନ ବାବୁ ଏ କଥା କହି ଅଫିସଘରକୁ ଚାଲି ଯାଆନ୍ତି । ମାଳତୀ ମନେ ମନେ ଖୁବ୍ ଖୁସି ହୋଇ ଭାବେ—ବେଶ୍ ହୋଇଛି, ମୋର କୌଶଳ ଏମାନେ ଛଳେମାତ୍ର କେହି ଜାଣି ନାହାନ୍ତି ।

× × × ×

ମହେନ୍ଦ୍ର ବାବୁଙ୍କର ତନ୍ଦ୍ରା ଅବସାନ ଯେତେବେଳେ ନିଦ୍ରା ଭାଙ୍ଗିଲା, ସେତେବେଳେ ସେ ଖଟ ଉପରେ ଉଠି ବସି ଅନୁମାନ କଲେ ବୋଧହୁଏ ଅନେକ ବେଳ ହୋଇଗଲାଣି; କିନ୍ତୁ ସୂର୍ଯ୍ୟ କିରଣ ତା' ଭିତରେ କେଉଁଠି ପଡ଼ିଥିବାର ତାଙ୍କ ଆଖି ଆଗରେ ପଡ଼ିଲା ନାହିଁ। କେବଳ ମେଘୁଆଗ ଭଳି ଗୃହଅଟେ ଝାପ୍‌ସା ଅନ୍ଧାର। ମହେନ୍ଦ୍ର ବାବୁ କ୍ଷଣକାଲ ଏଣୁ ତେଣୁ ବସି ଭାବୁଛନ୍ତି। କୁମୁଦ ସେ ଘରକୁ ପଶି ଆସିଲା, ତା' ସଙ୍ଗେ ସଙ୍ଗେ ଆଉ ଗୋଟିଏ ଯୁବତୀ। ମହେନ୍ଦ୍ର ବାବୁ ସେ ଯୁବତୀଟି ଆଡ଼େ ଅନାଇଁ ଅନୁମାନ କରିନେଲେ ସେ ଆଉ କେହି ନୁହେଁ—କାଲି ସେ ଯାହାକୁ ଉର୍ମିଳା ବୋଲି ଭାବିଥିଲେ, ଏ ହେଉଛି ନିଶ୍ଚୟ ସେହି। ସମସ୍ତେ ଗାଧୋଇ ସାରି ମୁଣ୍ଡ କୁଣ୍ଡାଇ ବଡ଼ ଚହକା ଦେଖା ଯାଉଥାନ୍ତି।

କୁମୁଦ ମହେନ୍ଦ୍ର ବାବୁଙ୍କ ପାଖରେ ଠିଆ ହୋଇ ଯାଇଁ କହିଲା—ଏମାନଙ୍କୁ ଦେଖି ଆପଣଙ୍କୁ ଲାଜ ମାଡ଼ୁଛି, ନୁହେଁ ? ମହେନ୍ଦ୍ର ବାବୁ ଅନ୍ୟ ଯୁବତୀ ଦୁଇଟିଙ୍କ ଆଡ଼କୁ କଣେଇ ଚାହିଁ ମୁରୁକି ହସି କହିଲେ—ନା ମୁଁ ତ ଏମାନଙ୍କୁ ଦେଖି ଲାଜ କରୁ ନାହିଁ। ମୁଁ ତ ବେଶ୍ ଜାଣିଛି, ଏମାନଙ୍କ ସହିତ ମୋତେ ସବୁଦିନ ପାଇଁ ଚଳିବାକୁ ପଡ଼ିବ। ତେବେ ନୂଆ ଲୋକ ଯେତେବେଳେ......

କୁମୁଦ କହିଲା...ଏହିକ୍ଷଣି ତମର ନୂଆ ଲୋକଙ୍କ ସହିତ ଗପସପ କରିବେ, ନା' ଗାଧୋଇ ଯିବେ ? ଦିନ ବହୁତ ହେଲାଣି।

ମହେନ୍ଦ୍ର ବାବୁ କହିଲେ—ମୁଁ ତ ଦିନ ରାତି ଏଠି କିଛି ଜାଣି-ପାରୁ ନାହିଁ ? ମୁଁ ତ ବହୁତ ସମୟ ଶୋଇ ପଡ଼ିଲି। ଆଗେ ଗାଧୋଇ ସ୍ୱାମୀବାବାଙ୍କ ଦର୍ଶନ କରି ଆସିଲେ, ତା ପରେ ଯାଇଁ ଯେଉଁ କଥା।

କୁମୁଦ କହିଲା—ହଉ, ଆସନ୍ତୁ।

ମହେନ୍ଦ୍ର ବାବୁ ଅନ୍ୟ ଦୁଇଟି ଯୁବତୀଙ୍କ ଆଡ଼କୁ ଅନାଇଁ କହିଲେ—କିଛି ଭାବିବ ନାହିଁ, ନିଶ୍ଚୟ ଖରବେଳକୁ ଆସିବି, ମୁଁ

ଏକବାରେ ଏଠି ନୂଆଲୋକ, ଗପସପ ନ ହେଲେ ଅଦୌ ଭଲ ଲାଗିବ ନାହିଁ ।

ତରୁଣୀ ଦୁଇଟି ମୁହଁରେ ଲୁଗା ଦେଇ ହସ ହସି କହିଲେ ନିଶ୍ଚୟ ଆସିବୁ । ମହେନ୍ଦ୍ର ବାବୁ ସେ ଦୁଇଜଣଙ୍କ ଭିତରୁ ଜଣକୁ ଥରକୁଥର ଅନାଇଁ ଅନୁମାନ କରୁଥିଲେ ଯେ, ଏ ନିଶ୍ଚୟ ପ୍ରାଣଧନ ବାବୁଙ୍କ ଝିଅ ଉର୍ମିଳା ଛଡ଼ା ଅନ୍ୟ କେହି ନୁହେଁ । ଏଠି କେବଳ ମନର ଆନନ୍ଦରେ ତାହାର ଚେହେରା ଏତେ ସୁନ୍ଦର ହୋଇଯାଇଛି । କୁମୁଦ ଆଗେ ଆଗେ ଚାଲିଲା, ମହେନ୍ଦ୍ର ବାବୁ ପଛେ ପଛେ ଚାଲିଲେ । ପାହାଡତଳେ କେତେ ଗଳିବାଟ ତାର ଠିକଣା ନାହିଁ । ମହେନ୍ଦ୍ର ବାବୁଙ୍କୁ ଲାଗୁଥାଏ—ସତେ ଯେପରି ସେ ଏକ ଦୁନିଆରୁ ଅନ୍ୟ ଏକ ଦୁନିଆକୁ ଆସିଛନ୍ତି । ମହେନ୍ଦ୍ର ବାବୁ ଯାଉଁ ଯାଉଁ କେତେ ସ୍ତ୍ରୀଲୋକ ମଧ୍ୟ ତାଙ୍କୁ ଦେଖି, କୁମୁଦକୁ କହୁଥାନ୍ତି—ଏ ବାବୁଙ୍କୁ କେଉଁଠୁ ଆଣିଛୁ ? ଏତ ଭାରି ଲାଜକୁଳା, କାହା ସହିତ କଥାବାର୍ତ୍ତା କରୁ ନାହାନ୍ତି ।

କୁମୁଦ କହେ—ସେ ଲାଜକୁଳା କାହିଁକି ହେବେ ? ନୂଆ ଲୋକ, କାଲି ରାତିରେ ତ ଆସିଛନ୍ତି । ଯାଉ ଦୁଇ ତିନି ଦିନ, ଦିନରାତି ଯଦି ତୁମ କାନ ଧରି ନ ଟାଣିବେ, ତାହାହେଲେ ମୋତେ କହିବ ? ସମସ୍ତେ କର୍ କର୍ ହୋଇ ହସି ଉଠନ୍ତି । ମହେନ୍ଦ୍ର ବାବୁ ଅବାକାବା ହୋଇ ତଳକୁ ମୁହଁପୋତି ବାଧହୋଇ ଟିକିଏ ହସି ଚାଲିଥାନ୍ତି କୁମୁଦ ପଛେ ପଛେ ।

ହଠାତ୍ କୁମୁଦ ଠିଆ ହୋଇ ଯାଇ କହିଲା—ଆପଣ ନିଜର କାମ ସାରନ୍ତୁ । ଏଇବାଟେ ପାଇଖାନା, ନିଅନ୍ତୁ—ହେଇ ଦାନ୍ତକାଠି ।

ମହେନ୍ଦ୍ର ବାବୁ ଦାନ୍ତକାଠି ଖଣ୍ଡିକ କୁମୁଦ ହାତରୁ ଆଣି ଆଗକୁ ଅନାଇଁଲେ—ପଥର କଟାହୋଇ ଗୋଟାଏ ଖୁବ୍ ବଡ଼ କୁଣ୍ଡଭଳି

ହୋଇଛି । ଅଉ କୁଣ୍ଡ ଭିତରେ, ସେହି ପାହାଡ଼ର ଏକ ଝରଣାରୁ ପାଣି ଅନବରତ ଗୁପ୍ ଗୁପ୍ ହୋଇ ପଡ଼ୁଛି ।

ମହେନ୍ଦ୍ର ବାବୁ ଝରଣାଟି କେଉଁଠୁ ବହି ଆସୁଛି ଜାଣିବାକୁ ଖୁବ୍ ନିରୀକ୍ଷଣ କରି ଉପରକୁ ଚାହିଁଲେ; କିନ୍ତୁ କିଛି ଦେଖାଗଲା ନାହିଁ, ଉପରକୁ ଉପର ଅନ୍ଧାର । ଶେଷକୁ ନିଜର ନିତ୍ୟକର୍ମ ସାରି କୁମୁଦ ସଙ୍ଗରେ ଫେରି ଆସିଲେ ।

× × × ×

ପ୍ରାୟ ଦିନ ଦୁଇଟାବେଳ ହେବ, ମହେନ୍ଦ୍ର ବାବୁ ନିଜର ଘଣ୍ଟାକୁ ଦେଖି ସମୟ ଜାଣିବା ଛଡ଼ା, ଅନ୍ୟ ଉପାୟରେ ସମୟ ଜାଣିବାର ଅଉ କୌଣସି ପନ୍ଥା ନ ଥିଲା । ସବୁବେଳେ ସେ ସବୁ ଗୁମ୍ଫାଗୁଡ଼ିକ ଏକରକମ ଝାପ୍ସା ଅନ୍ଧାରିଆ । ମହେନ୍ଦ୍ର ବାବୁ ଖାଇ-ସାରି ସେଇ ଶୋଇବା ଖଟ ଉପରେ ପଡ଼ି ଗଡ଼ପଡ଼ ହେଉଛନ୍ତି । କଳ୍ପନାରେ ତାଙ୍କ ମନ ଦୋଳାୟିତ । କିପରି ସେ ଏହି ଡକାୟତ ଦଳକୁ ଧରି ପକାଇବେ, ସେହି ଉପାୟ ଖୋଜିବାରେ ସେ ଲାଗି ପଡ଼ିଛନ୍ତି । ହଠାତ୍ ତାଙ୍କର ଭାବନାକୁ ଭାଙ୍ଗି ସକାଳେ ଯେଉଁ ଦୁଇଜଣ ଯୁବତୀ ତାଙ୍କ ପାଖକୁ ଆସିଥିଲେ, ସେହି ଦୁଇଜଣ ଯାକ ଘର ଭିତରକୁ ହସ ହସ ମୁହଁରେ ପଶି ଆସିଲେ । ସେ ଦୁହିଙ୍କ ଭିତରୁ ଜଣକର ନାମ ଉର୍ମିଳା, ଏଥିରେ ମହେନ୍ଦ୍ର ବାବୁଙ୍କର ତିଳେମାତ୍ର ସନ୍ଦେହ ନ ଥିଲା । ଅନ୍ୟ ଜଣଙ୍କର ନାଁ ସେ ଜାଣି ନ ଥିଲେ ।

ଦୁଇଜଣ ଯାକ ଯୁବତୀ ତାଙ୍କ ଖଟ ପାଖରେ ଠିଆ ହେବା ସଙ୍ଗେ ସଙ୍ଗେ ମହେନ୍ଦ୍ର ବାବୁ ମୁରୁକି ହସି କହିଲେ—ଠିଆହେଲ କାହିଁକି ? ଖଟ ଉପରେ ଆସି ବସ ନା' । କଣେ କଣେ ଠେଲି ଠେଲି ହୋଇ ଦୁହେଁଯାକ ଯାଇଁ ମହେନ୍ଦ୍ର ବାବୁଙ୍କ ଦୁଇପାଖରେ ବସିଲେ । ମହେନ୍ଦ୍ର ବାବୁ ଦୁଇ ପାଖରୁ, ଦୁହିଙ୍କ ମୁହଁକୁ ଚାହିଁ

କହିଲେ ମୋର ଜୀବନ ଆଜି ତମମାନଙ୍କ ପାଇଁ ସାର୍ଥକ ହୋଇଛି । ଆଗରୁ ଯଦି ଏତେ ସୁଖ ଶାନ୍ତି ଅଛି ବୋଲି ମୁଁ ଖବର ପାଇଥାନ୍ତି, ତାହାହେଲେ ଅହୁର ଆଗରୁ ଏଠିକୁ ଚାଲି ଆସିଥାନ୍ତି । ଦୁଇଟିଯାକ ଯୁବତୀ କୁର୍ କୁର୍ ହୋଇ ହସିବାକୁ ଲାଗିଲେ ।

କୁମୁଦ ହଠାତ୍ ସେ ଘରେ ପହଞ୍ଚି ଯାଇ ହସି ହସି କହିଲା— ବାଃ, ଇମିତି ତମର ସବୁ ବସିବାକୁ ସାହସ ହୋଇଲେଣି ନା ? ହଉ, ତମେ ବସ, ଏହା କହି ମହେନ୍ଦ୍ର ବାବୁଙ୍କ ବାଁ ପଖରେ ବସିଥିବା ତରୁଣୀଟିକୁ ହାତ ଠାରି ହେଟ୍ ଆସିବାକୁ ଡାକିଲା । ତରୁଣୀଟି ହସି ହସି ସେଠୁ ପଦାକୁ ବାହାରି ଆସିବା ସଙ୍ଗେ ସଙ୍ଗେ କୁମୁଦ କବାଟ ଆଉଜାଇ ଅନ୍ୟଆଡ଼େ ଦୁହେଁଯାକ ସାଙ୍ଗ ହୋଇ ଚାଲିଗଲେ ।

ମହେନ୍ଦ୍ର ବାବୁ କୁମୁଦର ଏ ସବୁ ରହସ୍ୟ ଦେଖି ସାଥି ଊର୍ମିଳାର ହାତ ପାପୁଲିଟି ନିଜ ହାତ ମୁଠା ଭିତରେ ରଖି କହିଲେ—ତମେ ମତେ ଚିହ୍ନି ନା ? ମୁଁ ତମକୁ ଚିହ୍ନିଛି, ମାଲତୀଠାରୁ ସବୁ କଥା ଶୁଣିଛି, ତମେ ଯାହା କରିଛ ଭଲ କରିଛ । ମଣିଷ ସୁଖ ଶାନ୍ତିରେ ରହିବାକୁ ଦୁନିଆକୁ ଆସି କାହିଁକି ଏତେ କଷ୍ଟ ପାଇବ ? କେବଳ ତମରି ପାଇଁ ମାଲତୀ କଥାରେ ପଡ଼ି ମୁଁ ଏଠାକୁ ଆସିଛି; ତୁମେ ମୋର ସବୁ ।

ଊର୍ମିଳା ମହେନ୍ଦ୍ର ବାବୁ ଆଡ଼କୁ କରେଇ ଚାହିଁ, ହସି ହସି କହିଲା—ତମେ ମିଛ କୁହ ବା ସତ କୁହ, ତୁମକୁ ଦେଖିଲାବେଳୁ ମୋ ମନଟା ତୁମର ଆଡ଼କୁ ଆଉଜି ଯାଉଛି । ମହେନ୍ଦ୍ର ବାବୁ କହିଲେ—ତମ ମନ ଜାଣି, ତମକୁ ସେଦିନ ପଙ୍ଗତରେ ଦେଖିବା-ବେଳଠୁଁ ତମର ଆଡ଼କୁ ମୋ ମନ ଢଳି ପଡ଼ିଥିଲା । ମହେନ୍ଦ୍ର ବାବୁ ଊର୍ମିଳାକୁ ନିଜ ଆଡ଼କୁ ଅଉଜେଇ ଆଣିଲେ ।

× × × ×

ଅଠଦିନ ବିତି ଗଲଣି । ଏଥି ମଧ୍ୟରେ ଦଲାଇ ମହେନ୍ଦ୍ର-ବାବୁଙ୍କଠାରୁ ବିଦାୟ ନେଇ ସେହି ମଠକୁ ଚାଲିଯାଇଛନ୍ତି । ସେଦିନ ଖରାବେଳ; ମହେନ୍ଦ୍ର ବାବୁ ଓ ଊର୍ମିଳା ଖଟ ଉପରେ ବସି ମଧୁର ଗପସପ ହେଉଛନ୍ତି । କୁମୁଦ ସେ ଘରକୁ ପଶି ଆସି ଖଟ ଉପରେ ଯାଇ ବସିଲା । ମହେନ୍ଦ୍ର ବାବୁ ଅଳ୍ପାଟରେ ହସି ହସି କହିଲେ— ତମେ କାହିଁକି ଏ ଘରକୁ ଆସିଲ ? କୁମୁଦ ଟିକିଏ ହସି କହିଲା—ଆଜି କେବଳ ଥରକ ପାଇଁ ତ ଆସିଛି, ଆଉ କଣ ଆସିବ ଯେ । ମୁଁ ତ ଆଜି ଚାଲିଯାଉଛି ।

ମହେନ୍ଦ୍ର ବାବୁ ଶୋଇବା ଅବସ୍ଥାରୁ ଉଠି ପଡ଼ି କହିଲେ— କୁଆଡ଼େ ଯିବ ?

କୁମୁଦ କହିଲା—ଯେଉଁଠୁ ଆସିଥିଲ, ସେଇଠିକୁ ଯିବ । ଅଠଦିନ ହେଲା ଆସିଲଣି ଯେ । ଆପଣଙ୍କ ଜମା ଏ ଊର୍ମିଳାକୁ ରଖି ଦେଇଗଲି, ସେ ମୋର ଭାରି ସାଙ୍ଗ, ଆପଣଙ୍କର ସବୁ ଖବର ସେ ବୁଝିବ ।

ମହେନ୍ଦ୍ର ବାବୁ ମନରେ ଦୁଃଖ କଲାଭଳି କହିଲେ—ତୁମେ ଚାଲି ଯିବା କଥା ଶୁଣି ବଡ଼ ଦୁଃଖ ଲାଗୁଛି, ପୁଣି କେବେ ଆସିବ ?

କୁମୁଦ ଊର୍ମିଳା ଆଡ଼କୁ ଅନାଇଁ କହିଲା—ଗ୍ରହଣ କେବେ ଲାଗିବ, ସ୍ୱାମୀବାବାଙ୍କଠାରୁ କିଛି ଶୁଣିଥିଲୁ ଭଉଣୀ ?

ଊର୍ମିଳା ଟିକିଏ ଭାବି ଚିନ୍ତି କହିଲା—ହଁ, ସେଦିନ ତ ସ୍ୱାମୀବାବା କହୁଥିଲେ ଆଉ ମୋଟେ ଦେଢ଼ମାସ ଅଛି । ସେଥିପାଇଁ ତ ଆଗରୁ ସବୁ ଯୋଗାଡ଼ ଆରମ୍ଭ ହୋଇ ଗଲାଣି ।

କୁମୁଦ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ କହିଲା—ଆଉ ଦେଢ଼ ମାସ ପରେ ଆସିବି । ସେଦିନ ଏହା ଭିତରେ ମଉଜ ମଜଲିସର ଧୁମ୍ ଲାଗିବ । ଚନ୍ଦ୍ରଗ୍ରହଣ, ମା'ଅଙ୍କର ପୂଜା, ଦଲାଇ ବି ଆସିବେ ଯେ ।

ମହେନ୍ଦ୍ର ବାବୁ କୁମୁଦ ଓଠଟିକୁ ଧରିପକାଇ କହିଲେ— ତମର ଇଚ୍ଛା, ତମେ ମତେ ସବୁ ବିପଦରୁ ରକ୍ଷା କରିଛ । ଯଦି ତମର ମୁଁ ମନେ ଥିବ, ତାହାହେଲେ ଦସ୍ୟୁଙ୍କର ନିଷ୍ଠୁର ଅସିବ ।

କୁମୁଦ ହସି ହସି କହିଲା—ତମର ଉର୍ମିଳାକୁ ପାଇ ମୁଁ ମନେ ନ ରହିପାରେ । ମୁଁ କାହିଁକି ଭୁଲିଯିବି ?

ମହେନ୍ଦ୍ର ବାବୁ ହସିଲେ ।

କୁମୁଦ କହିଲା—ମୁଁ ଅନ୍ୟମାନଙ୍କ ପାଖରୁ ବିଦାୟ ନେଇ ଆସେ, ଯିବା ପୂର୍ବରୁ ପୁଣି ଥରେ ଆସିବି ଯେ ।

କୁମୁଦ ଚାଲିଗଲା । ମହେନ୍ଦ୍ର ବାବୁ ଉର୍ମିଳାକୁ ପଚାରିଲେ — ସେଦିନ ମାଆଙ୍କର କି ପୂଜା କି ? ମଜଲିସରେ ଏଠି ଧୁମ୍ ଲାଗିବ ?

ଉର୍ମିଳା ଚୁପ୍‌କରି କହିଲା—ସେ ସବୁ ବହୁତ କଥା, ଏବେଣି କହିବା ବେଳ ନୁହେଁ । ଆପଣ ନୂଆ ଲୋକ, କାଲେ ଡରିଯିବେ; ସେଥିପାଇଁ ଆଜି ରାତିରେ ଶୋଇବାବେଳେ ମୁଁ କହିବି । ମହେନ୍ଦ୍ର ବାବୁ କହିଲେ,—"ହଉ ।"

× × ×

ସେଦିନ ସନ୍ଧ୍ୟାବେଳେ ମାଆଙ୍କ ଓ ସ୍ୱାମୀବାବାଙ୍କ ଦର୍ଶନ କରି ଆସିବା ସଙ୍ଗେ ସଙ୍ଗେ ସେଠାରେ ଥିବା ଅନ୍ୟ ଲୋକମାନେ ତାଙ୍କୁ ଅନ୍ୟ ଏକ ଗୁମ୍ଫାକୁ ଡାକି ନେଇଗଲେ । ଖୁବ୍ ବଡ଼ ଗୁମ୍ଫାଟିଏ । ଆଲୁଅର ଭଲ ବ୍ୟବସ୍ଥା ଅଛି । ଗୁମ୍ଫାର ଗୋଟିଏ କଣ ପାଖକୁ ପୂରା ମଦବୋତଲ ଦଶ ବାରଟା ଥୁଆ ହୋଇଛି । ସେଇଠି ସମସ୍ତେ ବସିଲେ । ତା' ଭିତରୁ ଜଣେ ବଣାଲକାୟ ଲୋକ ଆଗକରି ହସି ହସି କଥା କହିଲା—"ମୁଁ ବାବୁ ତମ କଥା ଆଗରୁ ଜାଣିଛି । ପ୍ରାଣଧନ ବାବୁ ଘରକୁ ମୁଁ ଇ ଯାଇଥିଲି, ଟଙ୍କା, ଗହଣାପତ୍ର ମୁଁ ନେଇ ଆସିଛି; ତମକୁତ କାହିଁକି ସେଦିନ ତାଙ୍କ ଘରେ ଦେଖିଲାପରି ମନେ ହେଉ ନାହିଁ ?"

ମହେନ୍ଦ୍ର ବାବୁ ଦଣ୍ଡକେ ସବୁକଥା ବୁଝିନେଇ ମୁରୁକି ହସି କହିଲେ—ମୁଁ ବୋଧହୁଏ ନ ଥିବି, ଟାଉନ୍ ବାହାରକୁ କୁଆଡ଼େ ଯାଇଥିବି! ଅପଣମାନଙ୍କ ଯିବା ଆଗରୁ ମାଳତୀ ସହିତ ମୋର ବେଶ୍ ପଡ଼ୁଥିଲା। ଗୁରିଦିନ ପରେ ମୁଁ ଫେରିଆସି ସବୁ ଘଟଣା ଶୁଣିଲି। ସେଦିନ ରାତିରେ ମାଳତୀ ବି ସବୁକଥା ମୋ ଆଗରେ କହିଲା। ଯୋଗକୁ ମୁଁ ଯଦି ଥାଆନ୍ତି, ଆଉ ମାଳତୀ ଯଦି ମୋତେ ଟିକିଏ ସବୁ କଥା ଇସାରା ଦେଇଥାନ୍ତା, ତାହାହେଲେ ମୁଁ ତାଙ୍କର ଘରେ ଅସଲମାଲ ଯେଉଁଠି ଅଛି, ତା' ଦେଖାଇ ଦେଇଥାନ୍ତି। ସେମାନଙ୍କ ଭିତରୁ ଆଉ ଜଣେ ଗ୍ଲାସଟାରେ ମଦ ଢାଳି ତାଙ୍କହାତ ପାଖକୁ ବଢ଼ାଇ ଧରି କହିଲା—ପିଅନ୍ତୁ। ମହେନ୍ଦ୍ର ବାବୁ ଟିକିଏ ସଙ୍କୋଚ ହେଲାରୁ ତାଙ୍କ ସଙ୍ଗରେ କଥାବାର୍ତ୍ତା କରୁଥିବା ଲୋକଟି କହିଲା—ଏହି ସାମାନ୍ୟକୁ ଡରୁଛନ୍ତି ନା ? ପିଅନ୍ତୁ।

ମହେନ୍ଦ୍ରବାବୁ ବଡ଼ ନରମ ଗଳାରେ କହିଲେ—ମୁଁ ତ ଅସ୍ତେ ଅସ୍ତେ ଅଭ୍ୟାସ କରୁଛି, ଆପଣ ପିଅନ୍ତୁ। ତା' ପରେ ମୋତେ ଆଉ ଥରେ ସାମାନ୍ୟ ଟିକିଏ ଦେବେ। ସେ ଲୋକଟି ବଢ଼ାଇ ରହିଥିବା ଲୋକଟି ହାତରୁ ସେ ଗ୍ଲାସଟା ନେଇ ମୁହୂର୍ତ୍ତକ ମଧ୍ୟରେ ଶେଷକରି ମୁଖ ବିକୃତ କରି କହିଲା-ମୋ ନାଁ କଣ ବାବୁ ଜାଣ ? ତାରାସିଂହ। ସେଠି ଥୁଆହୋଇଥିବା ବୋତଲରୁ ଏକାଥରେ ତିନିଟା ଉଡ଼େଇ ଦେବ—ମୋର କିଛି ହେବ ନାହିଁ, ଇମିତ ଭଲ କଥାବାର୍ତ୍ତା କରୁଥିବ।

ମହେନ୍ଦ୍ର ବାବୁ ବିସ୍ମିତ ହୋଇ ହସିଲେ। ତା' ପରେ ମହେନ୍ଦ୍ର ବାବୁ ମଧ୍ୟ ବାଧ୍ୟହୋଇ ଟିକିଏ ପିଇସାରି କହିଲେ—ସହରରେ ଅନେକ ଜାଗାରେ ଅନେକ 'ବଡ଼ଲୋକ ଘରେ ବହୁତ ଧନ ସମ୍ପଦ ଅଛି। ଆପଣ ତାର ସନ୍ଧାନ ପାଇ ନାହାନ୍ତି, ମୁଁ ବତାଇଦେବି। ତାରାସିଂହ ହସି ହସି ହାତ ହଲାଇ କହିଲା—

ମାଳତୀଠାରୁ ଏଇଥା ଶୁଣି ତ ଆପଣଙ୍କୁ ଆଣିବା ପାଇଁ ଏତେ ଯେ ଗାଡ଼ଯନ୍ତ୍ର କରିଛୁଁ । ଯାହାହେଉ, ମା'ଙ୍କ ଦୟାରୁ ଆମ ଆଶା ସଫଳ ହେବ ।

ମହେନ୍ଦ୍ର ବାବୁ ବଡ଼ ଗମ୍ଭୀର ହୋଇ କହିଲେ—ମୁଁ ଭଲକରି ଜାଣିଛି ଯେ, ବକ୍‌ସିବଜାରରେ ଜଣେ ଗୁଡ଼ିଆ ଘରେ ବହୁତ ସୁନା ରୁପା ନଗଦ ଟଙ୍କା ଅଛି । ତା ଛଡ଼ା, ମହାନଦୀକୂଳେ ଜଣେ କଚ୍ଛି ଗୋଟାଏ ବଙ୍ଗଳା ଭଡ଼ା ନେଇଅଛି; ସେ ବଡ଼ ବଡ଼ କଣ୍ଟ୍ରାକ୍ଟରୀ କାମ କରେ । ତା' ପାଖରେ କ'ଣ କମ ଟଙ୍କା ଅଛି । ଏହି ଦୁ' ଜାଗାରୁ ଆଣି ପାରିଲେ—ଆମର ଯଥେଷ୍ଟ ହୋଇଯିବ । ମୋ ବିଚାରରେ ମହାନଦୀକୂଳେ ସେ କଚ୍ଛି ଘରଟାକୁ ଆଗେ ଦେଖିବା ଭଲ । ରାତିରେ ଅଳ୍ପଅ ଜାଳି ଆଣିଲେ ବି କେହି କହିବାକୁ ନାହିଁ । ତା' ଘରେ ପୁଝାରୀ ଚାକର ମଧ୍ୟ ଛ' ସାତ ଜଣରୁ ବେଶୀ ପ୍ରାୟ ନାହାନ୍ତି ।

ମହେନ୍ଦ୍ର ବାବୁ ସେମାନଙ୍କୁ ମହାନଦୀକୂଳେ ଯେଉଁ କଚ୍ଛି କଣ୍ଟ୍ରାକ୍ଟର କଥା କହିଲେ, ସେ ପ୍ରକୃତରେ କଚ୍ଛି ନୁହେଁ, କି କଣ୍ଟ୍ରାକ୍ଟର ନୁହେଁ, ପୋଲିସ୍ ସାହେବଙ୍କ ଘର ।

ମହେନ୍ଦ୍ର ବାବୁ ଏ କଥା କହି ସାରି ମନେ ୨ ଭାବି ନେଲେ- ଏମାନଙ୍କୁ ଯେଉଁ ସୁନା ରୁପାର ଲୋଭ ଦେଖାଇଲି ବୋଧହୁଏ ତାହା ବିଫଳ ହେବ ନାହିଁ । ଅନ୍ତତଃ କମ୍‌ରେ ସୁନାର ଗହଣା ଇତ୍ୟାଦି ମିଶାଇଲେ ନିଶ୍ଚୟ ଦଶ ହଜାର ଟଙ୍କାରୁ କମ୍ ମିଳିବ ନାହିଁ । ସେଇଠି ତାଙ୍କ କାମ ସେ କରିଦେଇ ଆସିବେ । ତେଣିକି ଭଗବାନ ଭରସା ।

ସେତେବେଳେ ମଦ ଖାଇ ସମସ୍ତେ ପ୍ରାୟ ଟଳୁଥିଲେ । କେତେ ରକମ ବାହାଦୁରୀ କଥା ସେମାନଙ୍କ ପାଟିରୁ ଅନବରତ ବାହାରୁଥିଲା । ତାରସିଂହ ନିଶା ଜୋରରେ ହାତ ମାରି କହିଲା—

ମୁଁ ସର୍ଦ୍ଦାର । ତମର କଥା ବାବୁ ପ୍ରଥମ ଥର ପରୀକ୍ଷା କରିବା, କ'ଣ ମିଳୁଛି ଦେଖାଯାଉ । ଏଇ ଦ' ଗୁହା ଧନ ମଧ୍ୟରେ ଅନ୍ତ ଯାଇ ହେବ ନାହିଁ । ଅନ୍ୟଆଡ଼େ କାମ ଅଛି । ଭାଲ୍, ତମେ ବାବୁ ଆମ ସଙ୍ଗରେ ରହିଲ, କେତେ କଥା ଶିଖିବ, ତମେ ନୂଆ ଲୋକ କି ନା ।

ମହେନ୍ଦ୍ର ବାବୁ କହିଲେ—ମୋତେ ତ ଇମିତି ବସି ରହିବା ସୁଖ ଲଗୁ ନାହିଁ ।

ତାରାସିଂହ କଣରେ ହାତ ମାରି କହିଲା—ତମେ ବାବୁ, ଖୁବ୍ ଭଲଲୋକ । କିଛିଦିନ ମଉଜ ମଜଲିସ୍‌ରେ ଦିନ କାଟ. ମାଆଙ୍କ ଦୟାରୁ ଆମର କଣ ସମ୍ପତ୍ତି କମିଯାଉଛି ? ଖୁବ୍ ଦେଇଛନ୍ତି, ମାଆ ଆମକୁ ଖୁବ୍ ଦେଇଛନ୍ତି, ତୁମେ ମାଆଙ୍କର ଧନରତ୍ନ ଦେଖି ନାହିଁ ପରା ? ଆସ ମୋ ସଙ୍ଗରେ । ମହେନ୍ଦ୍ର ବାବୁ ପାହାଡ଼ ତଳେ ଏମାନେ କେତେ ଧନ ସମ୍ପତ୍ତି ରଖିଛନ୍ତି ଦେଖିବାକୁ ସେହି ତାରା-ସିଂହ ପଛେ ପଛେ ଗଲେ । କେତେ ଅନ୍ଧାରିଆ ଗଳି ଭିତରେ ହାମୁଡ଼େଇ ହାମୁଡ଼େଇ ଯାଇଁ ଗୋଟାଏ ଜାଗାରେ ପହଞ୍ଚିଲେ । ସେଠି ବେଶ୍ ମୁଣ୍ଡ ଟେକି ଠିଆହୋଇ ହେବ । ତାରାସିଂହ କହିଲା-ଏଇ ଦିଆସିଲ୍‌ଠା ନେଇ ଗୋଟାଏ କାଠି ମାରିଲ ବାବୁ ? ମହେନ୍ଦ୍ର ବାବୁ ତାହା ହାତରୁ ଦିଆସିଲିଠା ନେଇ କାଠିଟାଏ ମାରିଦେଲେ । ଅଳ୍ପଅରେ ସେହି ଗୁମ୍ଫାଟି ଆଲୋକିତ ହୋଇ ଉଠିଲା । ତାରାସିଂହ ସେଠାରେ ତେଲପୂର୍ଣ୍ଣ ଗୋଟିଏ ଦୀପକୁ ନିର୍ଦ୍ଦେଶ କରି କହିଲା—ସେଇଟି ଲଗାଇଦିଅ ।

ମହେନ୍ଦ୍ର ବାବୁ ତରତର କରି ସେହି ଦୀପଟି ଲଗାଇ ଦେଲେ ।

ଗୁମ୍ଫାଟି ଆଲୋକିତ ହୋଇ ଉଠିବା ସଙ୍ଗେ ସଙ୍ଗେ ମହେନ୍ଦ୍ରବାବୁ ଚାରିପାଖକୁ ଅନାଇଲେ—ଖାଲି ମାଙ୍କଡ଼ା ପଥରକଟା

ସେଦିନ ପଙ୍ଗତ ବଡ଼ି ସାରିଲାପରେ ମହେନ୍ଦ୍ର ବାବୁଙ୍କୁ ତାରା-ସିଂହ କହିଲା-କାଲି ବାବୁ, ତମକୁ ଆମ ସଙ୍ଗରେ ଯିବାକୁ ହେବ। ପ୍ରଥମେ ପ୍ରଥମେ କାପର ଉଦ୍ଧାୟୁତ କରିବାକୁ ହୁଏ ନ ଶିଖିଲେ, ଅନେକ ସମୟରେ ନିଜ ଉପରକୁ ବଡ଼ ବିପଦ ଆସେ।

ମହେନ୍ଦ୍ର ବାବୁ ତାରାସିଂହକୁ ଦଣ୍ଡେ ବିସ୍ମୟରେ ଅନାଇ କହିଲେ—ନିଶ୍ଚୟ, ମୁଁ କାଲି ତମମାନଙ୍କ ସଙ୍ଗରେ ଯିବି।

ତା ପରେ ମହେନ୍ଦ୍ର ବାବୁ ସବୁଦିନେ ଯେଉଁ ଗୁମ୍ଫା ଭିତରେ ଶୁଅନ୍ତି ସେହି ଗୁମ୍ଫା ଭିତରକୁ ଚାଲି ଆସିଲେ। ତାଙ୍କ ଆସିବା ଆଗରୁ ଊର୍ମିଳା ତାଙ୍କ ଖଟିଆ ଉପରେ ଡେଇଁ ଶୋଇଥିଲା। ମହେନ୍ଦ୍ର ବାବୁ ଅସ୍ତେ୨ ଖଟିଆ ଉପରେ ବସି ଊର୍ମିଳା ଉପରେ ହାତ ପକାଇଲାକ୍ଷଣି ଊର୍ମିଳା ଖେଁ ଖେଁ ହୋଇ ହସି ଉଠିଲା। ମହେନ୍ଦ୍ର ବାବୁ ବି ହସିଲେ। ପ୍ରଥମେ କେତେ ଖୁସି ଗପସପ ପରେ ମହେନ୍ଦ୍ର ବାବୁ କହିଲେ—କହୁଥିଲ ପରା, ରାତିରେ କହିବ ବୋଲି ?

ଊର୍ମିଳା କହିଲା—ହଁ କହିବି, ଡରିବ ନାହିଁ ତ ?

ମହେନ୍ଦ୍ର ବାବୁ ବଡ଼ ଗମ୍ଭୀର ହୋଇ କହିଲେ—ଏଁ, ତମେ ମାଇକିନା ସବୁ ନ ଡରି ଏଠି ରହୁଛ, ଆଉ ମୁଁ ଡରିବି ?

ଊର୍ମିଳା ମୁରୁକି ହସି କହିଲା—ହଉ, ମରଦଙ୍କର ସେ ଦିନ କେତେ ସାହାସ ଦେଖିବା ଯେ। ଆମର ସେ ଗ୍ରହଣ ଲାଗିବା ଦିନ ବଡ଼ ପୂଜା ହୁଏ। ସେ ଦିନ ଏ ଦଳର ଯିଏ ଯେଉଁଠି ଅଛନ୍ତି ସମସ୍ତେ ଏଠିକି ଆସନ୍ତି। ମଦ ମାଂସ ମଜଲିସରେ ଏ ସ୍ଥାନ ପୂରିଯାଏ। ଗ୍ରହଣ ଲାଗିଲାବେଳେ ମା'ଅ ଏକରକମ ଜୀବନ୍ତମୂର୍ତ୍ତି ପାଲଟି ଯାଆନ୍ତି। ସେହି ଶୁଭମୁହୂର୍ତ୍ତରେ କଣ ହୁଏ ଜାଣ ? ଊର୍ମିଳା ନୀରବ ରହିଲା।

ମହେନ୍ଦ୍ର ବାବୁ ବିସ୍ମୟରେ ପଚାରିଲେ—କଣ ହୁଏ ?

ଊର୍ମିଳା ଅଶି ତହିଁ ଫୁସ୍ ଫୁସ୍ କରି କହିଲି—ମାଅଙ୍କୁ ନରବଳି ଦିଆଯାଏ, ଗୋଟିଏ ନୁହେଁ ତିନୋଟି । ସେ ସବୁ ପୁରୁଷ ନୁହନ୍ତି, ସ୍ତ୍ରୀ । ଯେଉଁମାନେ ବାହା ନ ହୋଇଥିବେ ସେଇମାନଙ୍କୁ ।

ଭୟରେ ମହେନ୍ଦ୍ର ବାବୁଙ୍କ ଅନ୍ତର ଥରିବାକୁ ଲାଗିଲା । ନରବଳି ? ଅବିବାହିତା ବାଳିକା ? ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଘୂରିବାକୁ ଲାଗିଲା । ତାଙ୍କୁ ଲାଗୁଥାଏ ପାହାଡ଼ ଉପରେ ଯେପରି କିଏ ତାଣ୍ଡବ ନୃତ୍ୟ କଲାଣି, ଆଉ ମୁହୂର୍ତ୍ତିକ ପରେ ମୁଣ୍ଡଉପରେ ଥିବା ବିରାଟ ପ୍ରସ୍ତର ଭାଙ୍ଗି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ପଡ଼ିବ । ସେ ନିର୍ବାକ୍ ହୋଇ ଅନେକ ସମୟ ବସି ରହିଲେ ।

ଊର୍ମିଳା ମୁରୁକି ହସି କହିଲି—କାହିଁ ? ଆପଣଙ୍କର ତ କଣେ ପୁରୁଷର ସାହସ ଥିଲା ପରି ଜଣା ଯାଉନାହିଁ । ଏ କଥା ଶୁଣୁ ଶୁଣୁ ଆପଣଙ୍କର କଲିଜା ଯେ ଥରିଲାଣି, ଏହା ଆପଣଙ୍କ ମୁହଁରେ ସଫା ଜଣା ପଡ଼ୁଛି । ଆପଣତ ଏ କଥା ଶୁଣି ଭୟ ପାଉଛନ୍ତି, ଯଦି ସେ ଦିନ ଆପଣଙ୍କୁ ମାଅଙ୍କ ଆଗରେ ବଳି ଦେବାପାଇଁ କୁହାଯାଏ, ତାହାହେଲେ ତ ଆପଣ ସେଠି ମୂର୍ଚ୍ଛା ହୋଇଯିବେ ?

ମହେନ୍ଦ୍ର ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲେ—ହେ ଭଗବାନ୍ ! ନିରୀହ ବାଳିକାଗୁଡ଼ିଙ୍କୁ ବଳି ପକାଇ ଲାଭ କଣ ? ସେମାନଙ୍କୁ କିଏ ଏଠିକୁ ନେଇ ଆସେ ?

ଊର୍ମିଳା ତାଙ୍କ ପାଟିରେ ହାତ ଦେଇ କହିଲା—ସେମିତି କହନ୍ତୁ ନାହିଁ । ତାହା ପ୍ରଜାର ବିଧି । କିଏ ଯଦି ଶୁଣିବ—ଆପଣ ଏ ବଳି ପକାଇବାକୁ ଘୃଣା କରୁଛନ୍ତି, ତାହାହେଲେ ସ୍ୱାମୀବାବା କାହିଁକି, ଏଠି ଯେଉଁମାନେ ଅଛନ୍ତି, ସେମାନେ ଆଉ ଆପଣଙ୍କୁ ସୁଖ ପାଇବେ ନାହିଁ । ସେଥିରେ ଆପଣଙ୍କର ଯାଏ ଆସେ କେତେ ? କେବଳ ଦେଖିବା କଥା, ଯଦି ଆପଣ ଆଗରୁ ବାବାଙ୍କୁ ବଳି ପକାଇବାକୁ ଇଚ୍ଛା କରନ୍ତି, ତାହାହେଲେ ସମସ୍ତେ ଭାରି ଖୁସି ହେବେ ।

ମହେନ୍ଦ୍ର ବାବୁଙ୍କ ଘରଆଡ଼ ଅନ୍ଧାର ଦିଶୁଥିଲା । ଉର୍ମିଳା କଥାରେ ସେ କେଉଁ ସ୍ୱପ୍ନରାଜ୍ୟରୁ ଫେରିଆସିଲା ଭଳି କହିଲେ—ମୁଁ ନିଜେ ଏ ସବୁ ପାରିବି ନାହିଁ, ଦେଖି ପାରିବି କି ନାହିଁ ସନ୍ଦେହ ।

ଉର୍ମିଳା ପୁନର୍ବାର ତାଙ୍କୁ ସତର୍କ କରିଦେଇ କହିଲା—ସେମିତି କହନ୍ତୁ ନାହିଁ । ସେଦିନ ପରା ଆପଣ ସ୍ୱାମୀବାବାଙ୍କ ଆଗରେ ସତ୍ୟ କରିଛନ୍ତି, କେଉଁ କାମକୁ ପଛାଇବେ ନାହିଁ ? ସେ ବଳି ପଡ଼ିବା ସମୟରେ ଆପଣଙ୍କର ଯଦି ଭୟ ହେବ, ତାହାହେଲେ ସେଠି ନ ରହିଲେ ବି କିଏ ସେ ବେଳକୁ ଆପଣଙ୍କୁ ଖୋଜୁଛି ? ଅନ୍ୟଆଡ଼େ ଆପଣ ମଉଜ ମଜଲିସ୍‌ରେ ମାତି ଯିବେ ।

ମହେନ୍ଦ୍ରବାବୁ ଗୋଟାଏ ଅସ୍ୱସ୍ତିର ନିଶ୍ୱାସ ମାରି କହିଲେ—ହଁ, ତାହାହିଁ ହେବ । ମୁଁ ବର୍ଷେ ଦୁଇବର୍ଷ ପରେ ଏଠାରେ ପୁରୁଣା ହୋଇଗଲେ ମୋତେ ଆଉ କେଉଁ କାମ ବଳାଇବ ନାହିଁ ।

ଉର୍ମିଳା ତାଙ୍କ ଦେହକୁ ଆଉଜିପଡ଼ି ମୃଦୁକି ହସି କହିଲା—ବହୁତ ରାତି ହେଲାଣି, ଶୁଅନ୍ତୁ । ତମର ସାହସପଣିଆ ଖୁବ୍ ଜଣାଗଲା । ଏ କଥା ଶୁଣିଲା ବେଳଠୁଁ ମହେନ୍ଦ୍ର ବାବୁଙ୍କ ଆଖିକୁ ନିଦ ଟିକିଏ ହେଲେ ସ୍ପର୍ଶ କରୁ ନ ଥିଲା । ମହେନ୍ଦ୍ର ବାବୁ ବଡ଼ ଆଗ୍ରହରେ ପଚାରିଲେ—ମାଳତୀ କଣ ସେତିକିବେଳକୁ ଆସିବ ?

ଉର୍ମିଳା କହିଲା—ହଁ, ସେ ତ ନିଶ୍ଚୟ ଆସିବ । ସ୍ୱାମୀବାବା ତାକୁ ଖୁବ୍ ଭଲ ପାଆନ୍ତି । ମାଆଙ୍କ ପୂଜା ସମୟରେ ସେ ପ୍ରାୟ ଅଭିଆଡ଼ ଝିଅ ଆଣି ଯୋଗାଏ । ଖବର ଆସି ପହଞ୍ଚିଯାଇଛି—ସେ ଗୋଟିଏ ଝିଅ ନେଇ ଏଠି ଆସି ପହଞ୍ଚିବ ।

ମହେନ୍ଦ୍ର ବାବୁଙ୍କ ଆଖି ଉପରକୁ ଟେକି ହୋଇଗଲା । ସେ ବଡ଼ ଉଦ୍‌ବିଗ୍ନଭାବେ ପଚାରିଲେ—ମାଳତୀ କହୁଥିଲା, ତୁମର କୁଆଡ଼େ ଗୋଟିଏ ସୁନ୍ଦର ଅଭିଆଡ଼ ଭଉଣୀ ଅଛି ? ତାକୁ ଆଉ ନେଇ ଆସିବ ନାହିଁ ତ ?

ଊର୍ମିଳା ଟିକିଏ ଗମ୍ଭୀର ହୋଇ କହିଲା—ହଁ, ମୋର ଗୋଟିଏ ଭଉଣୀ ଅଛି, ତାକୁ ଯଦି ମାଳତୀ ନେଇ ଆସେ, ତାହାହେଲେ ମୋର ଯାଏ ଆସେ କଣ ? ତା ଉପରେ ଅନେକ ଦିନରୁ ମୋର ବଡ଼ ରାଗ । ମାଆଙ୍କ ପୂଜା ପାଇଁ ତାକୁ ଯଦି ସେ ଆଣିବ, ମୁଁ ଆଉ କ'ଣ କରିବି ? ଯେଉଁମାନଙ୍କୁ ଅଣାହୁଏ, ସେମାନଙ୍କୁ ଅନ୍ୟ କାହାର ସହିତ ଦେଖା କରାଇ ଦିଆଯାଏ ନାହିଁ । ସେମାନଙ୍କୁ ଏକ ନିଭୃତ ଘରେ ବନ୍ଦକରି ରଖାଯାଏ । ଊର୍ମିଳା ଚୁପ୍ ରହିଲା ।

ଏକଥା ଶୁଣୁ ଶୁଣୁ ମହେନ୍ଦ୍ରବାବୁଙ୍କର କଲିଜା ଭିତରଟା ଊର୍ମିଳା ପ୍ରତି ରାଗରେ ଠିକ୍ ଠିକ୍ ଫୁଟୁଥିଲା । କେଡ଼େ ସ୍ୱାର୍ଥପର ଏ ବଦ୍‌ମାସ ମାଇକିନାଟାଏ । ନିଜର ଭଉଣୀକୁ ଯଦି ବଳି ଦିଆଯାଏ, ତାହା-ହେଲେ ସ୍ତ୍ରୀ' ମନରେ ତିଳେମାତ୍ର ବି କଷ୍ଟ ନାହିଁ । ତାଙ୍କର ମନେ ହେଉଥିଲା—ଗୋଟାଏ ଗୋଇଠାରେ ଖଟ ଉପରୁ ତାକୁ ତଳକୁ ଫୋପାଡ଼ି ଦିଅନ୍ତେ; କିନ୍ତୁ ସେ ଯେ ଏସବୁ ଧରିବାପାଇଁ ଆସିଛନ୍ତି । ସବୁ ରାଗକୁ ମନ ଭିତରେ ଗୁପି ରଖି କହିଲେ—ମାଳତୀ ଆଉ କେବେ ଆସିବ ? ଊର୍ମିଳା କହିଲା—"ପୂଜା ତିନି ଚାରିଦିନ ଥିବ ସେ ନିଶ୍ଚୟ ଆସି ପହଞ୍ଚିବ ।"

ମହେନ୍ଦ୍ର ବାବୁ ଆଉ କ'ଣ ପଗ୍ଭରିବାକୁ ଇଚ୍ଛା କରୁଥିଲେ, ଊର୍ମିଳା ଆଳୁଅଟି ଲିଭାଇଦେଇ କହିଲା—"ବହୁତ ରାତି ହେଲଣି, ଶୁଅନ୍ତୁ । ମହେନ୍ଦ୍ରବାବୁ ବାଧ୍ୟ ହୋଇ ଶୋଇଲେ ।

× × ×

ଏଥି ମଧ୍ୟରେ ମହେନ୍ଦ୍ରବାବୁ ଡକାୟତ ଦଳଙ୍କ ସହିତ ମିଶି ଅନେକ ଜାଗା ଡକାୟତି କରି ଯାଇଛନ୍ତି । ଡକାୟତି କରି ଯିବାବେଳେ କାହାର କାନ୍ଧ ମାରିବାକୁ ହୁଏ, କାହାର ମୁହଁରେ କଳା-କନାର ମୁଖା, ହାତରେ ଛୁରି ଇତ୍ୟାଦି ଧରିବାକୁ ହୁଏ, ତାପରିଂକି

ଓ ଦଳର ଅନ୍ୟମାନେ ତାଙ୍କୁ ଶିଖାଇ ସାରିଲେଣି । ତା' ଛଡ଼ା ମହେନ୍ଦ୍ର ବାବୁ ପ୍ରଥମେ ଯେଉଁ ମଠରେ ଆସି ଥିଲେ, ସେଠିକୁ ଦରକାର ପଡ଼ିଲେ ରାତିରେ ଯିବା ଆସିବାରେ ତାଙ୍କ ଉପରେ କୌଣସି କଟକଣା ନାହିଁ ।

ପନ୍ଦରଦିନ ବିତିଗଲା — ସେଦିନ ମଦ ପିଇବା ଆଡ୍ଡା ଭିତରେ ବସିଲାବେଳେ ତାରସିଂହ ମହେନ୍ଦ୍ରବାବୁଙ୍କ ଆଡ଼କୁ ଅନାଇଁ କହିଲା-କାଲି ବାବୁ, ଭଲ ପାଳି ପଡ଼ିବ । ମହାନଦୀକୂଳରେ ଯେଉଁ କୁଠି ଘର କଥା କହୁଥିଲି, ତାଙ୍କଘରୁ କିଛି ମାଲ ଆଣିବାକୁ ପଡ଼ିବ ।

ମହେନ୍ଦ୍ରବାବୁ ହସି ୨ କହିଲେ—କିଛି ମାଲ ? ମା'ଙ୍କ ଦୟା ହେଲେ, ଆମେ ସମସ୍ତେ ଖୁସି ହୋଇଯିବା । ତାରସିଂହ ନଟରେ ହାତ ମାରି କହିଲା—ଦେଖ, ସେଠିକୁ ଯିବାକୁ ହେଲେ ସଙ୍ଗରେ ଦୋ'ତିନିଟା ପିସ୍ତଲ ନେଇଯିବାକୁ ପଡ଼ିବ । ମହେନ୍ଦ୍ରବାବୁ କହିଲେ- ନିଶ୍ଚୟ ନେଇଯିବା ଉଚିତ; କିନ୍ତୁ ମୋର ଧାରଣା, ମହାନଦୀକୂଳେ ନିଶା ରାତିରେ ସେପରି କିଛି ପ୍ରାୟ ବିପଦ ନାହିଁ ।

ସେଦିନ ରାତି ଏଗାରଟା । ମହେନ୍ଦ୍ରବାବୁଙ୍କର ମନ ଭାବନାରେ ଅସ୍ଥିର । ଘଣ୍ଟା ବାଜି ସାରିଲା ପରେ ନିଜ ଶୋଇବା ସ୍ଥାନକୁ ଫେରି ଆସିଲେ । ସେ ଯେଉଁ କୁଠିଘର କଥା ଡକାୟତ ଦଳକୁ କହିଛନ୍ତି, ସେ ପ୍ରକୃତରେ କୁଠି ଘର ନୁହେଁ । ପୋଲିସ ଏସ୍. ପି.ଙ୍କ ଘର ।

ଦୈବାତ୍ ସେ ଦିନ ଉର୍ମିଳାର କୌଣସି କାମ ଥିବାରୁ ଭିତରେ ଅସିବାକୁ କହି ଯାଇଥିଲା । ମହେନ୍ଦ୍ର ବାବୁଙ୍କୁ ନିରୋଳା ସମୟ ମିଳିବାରୁ ଝଟ୍‌କେ କାଗଜରେ ତର ତର କରି ଲେଖି ପକାଇଲେ ।

ମହାଶୟ,

ଆପଣଙ୍କ ଘରେ ଏ ଯେଉଁ ଚୋରି ହେଲା ସେଥିପାଇଁ ଚିନ୍ତା କରିବେ ନାହିଁ । ପରେ ସବୁ ମିଳିବ । ଖଣ୍ଡଗିରି କାପାଳୀମଠ

କଥା ଆପଣ ଜାଣନ୍ତି । ସେଇଠୁ କେତେ ବାଟପରେ ପାହାଡ଼ତଳକୁ ଯେଉଁ ବାଟ ଦେଇ ଯିବାକୁ ହେବ—ଏଥି ସହିତ ଥିବା ମାନ-ଚିତ୍ର ଖଣ୍ଡିକରୁ ସବୁ ବୁଝିବେ । ସାବଧାନ । ଆସନ୍ତା ଗ୍ରହଣ ଦିନ ଠିକ୍ ରାତି ଦୁଇଟା ବେଳେ ସମସ୍ତ ପୋଲିସ ସେଠ ଯେପରି ଛଦ୍ମ ବେଶରେ ପହଞ୍ଚନ୍ତି । ପାହାଡ଼ ତଳକୁ ଯେଉଁ ବାଟ ଦେଇ ଯିବାକୁ ହେବ, ସେହି ବାଟ ଦୁଆର ମୁହଁରେ ମୁଁ ତିନିଥର ଆଲୁଅ ଧପ୍ ଧପ୍ କରି ଜଳାଇବି । ଠିକ୍ ସମୟରେ ନ ପହଞ୍ଚିଲେ ସବୁ ବୃଥା ହେବ, ମୋ ଜୀବନ ବି ଯିବ ।

ଆପଣଙ୍କର

—ମହେନ୍ଦ୍ର—

ମହେନ୍ଦ୍ର ବାବୁ ଚିଠି ଖଣ୍ଡିକ ଏବଂ ମାନଚିତ୍ର ଖଣ୍ଡେ ଚକ୍ଷୁଲ ଗାରେଇ ଦେଇ ତର ତର କରି କାଗଜ ଦି ଖଣ୍ଡ ଭାଙ୍ଗି ଅଣ୍ଟାରେ ଗୁଞ୍ଜି ଦେଲେ । ଠିକ୍ ଅଳ୍ପ ସମୟ ପରେ ଊର୍ମିଳା ଆସି ସେଠି ପହଞ୍ଚିଲା । ମହେନ୍ଦ୍ର ବାବୁଙ୍କୁ ପଚାରିଲା—ଏତେବେଳଯାଏ ଶୋଇ ନ ହାନ୍ତି ନା ?

ମହେନ୍ଦ୍ର ବାବୁ ହସି ହସି କହିଲେ—"ତମେ ନ ଆସିବାରୁ ଆଖିକୁ ନିଦ ଆସୁନାହିଁ ।

ଊର୍ମିଳା ହସିଲା—

ତହିଁ ଆରଦିନ ମୁହଁ ସଞ୍ଜ ହେଲାବେଳକୁ ଖୁବ୍ ଭଦ୍ରଲୋକ ବେଶରେ ମହେନ୍ଦ୍ର ବାବୁଙ୍କୁ ମିଶାଇ ଦଶଜଣ ତେଲଙ୍ଗାବଜାରରେ ଥିବା ସେହି ବେଶ୍ୟାଘରେ ଆସି ପହଞ୍ଚିଲେ । ମହେନ୍ଦ୍ର ବାବୁ ଏତେଦିନ ପରେ ସେହି କାଠଯୋଡ଼ି ବାଲି, କଟକ ଏବଂ ଅଳ୍ପ ଦୂରରେ ସେହି ପ୍ରାଣଧନ ବାବୁଙ୍କ ଘରକଥା ଭାବି ତାଙ୍କ ମନ ଆନନ୍ଦରେ ନାଚି ଉଠୁଥାଏ । ମନ ହେଉଥାଏ—ଏହି ମୁହୂର୍ତ୍ତରେ

ଦଉଡ଼ଯାଇ ଏ ଡକାୟୃତଦଳଙ୍କୁ ଧରି ପକାଇଦେବେ । ପ୍ରାଣଧନ ବାବୁଙ୍କ ଘରକୁ ଦଉଡ଼ିପାଇଁ କହିଦେବେ—ସେ ତାଙ୍କ ଝିଅ ଟୁନିକୁ ଜଗି ରଖନ୍ତୁ, ନଚେତ୍ ମାଳତୀ ଶିଖାଇ ନେଇ କାଳୀ ପାଖରେ ବଳି ପକାଇବ । ମାଳତୀକୁବି ସେ ଏଇ ମୁହୂର୍ତ୍ତରେ ଧରାଇଦେଲେ ସବୁ ଠିକ୍ ହୋଇ ଯାଆନ୍ତା; କିନ୍ତୁ ସେଥିରେ ତାଙ୍କର କଣ ପୁରା ଉଦ୍ଦେଶ୍ୟ ପୂରଣ ହେବ ? ନା, ସେ ଏସବୁ କରିବେ ନାହିଁ । ଶେଷ ପର୍ଯ୍ୟନ୍ତ ଜୀବନକୁ ପାଣି ଛଡ଼ାଇବେ—ଭଗବାନ୍ ତାଙ୍କର ଭରସା ।

ଅନ୍ଧାର ରାତି । ଦୁଇଟାବେଳ···

ମହାନଦୀ ବାଲି ତଳୁ ଦଶଜଣ ଡକାୟୃତ ଗୋଡ଼ ଟିପି ଟିପି ବାରଣ୍ଡା ଉପରକୁ ଉଠିଲେ । ଆଗରେ ତାରାସିଂହ ସର୍ଦ୍ଦାର । ଦାଣ୍ଡ ବାରଣ୍ଡାରେ ଶୋଇଥିବା ତିନି ଚାରିଜଣ ଲୋକ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଛନ୍ତି ।

ତାରାସିଂହ ସେମାନଙ୍କ ପାଖରେ ଅସ୍ତ୍ରେ ଅସ୍ତ୍ରେ ଯାଇ, ଠିଆ ହୋଇ, ଶୋଇଥିବା ଲୋକ ତିନିଠାଙ୍କର ମୁହଁ ଓ ଗୋଡ଼ ହାତ ବାନ୍ଧି ପକାଇବା ପାଇଁ ନିର୍ଦ୍ଦେଶ ଦେଲା ।

ତାରାସିଂହର ନିର୍ଦ୍ଦେଶ ପାଇବା ମାତ୍ରେ ତାଙ୍କ ଭିତରୁ ଛ'ଜଣ ଲୋକ ହଠାତ୍ ଶୋଇଥିବା ଲୋକ ତିନିଠାଙ୍କ ମୁହଁକୁ ଏପରି ଭାବରେ ଧରି ବାନ୍ଧି ପକାଇଲେ ଯେ, ସେମାନେ ଇଁ ଚୁଁ ହେବାର ଉପାୟ ନ ଥିଲା । ସଙ୍ଗେ ସଙ୍ଗେ ଗୋଡ଼ ହାତ ବାନ୍ଧି ଦିଅଗଲା ଏବଂ କାନ ପାଖରେ ଫୁସ୍ ଫୁସ୍ କରି କହି ଦିଆଗଲା—ଯଦି ହଲ୍ ଚଲ୍ ହୋଇ ପାଟି କର, ତାହାହେଲେ କଲିଜା କାଢ଼ି ନିଅଯିବ । ସେମାନଙ୍କ ପାଖରେ ଜଣେ ତୀକ୍ଷ୍ଣ ଛୁରୀ ହାତରେ ଧରି ଜଗି ରହିଲା ।

ତା’ପରେ ତାରସିଂହ ଭିତର ପାଖକୁ ଯିବାପାଇଁ ବାଟ ଖୋଜୁ ଖୋଜୁ ଗୋଟାଏ ଖୋଲା ଝରକା ପାଖରେ ଠିଆହୋଇ ହତିଆର ଆଣିବାକୁ ଲୋକଙ୍କୁ ନିର୍ଦ୍ଦେଶ ଦେଲା । ପାଞ୍ଚ ମିନିଟ୍ ପରେ ଝରକାଟା ଖୋଲା ହୋଇଗଲା, ସଙ୍ଗେ ସଙ୍ଗେ ଭିତରକୁ ସମସ୍ତେ ପଶିଗଲେ ।

ମହେନ୍ଦ୍ର ବାବୁ ତାରସିଂହ କାନ ପାଖରେ ଫୁସ୍ ଫୁସ୍ ହୋଇ କହିଲେ—“ଏଇ ଘରେ ସେ ଶୁଅନ୍ତି, ମାଲ୍ ସେଇ ଘରେ ଅଛି ।

ତାରସିଂହ ସେଇ ଘର କବାଟ ପାଖରେ ଠିଆହୋଇ କବାଟରେ ଠକ୍ ଠକ୍ କରି ହାତ ମାରିଲା ।

ସାତ ଆଠ ଥର ଠକ୍ ଠକ୍ ପରେ ଏସ୍. ପି. ରାମନାରାୟଣ ବାବୁ ଜବାବ ଦେଲେ—କିଏ ? ତାରସିଂହ ପିସ୍ତଲଟାକୁ ହାତରେ ସଜାଡ଼ି ଧରି ସ୍ୱର ବଦଳାଇ କହିଲା—“ଆଜ୍ଞା, ଘୋଡ଼ାଗାଡ଼ିରେ କିଏ ଜଣେ ବାବୁ ଆସି ଦାଣ୍ଡରେ ଡାକୁଛନ୍ତି ।

କୌଣସି ଭଦ୍ରଲୋକ ବିପଦରେ ପଡ଼ି ଏତେ ରାତିରେ ଆସିଥିବାରୁ ଗୁହାରି ଡାକୁଛି ବୋଲି ରାମନାରାୟଣ ବାବୁ ଆଲୁଅ ଟିପି କଞ୍ଜିର ଫିଟାଇଲେ । କବାଟ ମୁକୁଳା କରି ଦେଇ ଯାହା ଦେଖିଲେ, ସେଥିରେ ଯେକୌଣସି ଲୋକର ରକ୍ତ ପାଣି ଫାଟି ଯିବାର କଥା ।

କାଳିଆ ଭୂତପରି ନଅଟା ବିଶାଳ କାୟ ମୂର୍ତ୍ତି, ମୁହଁରେ କଳା କନାର ମୁଖା, କାହା ହାତରେ ପିସ୍ତଲ—କାହା ହାତରେ ହାତେ ଲମ୍ବର ଛୁରି ଚକ୍ ଚକ୍ କରୁଛି । ରାମନାରାୟଣ ବାବୁଙ୍କର ଏସବୁ ଦେଖି ପାଟି କରିବାକୁ ସାହସ ହେଲା ନାହିଁ, ତାଙ୍କ ଦେହ ଥରିବାକୁ ଲାଗିଲା ।

ଭାଗସିଂହ ପଛେ ୨ ଅନ୍ତ ନଅଜଣ ଘର ଭିତରକୁ ନିର୍ଭୟରେ ପଶିଗଲେ । ଭାଗସିଂହ ପିସ୍ତଲଟା ଅନ୍ୟ ହାତକୁ ବଦଳାଇଦେଇ ହଠାତ୍ ଚମକି ଯାଇ ରାମନାରାୟଣ ବାବୁଙ୍କ ପାଟି ମିଶା ନାଳକୁ ଏପରି ଭାବରେ ନିଜର ଡାହାଣ ହାତରେ ଚିପି ଧରିଲେ-ଯେପରି ତାଙ୍କର ଏକବାରକେ ନିଶ୍ୱାସ ବନ୍ଦ ହୋଇଯିବ । ସେହି ଅବସ୍ଥାରେ ତାଙ୍କୁ ସମସ୍ତେ ଧରାଧରି କରି ନେଇ ଖଟ ଉପରେ ଧୁଲ୍‌କିନା କଚାଡ଼ି ଦେଲେ ।

ଖଟ ଉପରେ ଏପରି କଚାଡ଼ି ହୋଇ ପଡ଼ିବା ଶବ୍ଦ ଶୁଣି ତାଙ୍କ ସ୍ତ୍ରୀଙ୍କର ନିଦ ଚେଇଁକିନା ଭାଙ୍ଗିଗଲା । ସେ ଅନାଇଁ ଦେଇ ଚିତ୍କାର କରି ଉଠୁଥିଲେ, ତାଙ୍କ ପାଟିରେ ଜଣେ ହାତଦେଇ ଇମିତି ଏକ ଠେଲା ଦେଲା, ଯେଉଁଥିରେ ସେ ସେଇଠି ମୂର୍ଚ୍ଛା ହୋଇ ପଡ଼ି ରହିଲେ । ତା ପରେ ଅନ୍ୟମାନେ ତାଙ୍କର ଗୋଡ଼ ହାତକୁ ଦଉଡ଼ିରେ ବାନ୍ଧିପକାଇ ଚାବି ଖୋଜିବାକୁ ଲାଗିଲେ । ମହେନ୍ଦ୍ର ବାବୁ ସେମାନଙ୍କୁ କହିଲେ—"ତମେ ସବୁ ଭାଙ୍ଗି ରୁଜି କରିନାଅ । ଆର ଘରେ ଅନ୍ୟଲୋକ ବୋଧହୁଏ ଶୋଇଛନ୍ତି, ସେମାନଙ୍କୁ ବାହାରୁ କବାଟ ବନ୍ଦକରି ଆସ । ମୁଁ ଏଇଠି ଜଗିଛି, ଟିକିଏ ହଲ୍ ଚଲ୍ ହୋଇ ପାଟି ଫିଟାଇଲେ କଲିଜା ଉଡ଼ାଇ ଦେବ । ସମସ୍ତେ ମହେନ୍ଦ୍ର ବାବୁଙ୍କ ସେଠି ଜଗାଇ ବାକ୍ସ ଭାଙ୍ଗିବାରେ ଲାଗିଗଲେ ।

ଠକ୍ ଠକ୍ ଝଣ୍‌ଝଣ୍ ପ୍ରାୟ ଅଧଘଣ୍ଟା ଚାଲିଲା । ଏଥିମଧ୍ୟରେ ମହେନ୍ଦ୍ର ବାବୁ ଚିଠିଖଣ୍ଡିକ ଅଣ୍ଟାରୁ ବାହାର କରି ହାତରେ ଧରି ସାରିଲେଣି । ସବୁ ଦାମିକା ଗହଣାଗାଣ୍ଠି, ଟଙ୍କା ସୁନା ବୋହି ନେବା ପରେ ଭାଗସିଂହ ସେ ଘରୁ ଆଗରେ ତୀର ବେଗରେ ବାହାରି ଯାଉ ଯାଉ ତାଙ୍କୁ ଚାଲି ଆସିବାକୁ ନିର୍ଦ୍ଦେଶ ଦେଲା । ମହେନ୍ଦ୍ର ବାବୁ ସେ ଚିଠି ଖଣ୍ଡିକ ରାମନାରାୟଣ ବାବୁଙ୍କ ହାତରେ

ଗୁଞ୍ଜି ଦେଇ ଖୁବ୍ ଜୋରରେ ହାତ ମୁଠାକୁ ଚିପି ଦେଇ ସେ ଘରୁ ଅନ୍ତର ହୋଇଗଲେ ।

× × × ×

ସକାଳୁ ଏସ୍. ପି.ଙ୍କ ଘରୁ ଚୋର ଯାଇଛି ବୋଲି ସହରରେ ହୁଲସ୍ଥୁଲ ପଡ଼ିଗଲା । ପୁଲିସ୍ ବିଭାଗରେ ସବୁ ବଡ଼ ବଡ଼ ହାକିମ ତାଙ୍କର ବଙ୍ଗଳାରେ ରୁଣ୍ଡ ହୋଇଗଲେ । ରାମନାରାୟଣ ବାବୁ ରାତରେ ଘଟିଥିବା ଘଟଣା ଶୁଣାଇ ଶୁଣାଇ ଖଟ ପାଖରେ ଖଣ୍ଡେ ମୋଡ଼ାମୋଡ଼ି ହୋଇ ପଡ଼ିଥିବା କାଗଜ ପ୍ରତି ତାଙ୍କର ନଜର ପଡ଼ିଲା । ତାଙ୍କର ଖିଆଲ ଅସିଲା—ଶେଷବେଳକୁ ଏହି କାଗଜ ଭଳି କ'ଣ ଗୋଟାଏ ଜିନିଷ ତାଙ୍କ ହାତରେ କିଏ ଗୁଞ୍ଜିଦେଇ ଯାଇଥିଲା । କୌତୁହଳରେ ସେ ଖଣ୍ଡିକ ଉଠାଇ ଫିଟାଇ ପକାଇ ଯାହା ପଢ଼ିଲେ ସେଥିରେ ସେ କ୍ଷଣକରେ ସବୁ କଥାକୁ ଭୁଲି ଆନନ୍ଦରେ ଲୁଚ୍ଛିଲି ଉଠିଲେ । ଏ ବିପଦବେଳେ ତାଙ୍କ ମୁହଁରେ ହସ ଦେଖି ସେ ଚିଠି ଖଣ୍ଡିକ ସମସ୍ତେ ଥରକୁ ଥର ପଢ଼ିବାକୁ ଲାଗିଲେ । ପଢ଼ିସାରି ମହେନ୍ଦ୍ର ବାବୁଙ୍କର ପ୍ରଶଂସା ନ କରି କେହି ରହି ପାରିଲେ ନାହିଁ । ପୋଲିସ ମହଲରେ ଗୁହଳୀ ଖେଳିଗଲା ଓ ସଙ୍ଗେ ସଙ୍ଗେ ଯୋଗାଡ଼ ମଧ୍ୟ ଲାଗିଗଲା ।

× × × ×

ପ୍ରାୟ ଦଶହଜାର ଟଙ୍କାର ଜିନିଷର ସନ୍ଧାନ ମହେନ୍ଦ୍ର ବାବୁ ପ୍ରଥମ ଥର ବତାଇ ଦେଇଥିବାରୁ ସ୍ୱାମୀବାବା ତାଙ୍କ ଉପରେ ଯେତିକି ସନ୍ତୁଷ୍ଟ, ଅନ୍ୟମାନେ ବି ସେତିକି । ବର୍ତ୍ତମାନ ସମସ୍ତଙ୍କ ଆଗରେ ମହେନ୍ଦ୍ର ବାବୁ ଖୁବ୍ ବିଶ୍ୱାସୀ । ସେଥିପାଇଁ ସେଠାରେ କୌଣସି ଗୁପ୍ତ ଜିନିଷ ଆଉ ତାଙ୍କୁ ଲୁଚି ଛପା ନାହିଁ ।

ଗ୍ରହଣ ରାତ ରହିଲା ମୋଟେ ତିନିଦିନ । ସେଥିପାଇଁ ସେମାନଙ୍କ ଭିତରେ ଖୁବ୍ ଉତ୍ସାହ ଓ ଆନନ୍ଦ ଖେଳିଯାଇଛି । ଅନେକ

ଅଜ୍ଞ ଅନେକ ସେଠିକାର ଗୁପ୍ତଚର ମଧ୍ୟ ଧନ ସମ୍ପତ୍ତି ଅଣି ସେଠାରେ ଜୁଣ୍ଡ ହୋଇ ଗଲେଣି । ଦୁଇଟି ବାଳିକା ମଧ୍ୟ ଅଣାହୋଇ ବଳି ଉଦ୍ଦେଶ୍ୟରେ ନିଭୃତ କୋଠରୀରେ ରଖାଯାଇଛନ୍ତି ।

ସେଦିନ ମହେନ୍ଦ୍ର ବାବୁ ତାଙ୍କ ଖଟିଆ ଉପରେ ବସି ଏଣୁ ତେଣୁ କେତେ କଥା ଭାବୁଛନ୍ତି । ଗ୍ରହଣ ଦିନ ରାତି ଦୁଇଟାବେଳେ ତାଙ୍କ ଜୀବନରେ ଯେଉଁ ମୁହୂର୍ତ୍ତି ହେବ, ସେଇ କଥା ତାଙ୍କ ମନକୁ ଅସ୍ଥିର କରି ପକାଉଛି । ହଠାତ୍ ଉର୍ମିଳା ସେ ଘରକୁ ପଶି ଆସି କହିଲା—ଶୋଇ ନାହାନ୍ତି ନା ? କ'ଣ ଭାବୁଛନ୍ତି ?

ମହେନ୍ଦ୍ର ବାବୁ କହିଲେ—ଅଉ ଭାବିବି କ'ଣ ? ସେହି କଟକରେ ଜଣକ ଘରେ ୨୦ ହଜାର ଟଙ୍କା ନଗଦ ପୋତା ହୋଇଅଛି ବୋଲି ମୁଁ ଖବର ରଖିଛି । ସେଇତକ କିପରି କୌଶଳରେ ହାତ ପକାଇବାକୁ ହେବ, ସେଇ କଥାହିଁ ଭାବୁଛି । ତୁମେ ପରା କହୁଥିଲ ଉର୍ମିଳା, ମାଳତୀ ନିଶ୍ଚୟ ଆସିବ; କାହିଁ ଏ ପର୍ଯ୍ୟନ୍ତ ତ ଆସିଲା ନାହିଁ ?

ଉର୍ମିଳା କହିଲା—ମାଳତୀ ନିଶ୍ଚୟ ଆସିବ, ଆଜି ରାତିରେ ନ ହେଲେ କାଲି ନିଶ୍ଚୟ ଆସି ପହଞ୍ଚିବ । ତା' ପାଇଁ ଏତେ ବ୍ୟସ୍ତ କାହିଁକି ? ଉର୍ମିଳା ମୁରୁକି ହସିଲା ।

ମହେନ୍ଦ୍ର ବାବୁ କହିଲେ—ବସ୍ତୁସ୍ତ ଖୁବ୍ ଭଲ ମଣିଷଟିଏ ।

ତହିଁ ଆରଦିନ ସକାଳୁ ମହେନ୍ଦ୍ର ବାବୁ ଉଠି ନାହାନ୍ତି, ମାଳତୀ ତାଙ୍କୁ ହଲାଇ ପକାଇଲା । ମହେନ୍ଦ୍ର ବାବୁ ନିଦ ଗର ଗର ହୋଇ ଅନାଇଁ ଦେଲେ—ତାଙ୍କ ଆଗରେ ମାଳତୀ । ତାଙ୍କର ହଠାତ୍ ବିଶ୍ୱାସ ହେଲା ନାହିଁ । ସେ ଖଟ ଉପରେ ବସିପଡ଼ି ଆଖି ମଳି ଅନାଇଲେ—ସେ ଅନ୍ୟ କେହି ନୁହେଁ—ମାଳତୀ ।

ହୋଇ ଏଣେ ତେଣେ ପଡ଼ିଛନ୍ତି । କିଏ ବଳି ଦେଖିବାପାଇଁ ଟୋକେଇ ଟୋକେଇ ସେହି ଆଡ଼କୁ ଅନାଇଛି ।

ମହେନ୍ଦ୍ର ବାବୁ ବାଧହୋଇ ସାମାନ୍ୟ ମଦ ଖାଇଥିଲେ ବି ତାଙ୍କର ବେଶ୍ ଚେତା ଥିଲା । ତାରାସିଂହ ଖୁବ୍ ମଦ ପିଇ ଚିତ୍‌ହୋଇ କୁମ୍ଭକର୍ଣ୍ଣ ପରି ନାକଡ଼ାକି ପଡ଼ିଛି—ତା' ଅଳ୍ପ ଦୂରରେ ତାର ଅସ୍ତ୍ରଶସ୍ତ୍ର ଘରର ଚାବିକାଠି ପଡ଼ିଛି । ତାରାସିଂହ ସେ ଚାବିକାଠି କାହାକୁ ଭୁଲରେ ବି ଧରିବାକୁ ଦେଇ ନାହିଁ, ମହେନ୍ଦ୍ର ବାବୁ ମିଛିମିଛିକା ତାର ପାଖରେ ଶୋଇ ଚାବିକାଠି ହସ୍ତଗତ କରି ନେଲେ ।

ଦୁଇଟା ବାଜିଲା । ମହେନ୍ଦ୍ର ବାବୁ ଜାଣିଥିଲେ—ସ୍ୱାମୀବାବା ଅଢ଼େଇଟା ପୂର୍ବରୁ କେବେ ଉଠିବେ ନାହିଁ । ଅନ୍ୟମାନଙ୍କର ଏକରକମ ଚେତା ନାହିଁ, ସେତେବେଳେ କିଏ କାହାକୁ ବା ଖୋଜୁଛି ? ଆଜି ମୋଟେ ତିରିଶଟି ମିନିଟ୍ ବାକି, ହୁଏତ ସେଇ ସମୟ ଭିତରେ ମରିବେ—ନଚେତ୍ ଏହି ଡକାୟତଦଳଙ୍କୁ ସମୂଳେ ବିନାଶ କରିବେ । ହାତରେ ଗୋଟିଏ ଟର୍ଚ୍ଚଲାଇଟ୍ ନେଇ ବଡ଼ ସତର୍କରେ ଗୁମ୍ଫାପରେ ଗୁମ୍ଫା ପାର ହେବାକୁ ଲାଗିଲେ । ଅଜଣା ଆଶଙ୍କାରେ ତାଙ୍କ ଛାତି ଥରୁଥାଏ । ସେହି କେତେ ଘଣ୍ଟାକ ପାଇଁ ସେଦିନ କେବଳ ପାହାଡ଼ ତଳକୁ ପ୍ରବେଶ ଦ୍ୱାର ମୁକ୍ତ ଥିଲା ।

ମହେନ୍ଦ୍ର ବାବୁ ପ୍ରବେଶ ଦ୍ୱାରରେ ଠିଆହୋଇ ଚାରିଆଡ଼କୁ ଥରେ ଅନାଇଲେ । ତା ପରେ ମନେ ମନେ ଭାବିଲେ—ଯଦି ଦୈବାତ୍ କେହି ନ ଆସିଥାନ୍ତି, ତାହାହେଲେ ସର୍ବନାଶ ହେବ । ଅକାରଣରେ ତିନୋଟି ନିରୀହ ବାଳିକା ବଳି ପଡ଼ିବେ । ଭଗବାନଙ୍କୁ ଡାକି ତିନିଥର ଆଲୁଅ ଦେଖାଇବାକୁ ଲାଗିଲେ ।

ରାମନାରାୟଣ ବାବୁ କମ୍ ଚତୁର ନୁହନ୍ତି । ସେ ଯେପରି ସବୁ କଥା ଜାଣି ଖୁବ୍ ଅଳ୍ପ ଦୂରରେ ଅପେକ୍ଷା କରି ରହିଥିଲେ । ଆଲୁଅ

ଲିଭିବାର ପ୍ରାୟ ଦୁଇମିନିଟ ପରେ ନିଜେ ରାମନାରାୟଣ ବାବୁ ଏବଂ ଅନ୍ୟ ସୁଚତୁର ୨୩ ଜଣ ପୋଲିସ ସେଠାରେ ରୁଣ୍ଡ ହୋଇଗଲେ । ସମସ୍ତଙ୍କର କଳା ପୋଷାକ, ହାତରେ ଏକାଥରେ ୧୪ ଥର ଗୁଳି ଫୁଟିବାର ପିସ୍ତଲ ।

ସମସ୍ତେ ମହେନ୍ଦ୍ରବାବୁଙ୍କ ପାଖରେ ପହଞ୍ଚିବା ସଙ୍ଗେ ସଙ୍ଗେ ଆଉ ମୁହୂର୍ତ୍ତେ କାଳ ବିଳମ୍ବ ନକରି ମହେନ୍ଦ୍ରବାବୁ ସେମାନଙ୍କୁ ତା' ଭିତରକୁ ନେଇ ବଡ଼ ସାବଧାନରେ ଭିନ୍ନ ଜାଗାରେ ଲୁଚାଇ ରଖିଲେ ଏବଂ ମହେନ୍ଦ୍ରବାବୁ ଓ ରାମନାରାୟଣ ବାବୁ ବଳି ପଡ଼ିବା ସ୍ଥାନ ଦେଖାଯାଉଥିବା ଗୋଟାଏ ନିହାତି ଅନ୍ଧାରିଆ ଜାଗାରେ ଅପେକ୍ଷା କରି ରହିଲେ । ରାମନାରାୟଣ ବାବୁ ପକେଟରୁ ଆଉ ଗୋଟିଏ ଅଧିକା ପିସ୍ତଲ ମହେନ୍ଦ୍ରବାବୁଙ୍କ ହାତକୁ ବଢ଼ାଇଦେଇ ଚୁପ୍ ଚୁପ୍ କରି କାନ ପାଖରେ କହିଲେ—ଆପଣ ସୁବିଧା ଦେଖି ପିସ୍ତଲ ବ୍ୟବହାର କରିପାରନ୍ତି । ମହେନ୍ଦ୍ରବାବୁ ସେ ପିସ୍ତଲ ଲୁଚାଇ ରଖି କହିଲେ—ତାହାହେଲେ ଆପଣ ଏଠି ରହନ୍ତୁ । ମୁଁ ଅନ୍ୟ ପାଖକୁ ଯାଉଛି—ମୋର ପିସ୍ତଲ ଫୁଟିଲେ ଆପଣ ହୁଇସିଲ୍ ଦେବେ ।

ସାଢ଼େ ଦୁଇଟା । ସ୍ୱାମୀବାବା ଧ୍ୟାନରୁ ଉଠି ଚାରିଅଡ଼କୁ ଅନାଇଲେ । ତା' ପରେ ପାଖରେ ବସି ଢୋଲାଉଥିବା ଜଣଙ୍କ ଦେହରେ ହାତ ମାରିଦେବା ସଙ୍ଗେ ସଙ୍ଗେ ସେ ଜଣଙ୍କ ଉଠି ଅନ୍ୟମାନଙ୍କୁ ଉଠାଇଦେଲା । ସେଥିମଧ୍ୟରୁ ପ୍ରାୟ ଅଧିକାଂଶ ଉଠି ଠିଆହୋଇ ପଡ଼ିଲେ ।

ସ୍ୱାମୀବାବା ସଙ୍କେତ ଦେଲେ—ବଳି ଏଇକ୍ଷଣି ପଡ଼ିବ । ସଙ୍ଗେ ସଙ୍ଗେ ପ୍ରାୟ ଚାରିଜଣ ଲୋକ ଗୋଟାଏ ବାଳିକାକୁ ମୁହଁ ହାତ ବାନ୍ଧି ଟେକିନେଇ ଆସି ଅର୍ଗଳ ଭିତରେ ପୂରାଇଦେଲେ । ଘାତକ ଜଣକର ସେହି ବିରାଟ ଖଡ୍‌ଗଟି ଠିକ୍ ସ୍ୱାମୀବାବାଙ୍କ ଆଦେଶକୁ ଅପେକ୍ଷା କରି ରହିଥିଲା ।

ମହେନ୍ଦ୍ରବାବୁ ଦେଖିଲେ, ସେ ବାଳକଟି ଆଉ କେହି ନୁହେଁ—ହୈମ। ତାର ଗୋଡ଼ ହାତ ହଲାଇବାର ଆଉ ଉପାୟ ନ ଥିଲା; ମହେନ୍ଦ୍ର ବାବୁଙ୍କ ଟିପ ପିସ୍ତଲ ଘୋଡ଼ାଆ ଉପରେ ଠକ୍ ଠକ୍ ହେଉଥାଏ।

ସ୍ୱାମୀବାବା ମନ୍ତ୍ର ପଢ଼ିବେଲପତ୍ର ପକାଇଲେ। ଅଳ୍ପର ବି ପୂଜା ବାକି; ମହେନ୍ଦ୍ରବାବୁ ଶେଷ ପୂଜା ସମୟକୁ ଅପେକ୍ଷା ନ କରି ସେହି ଘାତକକୁ ଲକ୍ଷ୍ୟକରି ପିସ୍ତଲ ଛୁଟାଇଲେ। ଆଖି ପିଛୁଡ଼ାକେ ଘାତକଟା ଗଛ କାଟିଲା ପରି ତଳେ ପଡ଼ି ବାଡ଼େଇପିଟି ହେବାକୁ ଲାଗିଲା। ରାମନାରାୟଣ ବାବୁ ହୁଇସିଲ ମାରି, ପିସ୍ତଲ ଧରି କହି ଉଠିଲେ—ଏମାନଙ୍କୁ ଦଫାଟା କରି ଦେବାପାଇଁ ସମସ୍ତେ ପିସ୍ତଲ ଚଳାଅ। ପିସ୍ତଲ ଆବାଜ୍‌ରେ ପାହାଡ଼ ତଳ କମ୍ପିବାକୁ ଲାଗିଲା।

ସେଠି ମଦ ପିଇ ପଡ଼ିଥିବା ସମସ୍ତ ଡକାୟତ ଦଳ ଉଠି ଆକ୍ରମଣ କରିବାକୁ ଲାଗିଲେ; କିନ୍ତୁ ସବୁ ବୃଥା ହେଲା। ତାରସିଂହ ହଠାତ୍ ତା ଅସ୍ତ୍ର ଶସ୍ତ୍ର ଥିବା ଘରଟାକୁ ପଳାଇବା ପାଇଁ ଗୁରି ଖୋଜିଲାକ୍ଷଣି, ଗୁରି ଯେ ଅଣ୍ଟାରେ ନାହିଁ—ଆଉ ଉପାୟ! ତାକୁ ଚାରିଆଡ଼ ଅନ୍ଧାର ଦେଖାଗଲା। ସେ ଖାର ବେଗରେ ଜଣେ ପୋଲିସ୍ ଉପରେ ଚଢ଼ାଉ କଲାକ୍ଷଣି, ରାମନାରାୟଣ ବାବୁ ଲକ୍ଷ୍ୟ କରି ତା ମୁଣ୍ଡକୁ ପିସ୍ତଲ ମାରିଦେଲେ। ଚିତ୍କାର କରି ଲୋକଟା ତଳେ ପଡ଼ିଗଲା। ମହେନ୍ଦ୍ରବାବୁ ତରତର କରି ହୈମକୁ ଅର୍ଗଳି ଭିତରୁ ବାହାର କରିଦେଲେ; ହୈମ ଅବାକାବା ହୋଇ ଗୋଟିପଣ ଅନୁଥାଏ।

ମହେନ୍ଦ୍ର ବାବୁ ହୈମକୁ ଫିଙ୍ଗାଇ ସ୍ୱାମୀବାବାଙ୍କ ଆଡ଼କୁ ଅନାଇଲେ—କାହାନ୍ତି ସେ? କାହିଁ ତାଙ୍କର କାଳୀମୂର୍ତ୍ତି? ତା ବଦଳରେ ସେଠି ପଡ଼ିଯାଇଛି, ଗୋଟାଏ ବିରାଟ ପ୍ରସ୍ତର ଖଣ୍ଡ। ଏଥି ମଧ୍ୟରେ ବଞ୍ଚିଥିବା ଲୋକଗୁଡ଼ାକୁ ପୋଲିସ ହାତକଡ଼ି ଦେବାରେ ଲାଗିଥାନ୍ତି।

ମହେନ୍ଦ୍ର ବାବୁ, ରାମନାରାୟଣ ବାବୁଙ୍କୁ ଧରି ସ୍ତ୍ରୀଲୋକମାନେ ଯେଉଁଠି ଥାଆନ୍ତି ସେଇଠିକୁ ଦୌଡ଼ିଗଲେ; କିନ୍ତୁ ଯାହା ଦେଖିଲେ- ସେଥିରେ ତାଙ୍କ ଆଖି ଖୋସି ହୋଇଗଲା । ସମସ୍ତେ ଶୋଇଛନ୍ତି; କିନ୍ତୁ ସେମାନଙ୍କ ଦେହରେ ଜୀବନ ଆଉ ନାହିଁ । ଊର୍ମିଳା ତା ଭିତରେ ମଧ୍ୟ ମରି ଶୋଇଛି । ସେ ସମସ୍ତଙ୍କୁ ଦେଖି ଦେଖି ମହେନ୍ଦ୍ରବାବୁ କହିଲେ—ଏମାନଙ୍କ ପାଖରେ ଏକରକମ ହଳାହଳ ବିଷ ଥାଏ । ବିପଦ ପଡ଼ିଲେ ପାଟିରେ ଦେଇ ମରିଯିବା ପାଇଁ ସ୍ୱାମୀବାବାଙ୍କର ଆଦେଶ ପାଳନ କରିଛନ୍ତି ।

ରାତି ପାହିଲବେଳକୁ ସମସ୍ତ କାମ ଶେଷ ହୋଇଗଲା । ମହେନ୍ଦ୍ର ବାବୁ ଝୁନୁକୁ ସାଙ୍ଗରେ ଧରି ହସି ହସି କହିଲେ—"ମୋତେ ବୋଧହୁଏ ଚିହ୍ନିପାରୁନାହିଁ । ମୁଁ ମହେନ୍ଦ୍ରବାବୁ, ସି. ଆଇ. ଡି. । ଏ ଡକାୟତ ଦଳଙ୍କୁ ଧରିବାପାଇଁ ଏଠିକୁ ଆସିଥିଲି । ତମ ଭଉଣୀଙ୍କୁ ଦେଖିବ ଚାଲ । ସେ ଲଜ୍ଜାରେ ଆପେ ଆପେ ବିଷ ଖାଇ ମରିଛି । ସେହି ତମକୁ ବଳି ଦେବାପାଇଁ ଷଡ଼ଯନ୍ତ୍ର କରିଥିଲା ।

ଭୟରେ ଝୁନୁର ବୁଦ୍ଧିବୃତ୍ତି ଲୋପ ପାଇ ଯାଇଥିଲା । ମହେନ୍ଦ୍ର ବାବୁଙ୍କୁ ଚିହ୍ନିପାରି ତାଙ୍କର ମୁହଁକୁ କେବଳ ଛଳ ଛଳ ନେତ୍ରରେ ଅନାଇଲା । ମହେନ୍ଦ୍ର ବାବୁ ଅତି ସୋହାଗରେ ତା ଓଠକୁ ହଲାଇଦେଇ କହିଲେ—କିଛି ଭୟ ଆଉ ନାହିଁ, ମୁଁ ଅଛି ପରା ।

ସକାଳୁ ସକାଳୁ ପାହାଡ଼ ଆଖ ପାଖରେ ହୁଲ୍‌ସ୍ଥୁଲ୍ ପଡ଼ିଗଲା । କଟକରୁ ବହୁତ ପୋଲିସ ଅଫିସର ସେଠାରେ ପହଞ୍ଚିଗଲେ । ଗାଉଗଡ଼ ସୁନା, ଝଙ୍କା, ମଲ୍ଲ ମୁଦ୍ଦାର ଏବଂ ପ୍ରାୟ ୧୫ ଜଣ ସରିକି ଡକାୟତ ବନ୍ଦୀହୋଇ କଟକ ଅଣା ହେଲେ ।

କିନ୍ତୁ ସମସ୍ତଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା···ସ୍ୱାମୀବାବା, କାଳୀମୂର୍ତ୍ତି ଏବଂ ମାଳତୀର ଅନ୍ତର୍ଦ୍ଧାନ ହେବା କଥା । ଯେତେ ତନ୍ନ ତନ୍ନ କରି ଖୋଜିଲେ ମଧ୍ୟ କେଉଁଠି କିଛି ପତ୍ତା ମିଳିଲା ନାହିଁ ।

ସେ ଦିନ ଖଣ୍ଡଗିରି ରୋଡ୍ ଷ୍ଟେସନର ଗୋଟାଏ ଭଲଭ ଗାଡ଼ିରେ ରାମନାରାୟଣ ବାବୁ, ମହେନ୍ଦ୍ର ବାବୁ ଏବଂ ଟୁନି ସହିତ ଅନ୍ୟ ଦୁଇଟି ବାଳିକା ପହଞ୍ଚିଲାବେଳକୁ ଗାଡ଼ି ସମୟ ହୋଇ ଯାଇଥିଲା । ସମସ୍ତେ କଟକ ଫେରି ଆସିଲେ । ସେ ଦିନ ଟାଉନ ସାରା, ରାସ୍ତା ଘାଟ, ହାଟ ବଜାର, ପାନ ଦୋକାନ—ସବୁଠି ସେଇ ଡକାୟତ ଦଳର କଥା । ମହେନ୍ଦ୍ର ବାବୁଙ୍କର ସବୁଠି ପ୍ରଶଂସା ।

ପ୍ରାଣଧନ ବାବୁଙ୍କ ଘରେ ଗୁରୁଦିନ ହେଲା ଟୁନି ହରଣଗୁଲ ହେବାଠୁଁ—ଚୁଲି ଜଳାଯାଇ ନ ଥିଲା । ପ୍ରାଣଧନ ବାବୁ ଯେମିତି ଶୁଣିଲେ—ଡକାୟତଦଳରୁ ଟୁନିକୁ ମହେନ୍ଦ୍ର ବାବୁ ଉଦ୍ଧାର କରି ଆଣିଛନ୍ତି, ସେମିତି ସେ ମଟର ନେଇ ପୋଲିସ୍ ସାହେବଙ୍କ ଘରକୁ ଦଉଡ଼ିଗଲେ ।

ଟୁନି ପ୍ରାଣଧନ ବାବୁଙ୍କୁ ଦେଖି କୁଣ୍ଢାଇ ପକାଇଲା । ରାମନାରାୟଣ ବାବୁ ବଳି ପଡ଼ିବା ଅବସ୍ଥାରୁ କପରି ଟୁନି ଉଦ୍ଧାର ପାଇଲା—ସବୁ ଗୋଟି ଗୋଟି କରି କହି ମହେନ୍ଦ୍ର ବାବୁଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ପ୍ରାଣଧନ ବାବୁ ଆନନ୍ଦରେ ମହେନ୍ଦ୍ର ବାବୁଙ୍କୁ କୁଣ୍ଢାଇ ପକାଇ କହିଲେ—ବାବା, ତମେ ତାକୁ ମରଣ ମୁହଁରୁ ଉଦ୍ଧାର କରିଛ-ସେ ତମର ସବୁଦିନ ହୋଇ ରହିଲା । ରାମନାରାୟଣବାବୁ ଖଣ୍ଡେ ସିଗାରେଟ୍ ଲଗାଇ ମୁରୁକି ହସି କହିଲେ—ପ୍ରାଣଧନ ବାବୁ ଠିକ୍ ବିଚାର କରିଛନ୍ତି । ମହେନ୍ଦ୍ର ବାବୁ ତଳକୁ ମୁହଁ ପୋତିଲେ. ଟୁନି ଆଉ ସିଆଡ଼କୁ ଚାହିଁଲା ନାହିଁ ।

ଡକାୟତଦଳ ଭିତରୁ କାହାକୁ ଯାବତ୍‌ଜୀବନ, କାହାକୁ ୨୦ ବର୍ଷକର କଠିନ୍ ଜେଲଦଣ୍ଡ ଦିଆଗଲା—କିନ୍ତୁ ବହୁବାର ଚେଷ୍ଟାକରି ସୁଦ୍ଧା, ସ୍ୱାମୀବାବା ଆଉ ମାଳତୀର ପତ୍ତା ମିଳିଲା ନାହିଁ । ଅନ୍ୟ ଝିଅ ଦୁଇଟିଙ୍କୁ ସେମାନଙ୍କର ବାପ ମାଆ ଆସି ନେଇଗଲେ ଏବଂ ଚୋରି ଯାଇଥିବା ଅଳଙ୍କାରପତ୍ର ପ୍ରମାଣ ନେଇ ଯେଝା ଜିନିଷ ଯେଝାଙ୍କୁ ଫେରାଇ ଦିଆଗଲା ।

ତା ଛଡ଼ା ଯେଉଁ ବେଶ୍ୟାମାନଙ୍କ ସାହାଯ୍ୟରେ ଡକ୍ଟାୟୁଡ଼ଦଳ ସହରରେ କାରବାର କରୁଥିଲେ; ପୋଲିସ ହାତରେ ସେମାନଙ୍କୁ କଠିନ ଦଣ୍ଡ ଏବଂ ବହୁତ ବର୍ଷ ଧରି ସଶ୍ରମ ଜେଲ ଦେବାର ଅଢ଼ ବାକି ରହିଲା ନାହିଁ ।

× × × ×

ସନ୍ଧ୍ୟା ପାଞ୍ଚଟା । କାଠଯୋଡ଼ିରୁ ଶୀତଳ ପବନ ସିର୍ ସିର୍ ହୋଇ ବହି ଆସୁଥିଲା । ପ୍ରାଣଧନବାବୁ ଅଫିସ ଘରେ ବସି ବିବାହ ସାମଗ୍ରୀର ଅଗରୁ ତାଲିକା କରୁଥିଲେ । ମହେନ୍ଦ୍ର ବାବୁ ଅଫିସ ଭିତରକୁ ପଶିଆଇ ପ୍ରାଣଧନ ବାବୁଙ୍କୁ ନମସ୍କାର କଲେ ।

ପ୍ରାଣଧନ ବାବୁ ଆନନ୍ଦ ପ୍ରକାଶ କରି କହିଲେ—"ଭିତରକୁ ଯାଅ ବାବା, ତମର ତ ଏ ଘର । ଲଜ ଅଉ କାହାକୁ ?

ମହେନ୍ଦ୍ର ବାବୁ ଚାକରକୁ ପଚାରିଲେ—ଝୁନୁ ଦେଇ କାହାନ୍ତି ? ଚାକର କହିଲା—ଉପରେ ସେ କଣଘରେ ବସିକି ବହି ପଢ଼ୁଛନ୍ତି । ମହେନ୍ଦ୍ର ବାବୁ ଚୁପ୍ ଚୁପ୍ ସେହି ଘରକୁ ପଶିଗଲେ ?

ଝୁନୁ ବୋଧହୁଏ ଆଗରୁ ତାଙ୍କୁ ଦେଖିଥିଲା । ମହେନ୍ଦ୍ର ବାବୁ ଘର ଭିତରକୁ ପଶିଯିବା ସଙ୍ଗେ ସଙ୍ଗେ ଝୁନୁ ଲଜ ଲଜ ହୋଇ ହସି କହିଲା—ତମେ ଏଠୁ ଯା, ତମକୁ ଲଜ ନାହିଁ—ଡଥିପରି ରହିଲା•••ଝୁନୁ ହସି ହସି ସେ ଘରୁ ବାହାରି ଯାଉଥିଲା, ମହେନ୍ଦ୍ର ବାବୁ ହସି ହସି ବାଟ ଓଗାଳି କହିଲେ—କୁଆଡ଼େ ଯାଉଛ ? ରୁହ । ତମେ ଆଜିକାଲି ଝୁନୁ ବଡ଼ ଅଭଦ୍ର ହେଲଣି ।

ଝୁନୁ ତାଙ୍କ ମୁହଁକୁ ଚାହିଁ, ମୁରୁକି ମୁରୁକି ଦୁଷ୍ଟାମୀ ହସ ହସିଲା ।

—ସ-ମା-ପ୍ତ—

ମୁଦ୍ରାକର—ଶ୍ରୀ ଦାଶରଥି ଦାସ, ଦାଶରଥି ପ୍ରେସ, କଟକ—୧୯୫୭

ପଞ୍ଚମ ସଂସ୍କରଣ—୧୯୫୭

ନଂ ୨୮୭
ତା 17 JUL 1959

ମୂଲ୍ୟ ଏକଟଙ୍କା ମାତ୍ର